୬
e-paper www.sambadkalika.in
ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
# ସମ୍ବାଦ କଳିକା
TM
The Sambad Kalika
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
E-mail : sambadkalikanews@gmail.com
● ବର୍ଷ–୩୨ ● ସଂଖ୍ୟା–୨୩୩ ● ୨୦ ସେପ୍ଟେମ୍ବର ୨୦୨୫, ଶନିବାର ● ଭୁବନେଶ୍ୱର ● Vol -32 ● Issue-233 ● 20th September 2025, Saturday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


## ଏସିଆ କପ୍ : ଓମାନ୍‌କୁ ୨୧ ରନ୍‌ରେ ହରାଇଲା ଭାରତ








### ଚାଷୀ ସମସ୍ୟା ଓ ସାର ଅଭାବ ପ୍ରସଙ୍ଗ : ବିଜେଡ଼ିର ନାରାବାଜି-ହଙ୍ଗାମା ଯୋଗୁଁ ଗୃହ ଅଚଳ

# କଂଗ୍ରେସର ଅନାସ୍ଥା ପ୍ରସ୍ତାବ ଉପରେ ନିଷ୍ପତ୍ତି ଶୁଣାଇ ପାରିଲେନି ବାଚସ୍ପତି

**ଭୁବନେଶ୍ୱର, ୧୯।୯**
**ନ୍ୟୁଜ୍ ବ୍ୟୁରୋ**

ଶୁକ୍ରବାର ବିଧାନସଭା ମୌସୁମୀ ଅଧିବେଶନର ଦ୍ୱିତୀୟ ଦିନ ବୈଠକ ଆରମ୍ଭରୁ ମୁଖ୍ୟ ବିରୋଧୀ ଦଳ ବିଜେଡ଼ିର ବିଧାୟକମାନେ ଚାଷୀ ସମସ୍ୟା ଓ ସାର ଅଭାବ ପ୍ରସଙ୍ଗକୁ ନେଇ ଗୃହ ମଝିରେ ସରକାର ବିରୋଧୀ ନାରାବାଜି ଚଳାଇବାରୁ ତୁମୁଳ ହଙ୍ଗାମା ସୃଷ୍ଟି ହୋଇଥିଲା। ବାଚସ୍ପତି ସୁରମା ପାଢ଼ୀ ପ୍ରଶ୍ନୋତ୍ତର କାଳ ଶେଷ ହେଲା ପରେ ଏ ପ୍ରସଙ୍ଗ ଉଠାଇବେ ବୋଲି ପରାମର୍ଶ ଦେବା ସହ ନିଜ ନିଜ ଆସନକୁ ଫେରିଯିବାକୁ ଅନୁରୋଧ କରିଥିଲେ। ହେଲେ ବିଜେଡି ବିଧାୟକମାନେ ବାଚସ୍ପତିଙ୍କ ପୋଡିୟମ ସମ୍ମୁଖରେ ଏକଜୁଟ୍ ହୋଇ ହାତରେ ପ୍ଲାକାର୍ଡ, ବ୍ୟାନର, ପୋଷ୍ଟର ଧରି ପ୍ରଦର୍ଶନ କରିବା ସହ ଉଚ୍ଚ ସ୍ୱରରେ ଚାଷୀ ମାରଣ ନୀତି ଚଳିବ ନାହିଁ, ଚାଷୀଙ୍କୁ ପର୍ଯ୍ୟାପ୍ତ ସାର ଯୋଗାଇ ଦେବା ଆମର ଦାବି ଆଦି ସ୍ଲୋଗାନ ଦେଇଥିଲେ।



ହଙ୍ଗାମା ମଧ୍ୟରେ ବାଚସ୍ପତି ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଚଳାଇବାକୁ ଉଦ୍ୟମ କରିଥିଲେ ହେଁ ତାହା ସମ୍ଭବ ହୋଇନଥିଲା। ହଙ୍ଗାମା ତୀବ୍ରତର ହେବାରୁ ବାଚସ୍ପତି ୪ ମିନିଟ୍ ପରେ ଅର୍ଥାତ୍ ୧୦ଟା ୩୪ ମିନିଟ୍‌ରେ ଗୃହକୁ ଅପରାହ୍ନ ୪ଟା ଯାଏଁ ମୁଲତବୀ କରିଥିଲେ। ଏଥିଯୋଗୁ ପ୍ରଥମାର୍ଦ୍ଧ ବୈଠକରେ କୌଣସି କାର୍ଯ୍ୟକ୍ରମ ସମ୍ପାଦିତ ହୋଇପାରି ନଥିଲା। ଦ୍ୱିତୀୟାର୍ଦ୍ଧ ବୈଠକରେ ମଧ ଗୃହରେ ଅନୁରୂପ ପରିସ୍ଥିତି ଦେଖାଦେଇଥିଲା। ଅପରାହ୍ନ ୪ଟାରେ ବାଚସ୍ପତି ଗୃହ କାର୍ଯ୍ୟ ଆରମ୍ଭ କରିବା ମାତ୍ରେ *(ପୃଷ୍ଠା ୭ରେ)*

## ୫ କଂଗ୍ରେସ ବିଧାୟକଙ୍କ ନାମରେ ସ୍ୱାଧିକାର ଭଙ୍ଗ ନୋଟିସ

**ଭୁବନେଶ୍ୱର, ୧୯।୯**
**ନ୍ୟୁଜ୍ ବ୍ୟୁରୋ**

ଶୁକ୍ରବାର ବିଧାନସଭାରେ ବିଜେପି ବିଧାୟକ ପଦ୍ମଲୋଚନ ପଣ୍ଡା ୫ଜଣ କଂଗ୍ରେସ ବିଧାୟକଙ୍କ ନାମରେ ସ୍ୱାଧିକାର ଭଙ୍ଗ ନୋଟିସ ଦେଇଛନ୍ତି। ସରକାରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ନୋଟିସ୍ ବାଚସ୍ପତିଙ୍କୁ ଦେବା ପୂର୍ବରୁ ମିଡିଆ ଆଗରେ ତାହାର ପ୍ରଚାର କରିଥିବାରୁ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡ଼ାମ, ତାରାପ୍ରସାଦ ବାହିନୀପତି, ସୋଫିଆ ଫିର୍ଦ୍ଦୋଷ, ସିଏସ୍ ରାଜନଏକ୍କା ଏବଂ ଅଶୋକ ଦାସଙ୍କ ନାମରେ ଏହି ନୋଟିସ୍ ଦିଆଯାଇଛି। ବାଚସ୍ପତି ସୁରମା ପାଢ଼ୀ ମଧ ଗୃହକୁ ଏ ସମ୍ପର୍କରେ ଅବଗତ କରାଇଛନ୍ତି।

# ୪,୭୩୯ କୋଟିର ୨୫ ପ୍ରକଳ୍ପକୁ ଏସ୍‌ଡବ୍ଲ୍ୟୁସିଏର ମଞ୍ଜୁରୀ

## ୨୫,୨୦୦ ନିଯୁକ୍ତି ସୁଯୋଗ ସୃଷ୍ଟି ଲକ୍ଷ୍ୟ

**ଭୁବନେଶ୍ୱର, ୧୯।୯**
**ନ୍ୟୁଜ୍ ବ୍ୟୁରୋ**

"ସମୃଦ୍ଧ ଓଡ଼ିଶା ୨୦୩୬" ଦୃଷ୍ଟିକୋଣକୁ ଆଗେଇ ନେବା ପାଇଁ ଓଡ଼ିଶା ଦ୍ରୁତ ଅଗ୍ରଗତି କରୁଥିବାବେଳେ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କ ନେତୃତ୍ୱରେ ରାଜ୍ୟ ସରକାର ସମତୁଲ ଆଞ୍ଚଳିକ ବିକାଶକୁ ଦୃଷ୍ଟି ଦେଇ ସମାବେଶୀ ଶିଳ୍ପ ବିକାଶକୁ ତ୍ୱରାନ୍ୱିତ କରୁଛନ୍ତି। ଶୁକ୍ରବାର ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ସିଙ୍ଗଲ୍ ୱିଣ୍ଡୋ କ୍ଲିୟରାନ୍ସ ଅଥରିଟି (ଏସଏଲଡବ୍ଲୁସିଏ)ର ୧୪୦ତମ ବୈଠକ ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ୪,୭୩୯ କୋଟି ଟଙ୍କାର ମୋଟ ୨୫ଟି ନୂଆ ନିବେଶ ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଏହି ପ୍ରକଳ୍ପଗୁଡ଼ିକ ଦ୍ୱାରା ଖୋର୍ଦ୍ଧା, ଯାଜପୁର, କଟକ, ସମ୍ବଲପୁର, ଝାରସୁଗୁଡା, ଗଞ୍ଜାମ, ମୟୂରଭଞ୍ଜ, ଅନୁଗୋଳ ଓ ଗଜପତି ଜିଲ୍ଲାରେ ୨୫,୨୦୦ଟି ନୂତନ ନିଯୁକ୍ତି ସୃଷ୍ଟି ହେବ ବୋଲି ଲକ୍ଷ୍ୟ ରଖାଯାଇଛି।



ନୂଆ ଅନୁମୋଦିତ ପ୍ରକଳ୍ପଗୁଡ଼ିକ ମଧ୍ୟରେ ବୟନ ଶିଳ୍ପ, ଇସ୍ପାତ, ରସାୟନ, ସୂଚନା ପ୍ରଯୁକ୍ତି, ଭିତ୍ତିଭୂମି, ଲଜିଷ୍ଟିକ୍ସ, ନବୀକରଣ ଯୋଗ୍ୟ ଉର୍ଜା, ପର୍ଯ୍ୟଟନ, ଧାତୁ ଉପରେ ନିର୍ଭରଶୀଳ ଶିଳ୍ପ, ସର୍କୁଲାର ଇକୋନୋମି, ଶୀତଳ ଭଣ୍ଡାର ଓ ଉତ୍ପାଦନ ସାମଗ୍ରୀ ଆଦି ମୋଟ ୧୩ଟି ମୁଖ୍ୟ କ୍ଷେତ୍ର ଅନ୍ତର୍ଭୁକ୍ତ ରହିଛି। ଏହି ପ୍ରକଳ୍ପଗୁଡ଼ିକ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଶିଳ୍ପାୟନରେ ନିରନ୍ତରତା ଓ ଅର୍ଥନୈତିକ ଅଭିବୃଦ୍ଧି ପ୍ରତି ପ୍ରତିବଦ୍ଧତାକୁ ପ୍ରକାଶ କରୁଛି।

ପ୍ରମୁଖ ପ୍ରକଳ୍ପ ମଧ୍ୟରେ ସୂଚନା ପ୍ରଯୁକ୍ତି ତଥା ଆଇଟି ସକ୍ଷମ ସେବା କ୍ଷେତ୍ରରେ ଲିନ୍‌ଡେ ଇଣ୍ଡିଆ ଲିମିଟେଡ୍ ଖୋର୍ଦ୍ଧାରେ ପରିବହନ ଏବଂ ଦୂରରୁ ପରିଚାଳନା (ରିମୋଟ ଅପରେସନ) ପାଇଁ ଏକ ବୈଶ୍ୱିକ କୌଶଳ କେନ୍ଦ୍ର ସ୍ଥାପନ କରିବ। ଏଥିପାଇଁ ୮୨ କୋଟି ଟଙ୍କା ନିବେଶ ହେବା ସହିତ ୨୧୦ ନିଯୁକ୍ତି ସୃଷ୍ଟି ହେବ। ଏହି କମ୍ପାନୀ ମଧ ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ଯାଜପୁରରେ ଟାଟା ଇସ୍ପାତ ଓ ଅନ୍ୟାନ୍ୟ ଶିଳ୍ପସଂସ୍ଥା ପାଇଁ ପାଇପଲାଇନ୍ କ୍ଲଷ୍ଟର ପ୍ରକଳ୍ପସ୍ଥାପନ କରିବ। ଏଥିପାଇଁ ୧୦୫.୭୦ କୋଟି ଟଙ୍କା ନିବେଶ କରିବ ଏବଂ ଏଥିରୁ ୩୫ଟି ନିଯୁକ୍ତି ସୃଷ୍ଟି ହେବ।

ବସ୍ତ୍ର, ପୋଷାକ ଓ ପ୍ରାଯୁକ୍ତିକ ବସ୍ତ୍ର କ୍ଷେତ୍ରରେ କଲରଟୋନ୍ ଟେକ୍ସଟାଇଲ୍ସ ପ୍ରା.ଲି.ଖୋର୍ଦ୍ଧାରେ ୭୦୦.୨୯ କୋଟି ଟଙ୍କା ନିବେଶ କରି ସମନ୍ୱିତ ବସ୍ତ୍ର କେନ୍ଦ୍ର ସୁବିଧା ସ୍ଥାପନ କରିବ, ଯାହାଦ୍ୱାରା ୧,୦୧୦ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଟେକ୍ନୋ ଆକ୍ଟିଭ୍ ୱେୟାର୍ ପ୍ରା.ଲି.କଟକରେ କ୍ରୀଡା ପୋଷାକ ଫେବ୍ରିକ୍ ଓ ପୋଷାକ ୟୁନିଟ୍ ପାଇଁ ୧୦୦ କୋଟି ଟଙ୍କା ନିବେଶ କରିବ ଏବଂ ଏହା ଦ୍ୱାରା ୨,୫୦୦ ନିଯୁକ୍ତି ସୃଷ୍ଟି ହେବ। ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲି.କେନ୍ଦୁଝର ଓ ସମ୍ବଲପୁରରେ ପୋଷାକ ୟୁନିଟ୍ ପାଇଁ *(ପୃଷ୍ଠା ୭ରେ)*

## ଆଜିର ମୁଖ୍ୟ ଖବର

- ଇରାନ୍‌ରେ ୭.୨ ତୀବ୍ରତାର ଭୂମିକମ୍ପ : ୫୦ରୁ ଅଧିକ ମୃତ, ସହସ୍ରାଧିକ ଆହତ।
- ଆଫଗାନିସ୍ତାନ ବନ୍ୟାରେ ୧୨୦ରୁ ଅଧିକ ମୃତ, ୫,୦୦୦ରୁ ଅଧିକ ଲୋକ ବାସହୀନ।
- ବ୍ରାଜିଲ୍‌ର ଆମାଜନ୍‌ରେ ଭୟଙ୍କର ଅଗ୍ନିକାଣ୍ଡ : ବ୍ୟାପକ କ୍ଷୟକ୍ଷତି।
- ଓଡ଼ିଶାରେ ବିଭତ୍ସ ଘଟଣା : ପତ୍ନୀଙ୍କୁ ଛୁରିରେ କାଟି ହତ୍ୟା କଲା ପତି।
- ଓଡ଼ିଶାର ୧୭ଟି ବିଶ୍ୱବିଦ୍ୟାଳୟରେ ୧,୪୦୪ ଶିକ୍ଷକ ପଦ ଖାଲି।
- ବାଲେଶ୍ୱରରେ ପତ୍ନୀଙ୍କୁ ହତ୍ୟା କରି ପୋଲିସ୍ ସମ୍ମୁଖରେ ଆତ୍ମସମର୍ପଣ କଲା ପତି।
- ଟୋକିଓରେ ୨୦୨୫ରୁ 'ଫ୍ଲାଇଙ୍ଗ୍ କାର୍' ପରୀକ୍ଷା ଆରମ୍ଭ କରିବାକୁ ସରକାରୀ ପ୍ରସ୍ତୁତି।

# ମଣିପୁରରେ ସେନାଗାଡ଼ି ଉପରକୁ ଗୁଳିମାଡ : ୨ ଯବାନ ସହିଦ୍

**ଇମ୍ଫାଲ, ୧୯।୯**

ମଣିପୁରରେ ଆସାମ ରାଇଫଲର ଗାଡ଼ି ଉପରକୁ ଆତଙ୍କବାଦୀମାନେ ଗୁଳିମାଡ଼ କରିଛନ୍ତି। ଏଥିରେ ଦୁଇଜଣ ଯବାନ୍ ସହିଦ୍ ହୋଇଥିବା ବେଳେ ୪ ଜଣ ଗୁରୁତର ଆହତ ହୋଇଛନ୍ତି। ପ୍ରାୟ ସନ୍ଧ୍ୟା ୫.୫୦ ସମୟରେ ଏହି ଘଟଣା ଘଟିଥିଲା।

ଆସାମ୍ ରାଇଫଲର ଯବାନମାନେ ବିଷ୍ଣୁପର ଜିଲ୍ଲାରେ ଗସ୍ତ କରୁଥିବା ବେଳେ ଏହି ଘଟଣା ଘଟିଥିବା ମଣିପୁର ପୁଲିସ ପକ୍ଷରୁ କୁହାଯାଇଛି। ଇମ୍ଫାଲରୁ ବିଷ୍ଣୁପୁରକୁ ଏହି ଯବାନମାନେ ଯାଉଥିବା ବେଳେ ସେମାନଙ୍କ ଗାଡି ଉପରକୁ ଗୁଳିମାଡ ହୋଇଥିଲା। ଆହତମାନଙ୍କୁ ସ୍ଥାନୀୟ ବିଷ୍ଣୁପୁର ଡାକ୍ତରଖାନାରେ ଚିକିତ୍ସା କରାଯାଉଛି।



# ଭାରତ ତା'ର ପଡୋଶୀଙ୍କ ସହିତ ସମ୍ପର୍କ ମାମଲାରେ ଭାଗ୍ୟଶାଳୀ ନୁହେଁ

**ନୂଆଦିଲ୍ଲୀ, ୧୯।୯**

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ୧୯୬୫ ମସିହାରେ ଭାରତ-ପାକିସ୍ତାନ ଯୁଦ୍ଧର ୬୦ ବର୍ଷ ପୂର୍ଣ୍ଣ ହେବା ଅବସରରେ ସାଉଥ୍ ବ୍ଲକ୍‌ରେ ସେହି ଯୁଦ୍ଧରେ ଅଂଶଗ୍ରହଣ କରିଥିବା ଅଧିକାରୀ ଓ ସୈନିକଙ୍କ ସହିତ ଶୁକ୍ରବାର ଦିନ ଆଲୋଚନା କରିଛନ୍ତି। ସେ କହିଛନ୍ତି ଯେ, ଭାରତ ପଡ଼ୋଶୀ ଦେଶମାନଙ୍କ ସହିତ ସମ୍ପର୍କରେ କେବେବି ଭାଗ୍ୟଶାଳୀ ନୁହେଁ, କିନ୍ତୁ ଆମେ ଏହାକୁ ନିୟତି ଭାବୁନାହୁଁ। କୌଣସି ଦେଶର ବାସ୍ତବିକ ଭାଗ୍ୟ କ୍ଷେତ, କାରଖାନା, ପ୍ରୟୋଗଶାଳା ଓ ରଣଭୂମିରେ ବୋହିଥିବା ଝାଳରୁ ନିର୍ମିତ ହୁଏ। ଭାରତ ନିଜର ଭାଗ୍ୟ କାହାର ଭରସାରେ ଛାଡ଼େନି, ଭାରତ ନିଜ ଭାଗ୍ୟ ନିଜେ ଗଢ଼େ। ଏହାର ଏକ ଉଦାହରଣ ଅପେରେସନ୍ ସିନ୍ଦୂର ସମୟରେ ପୁଣି ଥରେ ଦେଖାଇବାକୁ ମିଳିଥିଲା।



ସେ କହିଛନ୍ତି ଯେ, ୧୯୬୫ ମସିହାର ଯୁଦ୍ଧ କୌଣସି ଛୋଟ ସଂଘର୍ଷ ନଥିଲା, ବରଂ ତାହା ଭାରତର ଶକ୍ତିର ଏକ ପରୀକ୍ଷା ଥିଲା। ସେ ସମୟର ପରିସ୍ଥିତିକୁ ଦେଖି, ପାକିସ୍ତାନ ଭାବିଥିଲା ଯେ ଅନୁପ୍ରବେଶ କିମ୍ବା ଗୁରିଲ୍ଲା ଆକ୍ରମଣ ଦ୍ୱାରା ସେ ଭାରତକୁ ଡରେଇଦେବ, କିନ୍ତୁ ଭାରତର ମାଟିରେ ବଢ଼ିଥିବା ପ୍ରତ୍ୟେକ *(ପୃଷ୍ଠା ୭ରେ)*


## ରାଜ୍ୟର ୧୭ଟି ବିଶ୍ୱବିଦ୍ୟାଳୟରେ ନିର୍ଯାତନାର ଶିକାର ହୋଇଛନ୍ତି ୧୯ଜଣ ଛାତ୍ରୀ

**ଭୁବନେଶ୍ୱର, ୧୯।୯**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟର ୧୭ଟି ବିଶ୍ୱବିଦ୍ୟାଳୟରେ ଶାରୀରିକ, ମାନସିକ ଓ ଯୌନ ନିର୍ଯାତନାର ଶିକାର ହୋଇଛନ୍ତି ୧୯ ଜଣ ଛାତ୍ରୀ। ଏମାନଙ୍କ ମଧ୍ୟରୁ ୬ ଜଣ ଛାତ୍ରୀ ଯୌନ ନିର୍ଯାତନାର ଶିକାର ହୋଇଥିବା ବେଳେ ୯ ଛାତ୍ରୀଙ୍କୁ ମାନସିକ ନିର୍ଯାତନା ଓ ଦୁଇ ଜଣ ଛାତ୍ରୀଙ୍କୁ ଅଶାଳୀନ *(ପୃଷ୍ଠା ୭ରେ)*



## ୨୭ରେ ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ ନେଇ ମୁଖ୍ୟମନ୍ତ୍ରୀଙ୍କ ବୈଠକ



**ଭୁବନେଶ୍ୱର, ୧୯।୯ : ନ୍ୟୁଜ୍ ବ୍ୟୁରୋ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୨୭ ତାରିଖରେ ଓଡ଼ିଶା ଗସ୍ତରେ ଆସୁଛନ୍ତି। ସେଦିନ ପ୍ରଧାନମନ୍ତ୍ରୀ ବ୍ରହ୍ମପୁରଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଓ ସାଧାରଣ ସଭାରେ ଯୋଗଦେବେ। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି *(ପୃଷ୍ଠା ୭ରେ)*

## ୨୨ରେ ବନ୍ଦ ରହିବ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି

**ଭୁବନେଶ୍ୱର, ୧୯।୯ : ନ୍ୟୁଜ୍ ବ୍ୟୁରୋ**

ଆସନ୍ତା ସେପ୍ଟେମ୍ବର ୨୨ ତାରିଖ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ। ସପ୍ତଦଶ ବିଧାନସଭାର ଚତୁର୍ଥ ଅଧିବେଶନ ବଳବତ୍ତର ଥିବା ହେତୁ ଆସନ୍ତା ସୋମବାର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ଓ ଅନ୍ୟ *(ପୃଷ୍ଠା ୭ରେ)*

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୧,୧୩୩ (+୧୬)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୦,୨୦୫ (+୧୫)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୮,୩୫୦ (+୧୨)

## ରୁପା ଦର

ରୂପା – ପ୍ରତି ଗ୍ରାମ ୧୪୩ (+୨)

## ଏକାଳ ପଖାଳ



ଇଜ୍ଜତ ମହତ ଯେଉଁ ଟିକେ ଅଛି
ସେଇଟା କାହିଁକି ସାର
ନିର୍ଲ୍ଲଜ ମୁହଁରେ କହେ ପାକିସ୍ତାନ
ଲାଗେ ସତେ ମୋର ଘର
ମାମଲା ଯଦି ହୃଦୟର
ଯାଇକି ସେଇଠି ରହୁନ୍ ପିଟ୍ରୋଡା
ଏଠି ବାହାଦୂରୀ କାହିଁ ମାର ?

# ପରସ୍ପରକୁ ଭେଟିବେ ମୋଦୀ-ଟ୍ରମ୍ପ !



**ନୂଆଦିଲ୍ଲୀ/ୱାଶିଂଟନ, ୧୯।୯**

ଶୁଳ୍କ ଯୁଦ୍ଧ ମଧ୍ୟରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ସାକ୍ଷାତ ସମ୍ଭବ ହୋଇପାରେ କି ? ଦୁଇ ନେତାଙ୍କ ମଧ୍ୟରେ ସାକ୍ଷାତ ଭାରତ–ଆମେରିକା ସମ୍ପର୍କକୁ ପୁନର୍ବାର ସ୍ଥାପନ କରିବ କି ? ଏମିତି ଅନେକ ପ୍ରଶ୍ନ, ଯାହାର ଉତ୍ତର କେବଳ ଭାରତୀୟମାନେ ନୁହେଁ ବରଂ ସମଗ୍ର ବିଶ୍ୱ ମଧ ଅପେକ୍ଷା କରିଛି। ଚଳିତ ବର୍ଷ ଅକ୍ଟୋବରରେ ମାଲେସିଆରେ ଅନୁଷ୍ଠିତ ହେବାକୁ ଥିବା ଆସିଆନ ସମ୍ମିଳନୀ ଉପରେ ସମସ୍ତଙ୍କ ନଜର ରହିଛି, କାରଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଉଭୟ ଯୋଗଦେବାର ଆଶା କରାଯାଉଛି। ଫଳସ୍ୱରୂପ, ଦୁଇ ନେତାଙ୍କ ମଧ୍ୟରେ ଏକ ମୁହାଁମୁହିଁ ସାକ୍ଷାତ ହେବାର ସମ୍ଭାବନା ଅଛି।

ସୂତ୍ର ଅନୁସାରେ, ପ୍ରଧାନମନ୍ତ୍ରୀ ମୋଦୀ ଏହି ମାସ ଶେଷରେ ନ୍ୟୁୟର୍କରେ ଅନୁଷ୍ଠିତ ହେଉଥିବା ଜାତିସଂଘ ସାଧାରଣ ପରିଷଦ ବୈଠକରେ ଯୋଗ ଦେଉନାହାନ୍ତି। ତଥାପି, ଏପର୍ଯ୍ୟନ୍ତ ମାଲେସିଆରେ ଟ୍ରମ୍ପ–ମୋଦିଙ୍କ ସାକ୍ଷାତ ସମ୍ପର୍କରେ କୌଣସି ଆନୁଷ୍ଠାନିକ ଆଲୋଚନା ହୋଇନାହିଁ। ଏହା ବ୍ୟତୀତ, ଭାରତ କିମ୍ବା ଆମେରିକା ଆନୁଷ୍ଠାନିକ ଭାବରେ ଆସିଆନ *(ପୃଷ୍ଠା ୭ରେ)*

# ୨୫ରେ ଲଘୁଚାପ ! ଭିଜିବ ଦଶହରା

**ଭୁବନେଶ୍ୱର, ୧୯।୯**
**ନ୍ୟୁଜ୍ ବ୍ୟୁରୋ**

ଆଗକୁ ଦଶହରା। ହେଲେ ଡରାଇଲାଣି ଲଘୁଚାପ ବର୍ଷା। ଆସନ୍ତା ୨୫ ତାରିଖ ବେଳକୁ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ପୂର୍ବକେନ୍ଦ୍ରୀୟ ଓ ସଂଲଗ୍ନ ଉତ୍ତର-ପୂର୍ବ ବଙ୍ଗୋପସାଗରରେ ଏହି ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ନେଇ ପାଣିପାଗ ବିଭାଗ ପକ୍ଷରୁ ଶୁକ୍ରବାର ପୂର୍ବାନୁମାନ କରାଯାଇଛି। ଲଘୁଚାପ କ୍ଷେତ୍ର ମିଆଁମାର-ବାଂଲାଦେଶ ଉପକୂଳରେ ସୃଷ୍ଟି ହୋଇପାରେ।



ଭାରତୀୟ ପାଣିପାଗ ବିଭାଗ (ଆଇଏମଡି)ର ଭୁବନେଶ୍ୱର କେନ୍ଦ୍ର ଓଡ଼ିଶାରେ ଆଗାମୀ ପାଞ୍ଚ ଦିନ ବର୍ଷା ହେବା ନେଇ ୟେଲୋ ୱାର୍ଣ୍ଣିଂ ଜାରି କରିଛି। ସେପ୍ଟେମ୍ବର ୨୩ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଘଡ଼ଘଡ଼ି ସହ ବିଜୁଳି ଓ ୩୦–୪୦ କିମି ପ୍ରତି ଘଣ୍ଟା ବେଗରେ ପବନ ହେବାର ସମ୍ଭାବନା ରହିଛି।

ଶୁକ୍ରବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, *(ପୃଷ୍ଠା ୭ରେ)*





# ବ୍ରାଉନ୍ ସୁଗାର କବଳରେ ୧୫ ପ୍ରତିଶତ କଲେଜ ଛାତ୍ର

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ବିଗତ ଦିନରେ ପୋଲିସ ଓ ଅବକାରୀ ବିଭାଗ ସହରର ବିଭିନ୍ନ ସ୍ଥାନରୁ ବେଆଇନ୍ ନକଲି ମଦ କାରଖାନା ଠାବ କରି ବହୁ ପରିମାଣର ନକଲି ମଦ ଓ ମଦ ପ୍ରସ୍ତୁତି ସାମଗ୍ରୀ ଜବତ କରିଛି । ସେହିଭଳି ନିୟମିତ ବ୍ୟବଧାନରେ ଶହ ଶହ କୁଇଣ୍ଟାଲ୍ ଗଞ୍ଜେଇ ଜବତ ହେଉଛି । ଅଭିଯୁକ୍ତ ଗିରଫ ପରେ ବି ବେପାର ଥମୁନାହିଁ । ଏହାରି ଭିତରେ ବ୍ରାଉନ୍ ସୁଗାର କାରବାର ଦିନକୁ ଦିନ ବଢୁଥିବା ଚିନ୍ତାର କାରଣ ପାଲଟିଛି । ବ୍ରହ୍ମପୁର ସହରରେ ବ୍ୟାପକ ବ୍ରାଉନ୍ ସୁଗାର କାରବାର ହେଉଛି । ଏହି ବ୍ରାଉନ୍ ସୁଗାର ପ୍ରାୟ ଖୋର୍ଦ୍ଧା, ଭୁବନେଶ୍ୱରକୁ ହିଁ ଆସୁଥିବା କୁହାଯାଉଛି । ସହରରେ ଆନୁମାନିକ ୨୦ ପ୍ରତିଶତ ଯୁବପିଢି ବ୍ରାଉନ୍ ସୁଗାର ସେବନ କରୁଥିବା ଜଣାପଡ଼ିଛି । ସେଥିମଧ୍ୟରୁ ୧୫ ପ୍ରତିଶତ କଲେଜ ଛାତ୍ର ରହିଥିବା ଗିରଫ ହୋଇଥିବା ଅଭିଯୁକ୍ତଙ୍କ ଠାରୁ ଶୁଣିବାକୁ ମିଳୁଛି । ବ୍ରହ୍ମପୁର ଖଲ୍ଲିକୋଟ କଲେଜ ଖେଳ ପଡ଼ିଆ, ମେଡ଼ିକାଲ୍ ଖେଳ ପଡ଼ିଆ, ବିନାୟକ ଆଚାର୍ଯ୍ୟ କଲେଜ ଖେଳ ପଡ଼ିଆ, ସିଦ୍ଧାର୍ଥ ନଗର ଛକ, ଗୋଦାବରିଶ ନଗର, ଏମ୍‌କେସିଜି ଖେଳ ପଡ଼ିଆ, ରଙ୍ଗେଇଲୁଣ୍ଡା ଏୟାର ଷ୍ଟ୍ରିପ୍, ଗୋପାଳପୁର ବେଳାଭୂମି, ଗାନ୍ଧୀନଗର, ପ୍ରେମନଗର, ପୁରୁଣା ବସ୍‌ଷ୍ଟାଣ୍ଡ, ଶ୍ରୀରାମନଗର ଛକ, ଡୁରା, ପଥରା ଓ ଷ୍ଟେସନ୍ ରୋଡ୍ ନିକଟରେ ବହୁ ଯୁବକ ବ୍ରାଉନ୍ ସୁଗାର ସେବନ କରୁଥିବା ଶୁଣିବାକୁ ମିଳୁଛି । ବ୍ରହ୍ମପୁର ପୋଲିସ ଓ ଅବକାରୀ ବିଭାଗ ସହର ବିଭିନ୍ନ ପ୍ରାନ୍ତରୁ ଅନେକ ସମୟରେ କିଛି ଯୁବକଙ୍କ ନିକଟରୁ ବ୍ରାଉନ୍ ସୁଗର ଜବତ କରିଥିଲା । ସମ୍ପୃକ୍ତ ଯୁବକମାନେ ବ୍ରାଉନ୍ ସୁଗର ଖୋର୍ଦ୍ଧାରୁ ଆଣି ବ୍ୟବସାୟୀ କରୁଥିବା କହିଥିବା ବେଳେ ଖୋର୍ଦ୍ଧା ଲୋକେ ବାଲେଶ୍ୱରରୁ ଏହି ବ୍ରାଉନ୍ ସୁଗାର ଆଣିଥିବା ତଦନ୍ତ ବେଳେ ଜଣାପଡ଼ିଥିଲା । ତେବେ ବ୍ୟବସାୟୀମାନେ ଗିରଫ ହେଉଥିଲେ ମଧ୍ୟ କିଙ୍ଗପିନମାନଙ୍କୁ ଗିରଫ କରିପାରୁନି ଅଥବା ମାଷ୍ଟରମାଇଣ୍ଡଙ୍କୁ ଅବକାରୀ କିମ୍ବା ପୋଲିସ କାବୁ କରୁନି । ଏଣେ ଏହାର ଗନ୍ତାଘର କେଉଁଠି କିଏ ଯୋଗାଉଛି ଏମାନଙ୍କୁ ବ୍ରାଉନ୍ ସୁଗାର ତାହାର ତଥ୍ୟ ହାସଲ କରିବାରେ ଉଭୟ ବିଭାଗ ବିଫଳ ହୋଇଥିବା ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି ।

# ଅନ୍ୟର ଜୀବନ ରକ୍ଷା ପାଇଁ ରକ୍ତଦାତାମାନଙ୍କ କରୁଣା ଓ ନିଷ୍ଠା ଅତ୍ୟନ୍ତ ପ୍ରେରଣାଦାୟୀ:ରାଜ୍ୟପାଳ



**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ରକ୍ତଦାତାମାନଙ୍କ ଦ୍ୱାରା ଅନ୍ୟର ଜୀବନ ରକ୍ଷା ପାଇଁ ପ୍ରଦର୍ଶିତ କରୁଣା ଓ ନିଷ୍ଠା ଅତ୍ୟନ୍ତ ପ୍ରେରଣାଦାୟୀ ଏବଂ ଆଶ୍ୱାସଜନକ ବୋଲି ମତ ପ୍ରକାଶ କରିଛନ୍ତି । ଗୁରୁବାର ଦିନ ରାଜ ଭାବନର ନ୍ୟୁ ଅଭିଷେକ ହଲ୍‌ରେ ଆୟୋଜିତ ରକ୍ତଦାନ ଶିବିର ପରିଦର୍ଶନ ସମୟରେ ରାଜ୍ୟପାଳ ଏପରି ମନ୍ତବ୍ୟ ପ୍ରଦାନ କରିଥିଲେ । ଏହି ଶିବିର ରାଜଭବନ ଓ କ୍ୟାପିଟାଲ ହସ୍ପିଟାଲର ବ୍ଲଡ ବ୍ୟାଙ୍କର ମିଳିତ ସହଯୋଗରେ ଆୟୋଜିତ କରାଯାଇଥିଲା । ଶିବିରରେ ମୋଟ୍ ୧୭୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀ, ସାମାଜିକ ସଂଗଠନର ସଦସ୍ୟ/ସଦସ୍ୟା ଏବଂ ରାଜଭବନର କର୍ମଚାରୀ ଓ ଅଧିକାରୀମାନେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରି ଜନସେବା ଓ ସାମୁହିକ ଅଂଶଗ୍ରହଣ ପୂର୍ବକ ସମର୍ପଣଭାବ ପ୍ରଦର୍ଶନ କରିଥିଲେ । ପରିଦର୍ଶନ ସମୟରେ ରାଜ୍ୟପାଳ ରକ୍ତଦାତାମାନଙ୍କ ସହ ଆଲୋଚନା କରି ସେମାନଙ୍କ ଯୋଗଦାନକୁ ଉଚ୍ଚ ପ୍ରଶଂସା କରିଥିଲେ ଏବଂ ଏପରି ମାନବିକ ପ୍ରୟାସକୁ ନିରନ୍ତର ସମର୍ଥନ କରିବାକୁ ଉତ୍ସାହିତ କରିଥିଲେ । ରାଜ୍ୟପାଳ ରକ୍ତଦାତାମାନଙ୍କୁ ପ୍ରମାଣପତ୍ର ଏବଂ ଟି-ସାର୍ଟ ବଣ୍ଟନ କରିଥିଲେ । ଯୁବପିଢ଼ିଙ୍କ ମଧ୍ୟରେ ସ୍ୱେଚ୍ଛାକୃତ ରକ୍ତଦାନ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏହି ଶିବିରର ଉଦ୍ଦେଶ୍ୟ ଥିଲା । ଶିବିରଟି ରାଜଭବନ ଡ଼ିସପେନ୍‌ସାରୀର ଡା ବି.କେ. ମେହେର ଏବଂ କ୍ୟାପିଟାଲ୍ ହସ୍ପିଟାଲ୍ ବ୍ଲଡ ବ୍ୟାଙ୍କର ଡା. ଦେବାଶିଷ ମିଶ୍ରଙ୍କ ସମନ୍ୱୟରେ ପରିଚାଳିତ ହୋଇଥିଲା ।

# ଭାରତ ବିଶ୍ୱର ସାର୍ବଜନୀନ ଭିତ୍ତିଭୂମି ପୂରଣ କରିବାରେ ମୋଦୀଙ୍କ ବଳିଷ୍ଠ ଅବଦାନ ରହିଛି

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଡିଜିଟାଲାଇଜେସନ୍ ଆମ ଜୀବନକୁ ଭିନ୍ନ ଏବଂ ଅଧିକ ସୁରକ୍ଷିତ କରିଛି । ଭାରତରେ ବିଶ୍ୱର ସର୍ବାଧିକ ସାର୍ବଜନୀନ ଭିତ୍ତିଭୂମି ରହିଥିବା ବେଳେ ପ୍ରତ୍ୟେକ ଭାରତୀୟ ପରସ୍ପର ସହିତ ଯୋଡ଼ି ହୋଇ ରହିବାର ଆବଶ୍ୟକତା ରହିଛି । ଏହା ପୂରଣ କରିବାରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ବଳିଷ୍ଠ ଅବଦାନ ରହିଛି ବୋଲି କହିଛନ୍ତି ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ । ବୁଧବାର ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କର ୭୫ତମ ଜନ୍ମ ଦିବସ ପାଳନ ଅବସରରେ ସୋଆ ପକ୍ଷରୁ ଆୟୋଜିତ 'ଡିଜିଟାଲ୍ ଟ୍ରାନ୍ସଫର୍ମେସନ୍ ଆଣ୍ଡ ଇନୋଭେସନ୍ - ଏମ୍ପାୱାରିଙ୍ଗ ସିଟିଜେନ୍ସ ଇନ୍ ଦ ନ୍ୟୁ ଏରା' ଶୀର୍ଷକ କର୍ମଶାଳାରେ ଅଧ୍ୟକ୍ଷତା କରିବା ପରିପ୍ରେକ୍ଷୀରେ ସୋଆ



କୁଳପତି ପ୍ରଫେସର ନନ୍ଦ ପ୍ରଧାନମନ୍ତ୍ରୀଙ୍କର ସୁସ୍ଥ ଏବଂ ସୁଖୀ ଜୀବନ କାମନା କରିବା ସହ ଶ୍ରୀ ମୋଦିଙ୍କ କାର୍ଯ୍ୟଧାରା ଆମ ସମସ୍ତଙ୍କ ଜୀବନକୁ ସ୍ପର୍ଶ କରିଛି ବୋଲି କହିଛନ୍ତି । ୟୁପିଆଇ ଟ୍ରାଞ୍ଜାକ୍ସନ୍‌ର ଉଦାହରଣ ଦେଇ କୁଳପତି କହିଛନ୍ତି ଯେ ଏହା ଅର୍ଥନୀତି କ୍ଷେତ୍ରକୁ ଅଧିକ ସୁରକ୍ଷିତ କରିଛି । ସେହିପରି ଆଧାର କାର୍ଡ ଭଳି ଆପାର ଆଇଡି ମଧ୍ୟ ଛାତ୍ରଛାତ୍ରୀମାନଙ୍କ ପାଇଁ ଅଧିକ ଲାଭଦାୟକ ହୋଇଥିବା କୁଳପତି କହିଛନ୍ତି । କାର୍ଯ୍ୟକ୍ରମରେ ଉପକୁଳପତି ପ୍ରଫେସର ନୀତା ମହାନ୍ତି ଯୋଗଦେଇ ଭାରତ ଡିଜିଟାଲ୍ ଟ୍ରାନ୍ସଫର୍ମେସନ୍ କ୍ଷେତ୍ରରେ ନେତୃତ୍ୱ ନେବାବେଳେ ଏହାର ସବୁ ଶ୍ରେୟ ଶ୍ରୀ ମୋଦିଙ୍କୁ ଯାଉଛି ବୋଲି କହିଥିଲେ । ସେହିପରି କର୍ମଶାଳାରେ ଅନ୍ୟତମ ବକ୍ତା ଭାବେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍‌ର ଡିନ୍ ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ର କହିଥିଲେ ଯେ ବର୍ତ୍ତମାନ ଡିଜିଟାଲ୍ ପେମେଣ୍ଟ ସହିତ ଟେଲି ମେଡିସିନ୍, ଟେଲି ଆଇସିୟୁ, ଡିଜି ଲକର ଏବଂ ହେଲ୍‌ଥ ଲକର ଭଳି ଡିଜିଟାଲ୍ ପ୍ରକ୍ରିୟା ଆମ ସମସ୍ତଙ୍କ ପାଇଁ ହିତକାରୀ ସାବ୍ୟସ୍ତ ହୋଇଛି । ଏହା କେବଳ ପ୍ରଧାନମନ୍ତ୍ରୀଙ୍କ ଉଦ୍ୟମ ଯୋଗୁ ସଫଳ ହୋଇପାରିଛି ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ ସୋଆ କୃଷି ମହାବିଦ୍ୟାଳୟର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟଧାରାକୁ ପ୍ରଶଂସା କରିବା ସହ ତାଙ୍କର ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ମନ୍ କି ବାତ୍' ସମାଜର ପ୍ରତ୍ୟେକ ବର୍ଗ ଏବଂ ସ୍ତରକୁ ଛୁଇଁଥିବା କହିଥିଲେ । କାର୍ଯ୍ୟକ୍ରମରେ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜନେସ୍ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍‌ର ଡିନ୍ ପ୍ରଫେସର ଅୟସ କାନ୍ତ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସ୍କୁଲ୍ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନ୍‌ସେସ୍‌ର ଡିନ୍ ଇନ୍‌ଚାର୍ଜ ପ୍ରଫେସର ପ୍ରତାପ କୁମାର ସାହୁ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମକୁ ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ପରିଚାଳନା କରିଥିବା ବେଳେ ଆଇବିସିଏସ୍‌ର ଡକ୍ଟର ଆଶିଷ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

# ଜଗତସିଂହପୁର ଜିଲ୍ଲାରେ ବିକାଶ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କଲେ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**



କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର (କଟକ) ଗୁହା ପୁନମ ତାପସ କୁମାର ଭା.ପ୍ର.ସେ. ଜଗତସିଂହପୁର ଜିଲ୍ଲା ଗସ୍ତରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମେତ ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ବିଭାଗୀୟ କାର୍ଯ୍ୟାଳୟର କାର୍ଯ୍ୟଧାରା ତଥା ସମ୍ପୃକ୍ତ ବିଭାଗ ଅନ୍ତର୍ଗତ ଉନ୍ନୟନ ଯୋଜନା ଓ ପ୍ରକଳ୍ପର ସ୍ଥିତି ଓ ଅଗ୍ରଗତି ସମ୍ବନ୍ଧରେ ସମୀକ୍ଷା ଓ ନିରୀକ୍ଷଣ କରିଥିଲେ । ଏହି ଅବସରରେ କମିଶନର ପୁନମ୍ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ରାଜସ୍ୱ, ରେଜିଷ୍ଟ୍ରାର, ଜିଲ୍ଲା ଅବକାରୀ ଅଧିକ୍ଷକ, ଆଞ୍ଚଳିକ ପରିବହନ ଅଧିକାରୀ, ଜିଲ୍ଲା କ୍ରୀଡା ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଜିଲ୍ଲା ଯୋଗାଣ ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ପଞ୍ଚାୟତ ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜିଲ୍ଲା ସ୍ୱଚ୍ଛ ସଞ୍ଚୟ ଅଧିକାରୀ, ଜିଲ୍ଲା ସଂସ୍କୃତି ଅଧିକାରୀ ପ୍ରମୁଖଙ୍କ କାର୍ଯ୍ୟାଳୟ ସମେତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଉପବିଭାଗ କାର୍ଯ୍ୟାଳୟ ଗୁଡିକର କାର୍ଯ୍ୟ ଧାରା ନିରୀକ୍ଷଣ କରିଥିଲେ ଏବଂ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଧାରିତ ସମୟ ସୀମା ଭିତରେ ନିଜ ନିଜ ବିଭାଗର କାର୍ଯ୍ୟକୁ ସମ୍ପୂର୍ଣ୍ଣ କରିବା ଦିଗରେ ଯତ୍ନବାନ ହେବା ପାଇଁ ପରାମର୍ଶ ଦେଇଥିଲେ । ଜିଲ୍ଲାପାଳ ଜେ. ସୋନାଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଉକ୍ତ ଇନ୍‌ସପେକ୍ସନ୍ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲପାଳ (ରାଜସ୍ୱ) ସମ୍ବିତ କୁମାର ରାଉତ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଜ୍ୟୋତିଶଙ୍କର ରାୟ, ଅତିରିକ୍ତ ଜିଲ୍ଲାପାଳ ପାରାଦ୍ୱୀପ ନିରଞ୍ଜନ ବେହେରା, ଜିଲ୍ଲା ପରିଷଦ ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଜଗତସିଂହପୁର ଓ ପାରାଦ୍ୱୀପ ପୌରପରିଷଦର ନିର୍ବାହୀ ଅଧିକାରୀ, ସମସ୍ତ ତହସିଲଦାର, ବିଡ଼ିଓଙ୍କ ସମେତ ସମସ୍ତ ଡେପୁଟି କଲେକ୍ଟର, ସମସ୍ତ ସହକାରୀ କଲେକ୍ଟର, ଜିଲ୍ଲା ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । କମିଶନର ଶ୍ରୀମତୀ ପୁନମ ପ୍ରଥମେ ଜିଲ୍ଲା ମୁଖ୍ୟାଳୟରେ ପହଞ୍ଚି ସ୍ୱାମୀ ବିବେକାନନ୍ଦ ସ୍ୱୟଂ ଶାସିତ ମହାବିଦ୍ୟାଳୟ ପରିଦର୍ଶନ କରିବା ସହ ଅଧ୍ୟକ୍ଷଙ୍କ ସହ ମହାବିଦ୍ୟାଳୟର ସୁବିଧା ଅସୁବିଧା ଆଲୋଚନା କରିଥିଲେ । ଏହାପରେ ସେ ସ୍ଥାନୀୟ ନିପୂରରେ ପ୍ରସ୍ତାବିତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଜାଗା ପରିଦର୍ଶନ କରିବା ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅବସ୍ଥିତ ମିଶନ ଶକ୍ତି କାଫେ ଓ ଆହାର କେନ୍ଦ୍ର ପରିଦର୍ଶନ କରି ସ୍ୱୟଂ ସହାୟକ ଗୋଷ୍ଠୀ ମା' ମାନଙ୍କ ସହ ଆଲୋଚନା କରିଥିଲେ । ବ୍ୟବସାୟ ନିମନ୍ତେ ସେମାନଙ୍କ ସୁବିଧା ଅସୁବିଧା ବୁଝିବା ସହ ଆଉ କଣ ଯୋଗାଇଦେଲେ ସେମାନେ ଉନ୍ନତି କରିପାରିବେ ବୋଲି ପଚାରିଥିଲେ । କମିଶନର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବିଭିନ୍ନ ୱାର୍ଡ ବୁଲି ରୋଗୀମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଓ ଚିକିତ୍ସା ବ୍ୟବସ୍ଥା ବିଷୟରେ ପଚାରି ବୁଝିଥିଲେ । ଏହାପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସେ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ 'ଆସ ସ୍କୁଲ ଯିବା' ପଦଯାତ୍ରା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହ ଏହି ଯୋଜନା ବିଷୟରେ ଆଲୋଚନା କରିବା ସହ ଜିଲ୍ଲାରେ ଶିକ୍ଷା କ୍ଷେତ୍ରର ବିଭିନ୍ନ ପ୍ଲାନିଂ ଓ ଏହାର ସଫଳ ରୂପାୟନ ନିମନ୍ତେ ଉପଦେଶ ଦେଇଥିଲେ । ଡ୍ରପ୍ ଆଉଟ୍‌ରୁ ଚିହ୍ନଟ ପୁନଶ୍ଚ ବିଦ୍ୟାଳୟରେ ନାମ ଲେଖାଇଥିବା ୫ଜଣ ଛାତ୍ର ଛାତ୍ରୀଙ୍କୁ ପୁସ୍ତକ ବଣ୍ଟନ କରିବା ସହ ସେମାନଙ୍କର ଅଭିଜ୍ଞତା ପଚାରିଥିଲେ । ପାଠ ପଢ଼ି ଭଲ ମଣିଷ ହେବାପାଇଁ ଉତ୍ସାହିତ କରିଥିଲେ ।

# ବ୍ରାଉନ୍ ସୁଗାର ସହିତ ଗଞ୍ଜେଇ ଜବତ:୨ କୋର୍ଟ ଚାଲାଣ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ପଟ୍ଟାମୁଣ୍ଡାଇ ଟାଉନ୍ ଓ ମାର୍ଶାଘାଇ ଥାନା ଅଧିନସ୍ତ ଏକ ବିଶ୍ୱସ୍ତ ସୂତ୍ରରୁ ଖବରପାଇ ପୋଖରୀଆପଡା ଗ୍ରାମର ରାହୁଲ ବେହେରାଙ୍କ ପାଖରୁ ୫୦ ଗ୍ରାମ୍ ବ୍ରାଉନ୍ ସୁଗାର ଏବଂ ଗୋଟିଏ ମୋଟର ସାଇକଲ ଓ ସାନଗାଁ ଗ୍ରାମର ରବୀନ୍ଦ୍ର ନାଥଙ୍କ ପାଖରୁ ୧.୫ କିଲୋଗ୍ରାମର ଗଞ୍ଜେଇ ଜବତ କରାଯାଇ ୨ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବା ସହ ଜବତହୋଇଥିବା ବ୍ରାଉନ୍ ସୁଗାର ଓ ଗଞ୍ଜେଇକୁ ପଟ୍ଟାମୁଣ୍ଡାଇ ଏବଂ କେନ୍ଦ୍ରାପଡ଼ା କୋର୍ଟକୁ ହସ୍ତାନ୍ତର କରାଯାଇଛି । ଆଗାମୀ ଦିନରେ ଏହି ଚଢ଼ଉ ବ୍ୟାପକ ଭାବରେ ଜାରି ରହିବ ବୋଲି ଅବକାରୀ ଅଧିକ୍ଷକ ବିପ୍ର ଚରଣ ମଣ୍ଡଳ କହିଛନ୍ତି । ଏହି ଚଢ଼ଉରେ ଅବକାରୀ ନିରୀକ୍ଷକ ହିତାଂଶୁ ଶେଖର ମଳିକ, ପଦ୍ମଲୋଚନ ନାୟକ, ଅବକାରୀ ଉପ ନିରିକ୍ଷକ ଛାୟାକାନ୍ତ ନାୟକ, ପ୍ରିୟଦର୍ଶୀ ମାନସ ରଞ୍ଜନ ମିଶ୍ର, କଳ୍ପନା ରାଉତ ଏବଂ ଅନ୍ୟ କର୍ମଚାରୀ ସାମିଲ୍ ଥିଲେ ।



# ଆଦିବାସୀ ସଶକ୍ତି କରଣ ପାଇଁ ମିଶନ ଚାଳିତ କ୍ୟାଡ଼ର ଗଠନ ଉପରେ ଗୁରୁତ୍ୱ

**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝରେ ସଦର ବ୍ଲକରେ ବରିଷ୍ଠ ଅଧିକାରୀ, ପ୍ରଶିକ୍ଷକ ଏବଂ ଅଂଶୀଦାରଙ୍କ ସକ୍ରିୟ ଅଂଶଗ୍ରହଣରେ ଆଦି କର୍ମଯୋଗୀ ଅଭିଯାନ-ପ୍ରତିକ୍ରିୟାଶୀଳ ଶାସନ କାର୍ଯ୍ୟକ୍ରମର ବ୍ଲକସ୍ତରୀୟ ଓରିଏଣ୍ଟେସନ୍ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟର ଅତିରିକ୍ତ ସଚିବ ବର୍ଣ୍ଣାଲି ଡେକା, ଆଇଏଏସ୍ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଆଦିବାସୀ ସଶକ୍ତିକରଣ ପାଇଁ ଏକ ମିଶନ-ଚାଳିତ କ୍ୟାଡର ଗଠନର ଗୁରୁତ୍ୱ ଉପରେ ଆଲୋକପାତ କରିବା ସହ ପ୍ରତିକ୍ରିୟାଶୀଳ ଶାସନକୁ ସୁଦୃଢ଼ କରିବାରେ ଅଂଶୀଦାରମାନଙ୍କୁ ପ୍ରତିବଦ୍ଧତା ଏବଂ ଅନ୍ତର୍ଭୁକ୍ତି ସହିତ କାର୍ଯ୍ୟ କରିବାକୁ ଆହ୍ୱାନ୍ କରିଥିଲେ । ଶିବଶଙ୍କର ମିଶ୍ର, ପିଏ, ଆଇଟିଡିଏ, ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଆଦି କର୍ମଯୋଗୀ ପଦକ୍ଷେପର ସଫଳତା ସୁନିଶ୍ଚିତ କରିବାରେ ତୃଣମୂଳ ସ୍ତରର କର୍ମୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଏବଂ ସମ୍ପ୍ରଦାୟ ଅଂଶଗ୍ରହଣ ବିଷୟରେ ଆଲୋଚନା କରିଥିଲେ । ଏହି ଅବସରରେ ଉପସ୍ଥିତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ବ୍ଲକ ଉନ୍ନୟନ ଅଧିକାରୀ ବିନୋଦ ପଣ୍ଡା, ଜିଲ୍ଲା ମାଷ୍ଟର ଟ୍ରେନର ଜୟନ୍ତ ସାମନ୍ତସିଂହାର ଏବଂ ବ୍ଲକ ମାଷ୍ଟର ଟ୍ରେନର ଶରତ କୁମାର ମଳିକ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରତିକ୍ରିୟାଶୀଳ ଶାସନ ଢାଞ୍ଚା ଅଧୀନରେ ଆଦିବାସୀ ବିକାଶ ପଦକ୍ଷେପଗୁଡ଼ିକୁ ପ୍ରଭାବଶାଳୀ ଭାବରେ ଚଳାଇବା ପାଇଁ କ୍ୟାଡରମାନଙ୍କୁ ଦକ୍ଷତା ଏବଂ ଜ୍ଞାନ ସହିତ ସଶକ୍ତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ପାରସ୍ପରିକ ଅଧିବେଶନ, ଆଲୋଚନା ଏବଂ ଅଭିଜ୍ଞତା-ଆଦାନପ୍ରଦାନ ଏହି କାର୍ଯ୍ୟକ୍ରମକୁ ଆହୁରି ପ୍ରଭାବୀ କରିଥିଲା, ଯାହା ଅଂଶଗ୍ରହଣକାରୀମାନଙ୍କ ପାଇଁ ଏକ ସହଯୋଗୀ ପରିବେଶ ସୁନିଶ୍ଚିତ କରିଥିଲା । କେନ୍ଦୁଝର ଜିଲ୍ଲାରେ ସ୍ଥାୟୀ ଆଦିବାସୀ ସଶକ୍ତିକରଣ ପାଇଁ ଆଦି କର୍ମଯୋଗୀ ଅଭିଯାନର ମିଶନକୁ ଆଗକୁ ନେବା ପାଇଁ ସମସ୍ତ ଅଂଶୀଦାରଙ୍କ ଦୃଢ଼ ସଂକଳ୍ପ ସହିତ କାର୍ଯ୍ୟକ୍ରମ ଶେଷ ହୋଇଥିଲା ।

# ଜିନ୍ଦଲ୍ ଷ୍ଟେନ୍‌ଲେସ୍ ପକ୍ଷରୁ ୬୦୦୦ ବୃକ୍ଷ ରୋପଣ



**କଳିଙ୍ଗନଗର, ନ୍ୟୁଜ୍ ବ୍ୟୁରୋ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିନକୁ ସମ୍ମାନ ଜଣାଇ, ଓଡ଼ିଶା ସରକାରଙ୍କ ଆହ୍ୱାନ କ୍ରମେ ସାମୁହିକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ "ଏକ ପେଡ ମା' କେ ନାମ ୨.୦" ଜରିଆରେ ଯାଜପୁର କଳିଙ୍ଗନଗର ସ୍ଥିତ ଜିନ୍ଦଲ୍ ଷ୍ଟେନ୍‌ଲେସ୍ ଲିମିଟେଡ ୬,୦୦୦ ବୃକ୍ଷ ରୋପଣ କରିଛି । ପରିବେଶଗତ ସ୍ଥିରତା ଏବଂ ସାମୁଦାୟିକ ବିକାଶ ପ୍ରତି ନିଜର ପ୍ରତିବଦ୍ଧତାକୁ ପୁନର୍ବାର ଦୃଢ଼ କରି ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସୁକିନ୍ଦା ତହସିଲ ଅନ୍ତର୍ଗତ ବନ୍ଧଗାଁ ଠାରେ 'ଏକ ପେଡ୍ ମା' କେ ନାମ'ର ଦ୍ୱିତୀୟ ସଂସ୍କରଣକୁ ଏକ ବିଶାଳ ସ୍ତରରେ ସଫଳତାର ସହିତ ପରିଚାଳନା କରିଛି । ମନ୍ତ୍ରୀ-ସମବାୟ, ହସ୍ତତନ୍ତ ଓ ହସ୍ତଶିଳ୍ପ ଏବଂ ବୟନଶିଳ୍ପ ବିଭାଗ ଓଡ଼ିଶା ସରକାର ପ୍ରଦୀପ ବଳସାମନ୍ତ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ବୃକ୍ଷରୋପଣ କରି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଅନ୍ୟ ସମ୍ମାନୀୟ ଅତିଥିଙ୍କ ମଧ୍ୟରେ ସୁକିନ୍ଦାର ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ, ବିଡିଓ ପ୍ରଜ୍ଞା ପରମିତା ପୃଷ୍ଟି ଓ ସ୍ଥାନୀୟ ସରପଞ୍ଚ ତଥା ଅନ୍ୟ ବିଶିଷ୍ଟ ବ୍ୟକ୍ତିବିଶେଷ ମାନେ ଉପସ୍ଥିତ ରହି କମ୍ପାନୀର ଅଧିକାରୀମାନଙ୍କୁ ଉତ୍ସାହିତ କରିଥିଲେ । କମ୍ପାନୀ ପକ୍ଷରୁ ବିଭିନ୍ନ ବିଭାଗରୁ ୬୦ରୁ ଉର୍ଦ୍ଧ୍ୱ କର୍ମଚାରୀ ମାନଙ୍କ ସକ୍ରିୟ ଅଂଶଗ୍ରହଣରେ ତଥା ନିୟୋଜିତ ଶ୍ରମିକମାନଙ୍କ ଦ୍ୱାରା ବନ୍ଧଗାଁ ଗ୍ରାମରେ ଗୋଟିଏ ଦିନରେ ୫,୦୦୦ ଚାରା ରୋପଣ କରାଯାଇଥିଲା । ଏତଦ୍‌ବ୍ୟତୀତ କାରଖାନା ପରିସରରେ ମଧ୍ୟ କର୍ମଚାରୀମାନେ ୧,୦୦୦ ବୃକ୍ଷ ରୋପଣ କରିଥିଲେ । ଏହି ଅବସରରେ ଜିନ୍ଦଲ୍ ଷ୍ଟେନ୍‌ଲେସ୍ ଲିମିଟେଡର ମୁଖ୍ୟ ସଷ୍ଟେନେବିଲିଟି ଅଧିକାରୀ କଲ୍ୟାଣ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି:ଏହି ପଦକ୍ଷେପ ତୃଣମୂଳ ସ୍ତରରେ ସମ୍ପ୍ରଦାୟକୁ ସାମିଲ୍ କରି ପରିବେଶଗତ ସନ୍ତୁଳନକୁ ବୃଦ୍ଧି କରିବାର ଆମର ଦୀର୍ଘକାଳୀନ ଦୃଷ୍ଟିକୋଣକୁ ପ୍ରତିଫଳିତ କରେ । ଆମେ ସ୍ଥାନୀୟ ପ୍ରଶାସନ ଏବଂ ବନ୍ଧଗାଁର ଲୋକଙ୍କ ଉତ୍ସାହୀ ଅଂଶଗ୍ରହଣ ଏବଂ ସମର୍ଥନ ପାଇଁ କୃତଜ୍ଞ । ଏଠାରେ ପ୍ରକାଶ ଥାଉକି ଜିନ୍ଦଲ୍ ଷ୍ଟେନ୍‌ଲେସ୍ ଲିଃ ଜଳବାୟୁ ପରିବର୍ତ୍ତନ ପ୍ରଭାବକୁ ହ୍ରାସ କରିବା ଓ ସବୁଜ ଭବିଷ୍ୟତକୁ ପ୍ରୋତ୍ସାହନ ଦେବା ନିମନ୍ତେ ଆର୍ଥିକ ବର୍ଷ ୨୩-୨ ରେ ବ୍ୟାସନଗର ଗୋଶାଳା ଠାରେ ୨୦,୦୦୦, ଦାନଗଦି ବ୍ଲକ ଅନ୍ତର୍ଗତ ତେଲିବାହାଳି ଠାରେ ୭,୦୦୦ ଓ କାଳିଆପାଣିରେ କୃଷିବନୀକରଣ କାର୍ଯ୍ୟକ୍ରମ ଜରିଆରେ ବିଭିନ୍ନ ଅଞ୍ଚଳରେ ୫୦,୦୦୦ ଏବଂ ଆର୍ଥିକ ବର୍ଷ ୨୪-୨୫ରେ ସୁକିନ୍ଦା ବ୍ଲକ ଅନ୍ତର୍ଗତ ଆମ୍ବସର ଠାରେ ୧୯,୦୦୦ ଓ ବନ୍ଧଗାଁ ଠାରେ ୨୧,୦୦୦ ବୃକ୍ଷ ରୋପଣ କାର୍ଯ୍ୟକୁ ସମ୍ପନ୍ନ କରିଛି । ପରିବେଶଗତ ସୁରକ୍ଷା ଏବଂ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ପ୍ରତି ଏହାର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରି ଜିନ୍ଦଲ୍ ଷ୍ଟେନ୍‌ଲେସ୍ ବିଭିନ୍ନ ଅଞ୍ଚଳରେ ଏପରି ସବୁଜ ପଦକ୍ଷେପ ଜାରି ରଖିବାକୁ ଯୋଜନା କରୁଛି ।



# ସ୍ୱତନ୍ତ୍ର ଏନ୍‌ଫୋର୍ସମେଣ୍ଟ ଡ୍ରାଇଭ୍:୧.୧୫ କୋଟିର ବେଆଇନ୍ ସାମଗ୍ରୀ ଜବତ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବେଆଇନ୍ ନିଶା କାରବାର ବିରୋଧରେ ଚାଲୁଥିବା କଡା କାର୍ଯ୍ୟାନୁଷ୍ଠାନର ଅଂଶରୂପ, ସ୍ୱତନ୍ତ୍ର ଏନ୍‌ଫୋର୍ସମେଣ୍ଟ ଡ୍ରାଇଭ୍‌ର ୧୭ତମ ଦିନରେ ମୋଟ୍ ୧.୧୫ କୋଟି ଟଙ୍କାର ମୂଲ୍ୟର ବେଆଇନ୍ ସାମଗ୍ରୀ ଜବତ ହୋଇଛି । ମିଳିଥିବା ତଥ୍ୟ ଅନୁସାରେ, ଏହି ଅଭିଯାନ ୧୭ ତମ ଦିନରେ ୧୫୦ଟି ମାମଲା ରୁଜୁ ସହ ସମ୍ପୃକ୍ତ ୫୩ ଜଣଙ୍କୁ ଗିରଫ କରାଯାଇଛି । ଏଥିରେ ଚଢ଼ାଉକାରି ଦଳ ୯,୨୫୯ ଲିଟର୍ ବେଆଇନ୍ ମଦ, ୨୭୭ ଲିଟର ଡ୍ୟୁଟି-ପେଡ୍ ଲିକର ଜବତ କରିବା ସହିତ ୯୪,୫୧୦ ଲିଟର୍ ପୋଚକୁ ନଷ୍ଟ କରିଛନ୍ତି । ଏଥି ସହିତ, ବେଆଇନ୍ ପରିବହନ ପାଇଁ ବ୍ୟବହୃତ ୧୪ଟି ଯାନକୁ ଜବତ କରାଯାଇଛି । ସେହିପରି ନିଷିଦ୍ଧ ନିଶା ଚୋରା ଚାଲାଣ ବିରୋଧରେ ମଧ୍ୟ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଚଢ଼ାଉକାରି ଦଳ NDPS ଆକ୍ଟରେ ୧୧ଟି କେସ୍ ରୁଜୁ ସହ ୧୪୩ କିଲୋଗ୍ରାମ୍ ଗଞ୍ଜେଇ ଓ ୧୬୭ ଗ୍ରାମ୍ ହେରୋଇନ୍ ଜବତ କରିଛନ୍ତି । ରାଜ୍ୟରେ ବେଆଇନ୍ ମଦ ଏବଂ ନାରକୋଟିକ୍ସ ବ୍ୟବସାୟକୁ ନିୟନ୍ତ୍ରଣ କରିବାର ପ୍ରତିବଦ୍ଧତାକୁ ଦୋହରାଇ ଅବକାରୀ ବିଭାଗ ଏହି ଅବିରତ କାର୍ଯ୍ୟାନୁଷ୍ଠାନ ଜାରିରଖିଛି । ଚଳିତ ମାସରୁ ଆରମ୍ଭ ହୋଇଥିବା ଏହି ସ୍ୱତନ୍ତ୍ର ଚଢ଼ଉ ଅଭିଯାନରେ ବହୁ ଟଙ୍କା ମୂଲ୍ୟର ବେଆଇନ୍ ସାମଗ୍ରୀ ଜବତ ସହ ଅନେକଙ୍କୁ ଗିରଫ କରାଯାଇଛି । ଏହି ସ୍ୱତନ୍ତ୍ର ଚଢ଼ଉ ଅଭିଯାନ ବେଆଇନ୍ ନିଶା କାରବାରକୁ ସମ୍ପୂର୍ଣ୍ଣ ରୋକିବା ଦିଗରେ ଏକ ବଡ଼ ପଦକ୍ଷେପ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

# ନେଟ୍ ଜିରୋ କାର୍ବନ ଲକ୍ଷ୍ୟ ହାସଲ ପାଇଁ ପମ୍ପଡ଼ ଷ୍ଟୋରେଜ ହାଇଡ୍ରୋ ପ୍ରୋଜେକ୍ଟ ସହାୟକ ହେବ:ଉପମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**


ପମ୍ପଡ୍ ଷ୍ଟୋରେଜ୍ ହାଇଡ୍ରୋ ପ୍ରୋଜେକ୍ଟ (PSPs) ଭାରତର ଶକ୍ତି ପରିବର୍ତ୍ତନରେ ଏକ ଗୁରୁତ୍ୱପୂର୍ଣ୍ଣ ସହାୟକ ଭାବରେ ବିକଶିତ ହେଉଛି । ଅଧିକ ବିଦ୍ୟୁତ୍ ଚାହିଦା ନଥିବା ସମୟ(off-peak hour)ରେ ଅତିରିକ୍ତ ଶକ୍ତିକୁ ସଂରକ୍ଷଣ କରି ଏବଂ ଅଧିକ ଚାହିଦା (peak hour) ସମୟରେ ପିଏସ୍‌ପି ପ୍ରଭାବଶାଳୀ, ଦୀର୍ଘ-ଅବଧି ଗ୍ରୀଡ୍-ସ୍କେଲ୍ ଷ୍ଟୋରେଜ୍ ପ୍ରଦାନ କରିଥାଏ । ଏହା କେବଳ ନବୀକରଣୀୟ ଶକ୍ତିର ଅନ୍ତରାୟକୁ ସମାଧାନ କରେ ନାହିଁ ବରଂ ତୁରନ୍ତ ଲୋଡ୍ ପ୍ରତିକ୍ରିୟା, ଘୂର୍ଣ୍ଣନ ସଂରକ୍ଷଣ, ଫ୍ରିକ୍ୱେନ୍ସି ନିୟନ୍ତ୍ରଣ ଏବଂ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସହାୟକ ସେବା ପ୍ରଦାନ କରି ଗ୍ରୀଡ୍ ସ୍ଥିରତାକୁ ମଧ୍ୟ ବୃଦ୍ଧି କରିଥାଏ । ପିଏସ୍‌ପି ଏହିପରି ଏକ ନିର୍ଭରଯୋଗ୍ୟ, ସ୍ଥିର ଓ କମ୍-କାର୍ବନ ଶକ୍ତି ବ୍ୟବସ୍ଥା ପାଇଁ ଏକ ମେରୁଦଣ୍ଡ ସଦୃଶ କାର୍ଯ୍ୟ କରେ । ଶକ୍ତି ସଂରକ୍ଷଣ ଭିତ୍ତିଭୂମିକୁ ଦ୍ରୁତଗତିରେ ବିକଶିତ କରିବା ଏବଂ ଗ୍ରୀଡ୍‌ରେ ନବୀକରଣୀୟ ଶକ୍ତିର ସୁଗମ ସମନ୍ୱୟକୁ ସକ୍ଷମ କରିବା ପାଇଁ ଓଡ଼ିଶା ସରକାର ପମ୍ପଡ୍ ଷ୍ଟୋରେଜ୍ ପ୍ରୋଜେକ୍ଟ (PSP) ନୀତିକୁ ଅଧିସୂଚିତ କରିଛନ୍ତି । ସ୍ୱ-ଚିହ୍ନିତ ଏବଂ ରାଜ୍ୟ-ଚିହ୍ନିତ ପ୍ରକଳ୍ପ ସ୍ଥାନ ଉଭୟ ଆବଣ୍ଟନ ପାଇଁ ଗ୍ରୀଡ଼କୋ (GRIDCO)କୁ ନୋଡାଲ୍ ଏଜେନ୍ସି କରାଯାଇଛି । ରାଜ୍ୟ ଦ୍ୱାରା ଚିହ୍ନଟ ହୋଇଥିବା ୪୫ଟି ସମ୍ଭାବ୍ୟ ପିଏସ୍‌ପି ସାଇଟ୍ ଗ୍ରୀଡ଼କୋର ସରକାରୀ ୱେବ୍ ପୋର୍ଟାଲ୍‌ରେ ମଧ୍ୟ ପ୍ରକାଶିତ ହୋଇଛି । ପମ୍ପଡ୍ ଷ୍ଟୋରେଜ୍ ପ୍ରକଳ୍ପ ନୀତି କାର୍ଯ୍ୟକାରୀ କରିବା ପାଇଁ କାର୍ଯ୍ୟକ୍ଷମ ନିର୍ଦ୍ଦେଶାବଳୀ ୧୭ ଜୁଲାଇ ୨୦୨୫ରେ ଅଧିସୂଚିତ କରାଯାଇଥିଲା । ସମସ୍ତ ପ୍ରକଳ୍ପ ନିର୍ମାଣ-ମାଲିକାନା-ପରିଚାଳନା-ସ୍ଥାନାନ୍ତର (BOOT) ମଡେଲ୍‌କୁ ଅନୁସରଣ କରିବ ଏବଂ ଏହାର ରିହାତି ଅବଧି ୪୦ ବର୍ଷ ଅଟେ କିନ୍ତୁ ଏହାକୁ ପୁନଃ ୩୦ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇପାରିବ । CGP ସ୍ଥିତି ବଜାୟ ରଖିଥିବା କ୍ୟାପ୍ଟିଭ୍ ପିଏସ୍‌ପି ଗୁଡ଼ିକୁ ଛାଡି ରିହାତି ଅବଧି ଶେଷ ହୋଇଥିବା ଅନ୍ୟ ସବୁ ପ୍ରକଳ୍ପ ଗୁଡ଼ିକ ରାଜ୍ୟ ସରକାରଙ୍କୁ ହସ୍ତାନ୍ତର କରାଯିବ । ଉପ-ମୁଖ୍ୟମନ୍ତ୍ରୀ ଏବଂ ଶକ୍ତି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏହି ନୀତିକୁ ଗ୍ରୀଡ୍ ସ୍ଥିରତା ଏବଂ ନେଟ୍ ଜିରୋ ଲକ୍ଷ୍ୟ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କହିଛନ୍ତି । ସୁଗମ କାର୍ଯ୍ୟକାରିତା ଏବଂ ଦ୍ରୁତ ଅନୁମୋଦନ ସହିତ, ଓଡ଼ିଶା ପିଏସ୍‌ପି କ୍ଷମତାକୁ ଦ୍ରୁତ ଗତିରେ ବୃଦ୍ଧି କରିବାକୁ ପ୍ରସ୍ତୁତ । ଓଡ଼ିଶାର ପିଏସ୍‌ପି ଗୁଡ଼ିକ OREP-୨୨ ଅଧୀନରେ ସମସ୍ତ ସୁବିଧା ଉପଭୋଗ କରିପାରିବେ । ଯଥା, ଇନ୍‌ପୁଟ୍ ଶକ୍ତି ଉପରେ କୌଣସି ବିଦ୍ୟୁତ୍ ଶୁଳ୍କ କିମ୍ବା କ୍ରସ୍-ସବ୍‌ସିଡି ସରଚାର୍ଜ, ଅଣ-ବ୍ୟବହାରକାରୀ ବ୍ୟବହାର ପାଇଁ କୌଣସି ଜଳକର ବାଧ୍ୟତାମୂଳକ ନୁହେଁ । ଡେଭଲପରମାନେ କେନ୍ଦ୍ରୀୟ ବଜେଟ୍ ସହାୟତା, ରାଜ୍ୟରେ ନବୀକରଣୀୟ ଶକ୍ତିରୁ ଶକ୍ତି ଇନ୍‌ପୁଟ୍ ସଂଗ୍ରହ କରାଗଲେ ପୂର୍ଣ୍ଣ ନବୀକରଣୀୟ ଶକ୍ତି ପ୍ରୋତ୍ସାହନ ପାଇଁ ଯୋଗ୍ୟ ଅଟନ୍ତି ଏବଂ ଓଡ଼ିଶା ବାହାରୁ ସୋର୍ସିଂ ପାଇଁ ସେମାନଙ୍କୁ କୌଣସି ଦଣ୍ଡର ସମ୍ମୁଖୀନ ହେବାକୁ ପଡିବନାହିଁ । IPR ପ୍ରୋତ୍ସାହନ ନେଉଥିବା ପ୍ରକଳ୍ପଗୁଡ଼ିକ ଏହି ନୀତି କିମ୍ବା OREP-୨୨ ଅନୁଯାୟୀ ଲାଭ ଦାବି କରିପାରିବେ ନାହିଁ । ପମ୍ପଡ଼ ଷ୍ଟୋରେଜ ପ୍ରକଳ୍ପ ନୀତି ସହିତ, ଓଡ଼ିଶା ଏକ ସ୍ଥିର, ନବୀକରଣ-ଚାଳିତ-ଶକ୍ତି ସମ୍ପନ୍ନ ଭବିଷ୍ୟତ ପାଇଁ ଭିତ୍ତିଭୂମି ସ୍ଥାପନ କରୁଛି । ଏହା ସ୍ଥାୟୀ ଅଭିବୃଦ୍ଧି ଏବଂ ଜଳବାୟୁ-ସଚେତନ ବିକାଶ ଦିଗରେ ଏକ ନିର୍ଣ୍ଣାୟକ ପଦକ୍ଷେପ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ପ୍ରକାଶ କରିଛନ୍ତି ।

# ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**



**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୩ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୯ଙ୍କ


**ତା୨୦।୯।୨୦୨୫, ଆଶ୍ୱିନ ଦି୪ନ, ଶନିବାର**

**ସୂର୍ଯ୍ୟୋଦୟ- ଘ୫।୩୫।୦୬ ଚନ୍ଦ୍ରୋଦୟ- ନିଘ ୪।୫୭।୦୩**

**ଚତୁର୍ଦ୍ଦଶୀ-** ରାଘ ୧୨।୧୭ ପର୍ଯ୍ୟନ୍ତ । **ମଘା ନକ୍ଷତ୍ର-** ଦିଘ ୮।୦୬ ପର୍ଯ୍ୟନ୍ତ । **ସିଂହ ଚନ୍ଦ୍ର-** ଦ୬୦ଣ୍ଡ । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ବିଛା, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** କର୍କଟ ଓ ମକର ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଚତୁର୍ଦ୍ଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ବିରି ରାଘ ୧୨।୧୭ ପରେ ଆମିଷ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୭।୧୫ ଗତେ ଦିଘ ୮।୩୯ ମଧ୍ୟେ । ଦିଘ ୨।୪୧ ଗତେ ଘ ୩।୧୬ ମଧ୍ୟେ । **ପର୍ବୋତ୍ସବ-** ଶସ୍ତ୍ରାସ୍ତ୍ରହତ ବ୍ୟକ୍ତିଙ୍କ ଏକୋଦ୍ଦିଷ୍ଟ ଶ୍ରାଦ୍ଧ ।




**ମେଷ:** ନିଜର ଅନିଚ୍ଛା ସତ୍ତ୍ୱେ ଦୂରକୁ ଯାତ୍ରା କରିପାରନ୍ତି । ଶତ୍ରୁ ପରାସ୍ତ ହେବେ । ଆୟ ଯୋଗ ରହିଛି । ପାରିବାରିକ ଜୀବନ ସୁଖମୟ ହେବାର ସୂଚନା । ଶରୀର ସୁସ୍ଥ ରହିବ । ମହିଳାମାନେ ସୁଖୀ ହେବେ ।




**ବୃଷ:** ନୂତନ କର୍ମାରମ୍ଭର ସୁଯୋଗ ଜୁଟିପାରେ । ବିବାଦୀୟ କ୍ଷେତ୍ର ଠାରୁ ଦୂରେଇ ରହିବା ଶ୍ରେୟସ୍କର । ଆୟ ଓ ବ୍ୟୟ ସମାନ ରହିବ । ନୂତନ ଦ୍ରବ୍ୟ କ୍ରୟ କରିବାର ସମ୍ଭାବନା । ମନ ଭଲ ରହିବ ।



**ମିଥୁନ:** ସାଧନାରେ ସିଦ୍ଧି ଲାଭ କରିବେ । ଆର୍ଥିକ ସ୍ଥିତିରେ ଉନ୍ନତି ଦେଖାଦେବ । ଚାକିରୀ କ୍ଷେତ୍ରରେ ଉନ୍ନତି ଦେଖାଦେବ । ଘରେ ଶାନ୍ତିର ବାତାବରଣ ରହିବ । ବନ୍ଧୁ ଦର୍ଶନର ସୁଯୋଗ ।



**କର୍କଟ:** ଘାତଚନ୍ଦ୍ର ହେତୁ ସାବଧାନତା ଶ୍ରେୟସ୍କର । ପରିଶ୍ରମ ତୁଳନାରେ ପାରିଶ୍ରମିକ ମନୋନିତ ହେବନାହିଁ । ଆୟ ଅପେକ୍ଷା ବ୍ୟୟର ମାତ୍ରା ଅଧିକ ହେବ । ଘରେ କଳହ ଓ ଅଶାନ୍ତି ଦେଖାଦେବାର ସୂଚନା ।




**ସିଂହ:** ଆଜି ଆପଣଙ୍କର ଦିନଟି ଭଲରେ ବିତିବ । ନୂତନ କର୍ମାରମ୍ଭ କରିବାର ସୁଯୋଗ ଜୁଟିପାରେ । ଆୟରେ ଉନ୍ନତି ଦେଖାଦେବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ଗୃହେ ଆନନ୍ଦ ଦେଖାଦେବ ।




**କନ୍ୟା:** ପରୋପକାରୀ ହେବେ । ଖର୍ଚ୍ଚର ପରିମାଣ ଅଧିକ ହେବ । ପାରିବାରିକ ଜୀବନରେ ଅସନ୍ତୋଷ ଦେଖାଦେଇପାରେ । ବିବାଦୀୟ କ୍ଷେତ୍ର ଠାରୁ ଦୂରେଇ ରହିବା ଭଲ । ମନ ଅସ୍ଥିର ରହିବ ।




**ତୁଳା:** ଐଶ୍ୱର୍ଯ୍ୟ ପ୍ରାପ୍ତ ହେବ । ହଠାତ୍ କୌଣସି ଏକ ଖବର ପାଇ ଆନନ୍ଦିତ ହୋଇପାରନ୍ତି । ଦେହଓ ମନ ଭଲ ରହିବ । ଆର୍ଥିକ ସ୍ଥିତି ସୁଦୃଢ଼ ହେବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।




**ବିଛା:** କାର୍ଯ୍ୟରେ ସଫଳତା ଦେଖାଦେବ । ଆର୍ଥିକ କ୍ଷେତ୍ରରେ ଉନ୍ନତି ଦେଖାଦେବ । ପିଲାମାନେ ପଢ଼ାପଢ଼ିରେ ମନ ଦେବେ । ଘରେ ଶାନ୍ତିର ବାତାବରଣ ରହିବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ଭ୍ରମଣ ଯୋଗ ରହିଛି ।



**ଧନୁ:** ଦୁଃସାହସିକ କାର୍ଯ୍ୟ କରି କୃତକାର୍ଯ୍ୟ ହେବେ । ଦୟାଳୁ ହେବେ । ଦୂରଯାତ୍ରା କରିପାରନ୍ତି । ମହିଳାମାନେ ସୁଖୀ ହେବେ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ଶରୀର ସୁସ୍ଥ ରହିବ । ଗୃହେ ଆନନ୍ଦ ଦେଖାଦେବ ।



**ମକର:** ଆଜି ଆପଣଙ୍କର ଦିନଟି ସେତେ ଭଲରେ କଟିବ ନାହିଁ । ସତ କଥା କହିଲେ ବି ନିଜର ଲୋକ ଭୁଲ୍ ବୁଝିବେ । ବିବାଦୀୟ କ୍ଷେତ୍ର ଠାରୁ ଦୂରେଇ ରହିବା ଭଲ । ବ୍ୟୟର ମାତ୍ରା ବଢ଼ିବାର ସମ୍ଭାବନା ।



**କୁମ୍ଭ:** ଅନେକ ଦିନରୁ ଅଟକି ରହିଥିବା କାମଟି ହେବ । ଆୟ ଓ ବ୍ୟୟ ସମାନ ରହିବ । ସାମାଜିକ କ୍ଷେତ୍ରରେ ପ୍ରଶଂସିତ ହେବେ । ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ । ଦେହ ଭଲ ରହିବ ।



**ମୀନ:** ଆଜିର ଯାତ୍ରାରେ ଲକ୍ଷ୍ୟ ହାସଲ କରିବେ । କୁଭୋଜନ କରି ଉଦର ପୀଡ଼ା ଦେଖାଦେଇପାରେ । ରୋଜଗାର ଭଲ ହେବ । ଶତ୍ରୁ ପରାଜିତ ହେବେ । ଘରେ ଶାନ୍ତି ଲାଭ ହେବ ।

# ବିଦ୍ୟୁତ୍ ତାର ଛିଣ୍ଡି ଚାଷୀଙ୍କ ମୃତ୍ୟୁ

**ବରଗଡ଼, ନ୍ୟୁଜ୍ ବ୍ୟୁରୋ**

ବୁଧବାର ଦିନ ୧୨ଟା ସମୟରେ ସୋହେଲା ବ୍ଲକ ବାଉସେନମୁରା ଗ୍ରାମର ହରିବନ୍ଧୁ ବାରିକ (ହରିହର ) ବୟସ ୪୬ କ୍ଷେତକୁ କୀଟନାଶକ ସିଞ୍ଚନ କରୁଥିବା ବେଳେ ହଠାତ୍ ବିଦ୍ୟୁତ୍ ତାର ଛିଣ୍ଡିଯିବା କାରଣରୁ ଚାଷୀଙ୍କ ଜୀବନ ଚାଲିଯାଇଛି । ଏହି ଘଟଣା ଗ୍ରାମବାସୀ ଜାଣିବା ପରେ ଟାଟା ପାୱାର ଅଫିସ ଏବଂ ପୋଲିସଙ୍କୁ ଫୋନ୍ କରି ଜଣାଇଥିଲେ । ହେଲେ ବହୁ ବିଳମ୍ବ ପରେ ରାତ୍ରି ୭ଟାରେ ଟାଟା ପାୱାର ଏସ୍‌ଡିଓ ସୋହେଲାର ସାଇ ନିଖିଳ ପଟେଲ ଘଟଣା ସ୍ଥଳକୁ ଆସି ମୃତ୍ୟୁ ବରଣ କରିଥିବା ପରିବାର ବର୍ଗ, କୃଷକ ବିକାଶ ମଞ୍ଚ ସଭାପତି ମନୋହର ମାଝୀ ଏବଂ ଗ୍ରାମବାସୀଙ୍କ ସହିତ ଆଲୋଚନା କଲାପରେ ସମାଧାନ ପୂର୍ବକ ପରିବାରର ଜଣକୁ ନିଯୁକ୍ତି ଦିଆଯିବ ଏବଂ ୪ ଲକ୍ଷ ଟଙ୍କା ସାହାଯ୍ୟ ପାଇଁ ୩/୪ ଦିନ ମଧ୍ୟରେ ଦେବା ପ୍ରତିଶୃତି ପରେ ଶବ ବ୍ୟବଚ୍ଛେଦ ପାଇଁ ଗ୍ରାମବାସୀ ଏବଂ ପରିବାରବର୍ଗ ରାଜି ହୋଇଛନ୍ତି ।

# ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୩ ସାଲ, ଶକାବ୍ଦଃ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦଃ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୯ଙ୍କ

**ତା୨୧।୯।୨୦୨୫, ଆଶ୍ୱିନ ଦି୫ନ, ରବିବାର**

**ସୂର୍ଯ୍ୟୋଦୟ- ଘ୫।୩୫।୧୯ ଚନ୍ଦ୍ରୋଦୟ- ନାସ୍ତି**

**ଅମାବାସ୍ୟା-** ରାଘ ୧।୨୪ ପର୍ଯ୍ୟନ୍ତ । **ପୂର୍ବା ଫାଲ୍ଗୁନି ନକ୍ଷତ୍ର-** ଦିଘ ୯।୩୩ ପର୍ଯ୍ୟନ୍ତ । **ସିଂହ ଚନ୍ଦ୍ର-** ଦିଘ ୩।୫୮ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ବିଛା, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** କର୍କଟ ଓ ମକର ରାଶିର ଦିଘ ୩।୫୮ ଗତେ ବୃଷ ରାଶିର । **ଶ୍ରାଦ୍ଧନିର୍ଣ୍ଣୟ-** ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ଆମିଷ ରାଘ ୧।୨୪ ପରେ ପାଣିକଖାରୁ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୨୭ ଗତେ ଘ ୮।୫୧ ମଧ୍ୟେ । ଦିଘ ୧।୧୦ ଗତେ ଘ ୩।୧୬ ମଧ୍ୟେ । **ପର୍ବୋତ୍ସବ-** ମହାଳୟା ଅମାବାସ୍ୟା, ଫୁଲେରୀ ଓଷା, ଭଦ୍ର ମହାକାଳୀ ବ୍ରତ, ନିଶା ପାଳନ ।

GOVERNMENT OF INDIA
MINISTRY OF PORTS, SHIPPING AND WATERWAYS
SAGARMALA




# ସାମୁଦ୍ରିକ କ୍ଷେତ୍ରରେ ରୂପାନ୍ତରିତ ହେଉଛି



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

ସେବା ହେଉଛି ସଂକଳ୍ପ,
ଭାରତ ପ୍ରଥମେ ପ୍ରେରଣା...୭୫ ବର୍ଷ

## ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଏବଂ ଉଦ୍‌ଘାଟନ

# ମୂଲ୍ୟ ₹ ୩୪,୦୦୦ କୋଟି ଟଙ୍କା

## ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

- କୋଲକାତାର ଶ୍ୟାମା ପ୍ରସାଦ ମୁଖାର୍ଜୀ ବନ୍ଦରରେ ନୂତନ ଧାରକ (କଣ୍ଟେନର) ଟର୍ମିନାଲ ଏବଂ ଅନ୍ୟାନ୍ୟ ପ୍ରକଳ୍ପ
- ପାରାଦୀପ ବନ୍ଦରରେ ନୂତନ କଣ୍ଟେନର ବର୍ଥ, ମାଲବାହୀ ଜିନିଷପତ୍ର ପରିଚାଳନାର ସୁବିଧା ଏବଂ ଅନ୍ୟାନ୍ୟ ପ୍ରକଳ୍ପ
- କାମରାଜର ବନ୍ଦର, ଏନ୍ନୁରରେ ଅଗ୍ନି ନିର୍ବାପନ ସୁବିଧା, ଆଧୁନିକ ରାସ୍ତା ସଂଯୋଗୀକରଣ ଏବଂ ଅନ୍ୟାନ୍ୟ ପ୍ରକଳ୍ପ
- ଚେନ୍ନାଇ ବନ୍ଦରରେ ଉପକୂଳ ସୁରକ୍ଷା ପାଇଁ ଦୃଢ଼ ସମୁଦ୍ର ପ୍ରାଚୀର ଏବଂ ପୁନଃନିର୍ମାଣ କାର୍ଯ୍ୟ
- କାଣ୍ଡଲାର ଦୀନଦୟାଲ ବନ୍ଦରର ଟୁନା ଟେକ୍ରା ଠାରୁ ବହୁମୁଖୀ ମାଲବାହୀଜିନିଷ ପତ୍ର ନେବା ପାଇଁ ବର୍ଥ
- କାର ନିକୋବର ଦ୍ୱୀପରେ ସମୁଦ୍ର ପ୍ରାଚୀର
- ଦୀନଦୟାଲ ବନ୍ଦର, କାଣ୍ଡଲା ଠାରେ ସବୁଜ ବାୟୋ-ମିଥାନଲ ପ୍ଲାଣ୍ଟ, ତେଲ ଜେଟି ଏବଂ ଅନ୍ୟାନ୍ୟ ପ୍ରକଳ୍ପ
- ପାଟନାରେ ଜାହାଜ ମରାମତି ସୁବିଧା
- ବାରାଣସୀରେ ଜାହାଜ ମରାମତି ସୁବିଧା ଏବଂ ମାଲ ପରିବହନ ଗ୍ରାମ
- ରାଷ୍ଟ୍ରୀୟ ରାଜପଥ ଉପରେ ୭୦ କିଲୋମିଟର ଦୂରତାର ଚାରିଲେନର ପ୍ରକଳ୍ପ
- ସାର ଟି. ହସ୍ପିଟାଲରେ ଶିକ୍ଷାଗତ ବ୍ଲକ, ଶିକ୍ଷାଦାନ ହସ୍ପିଟାଲ ଏବଂ ଏମସିଏଚ ବ୍ଲକ
- ଜାମନଗରର ଜିଜିଜି ହସ୍ପିଟାଲରେ ଓପିଡି, ଏମ୍‌ସିଏଚ୍, ଏବଂ ସୁପର ସ୍ପେଶାଲିଟି ହସ୍ପିଟାଲ

## ବିଭିନ୍ନ ପ୍ରକଳ୍ପର ଉଦଘାଟନ

- ମୁମ୍ବାଇ ବନ୍ଦରର ଇନ୍ଦିରା ଡକ୍‌ରେ ମୁମ୍ବାଇ ଆନ୍ତର୍ଜାତୀୟ କ୍ରୁଜ ଟର୍ମିନାଲ (ଏମ୍‌ଆଇସିଟି)
- ଛାରା ବନ୍ଦରରେ ଏଚ୍‌ପିଏଲ୍‌ଏନ୍‌ଜି ପୁନଃଗାସିଫିକେସନ ଟର୍ମିନାଲ ଏବଂ ଗୁଜରାଟ ଆଇଓସିଏଲ୍ ରିଫାଇନାରୀରେ ଆକ୍ରିଲିକ୍ସ ଏବଂ ଅକ୍ସୋ ଆଲକୋହଲ ପ୍ରକଳ୍ପ
- ସବୁଜ ଶକ୍ତି ପାଇଁ ୨୮୦ ଏମ୍‌ଡବ୍ଲୁଏସି / ୪୦୦ ଏମ୍‌ଡବ୍ଲୁଡିସି ସୌର ପ୍ରକଳ୍ପ ଏବଂ ୬୦୦ ଏମ୍‌ଡବ୍ଲ୍ୟୁ ଗ୍ରୀନସୁ ପଦକ୍ଷେପ
- ଗୁଜରାଟର ଚାଷୀଙ୍କ ପାଇଁ ପିଏମ୍-କୁସୁମ- ୪୭୫ ମେଗାୱାଟ କ୍ଷମତା ବିଶିଷ୍ଟ ଉପାଦାନ ସି-ଫିଡର
- ବାଡେଲି ଠାରେ ୪୫ ମେଗାୱାଟ ସରକାରୀ ଅପଚୟ ଭୂମି ସୌର ପିଭି ପ୍ରକଳ୍ପ
- ଧୋରଡୋ ଗାଁର ୧୦୦% ସୌରୀକରଣ

## ଶିଳ୍ପ ବୁଝାମଣାପତ୍ର

- ଜାହାଜ ନିର୍ମାଣ ପାଇଁ ସିଏସ୍‌ଏଲ୍ ଏବଂ ଏମ୍‌ଡି କେଏସ୍‌ଓଇ ମଧ୍ୟରେ ବୁଝାମଣାପତ୍ର
- ଭାରତରେ ଜାହାଜ ନିର୍ମାଣ ପାଇଁ ଏସ୍‌ସିଆଇ ଏବଂ ଆଇଓସିଏଲ, ବିପିସିଏଲ୍ ଏବଂ ଏଚ୍‌ପିସିଏଲ୍ ମଧ୍ୟରେ ବୁଝାମଣାପତ୍ର
- ଜାହାଜ ନିର୍ମାଣ ଇକୋସିଷ୍ଟମ ପାଇଁ ଏମ୍‌ଡିଏଲ, ସିଏସ୍‌ଏଲ, ଜିଆରଏସ୍‌ଇ, ତାମିଲନାଡୁ ସରକାର ଏବଂ ଜିଏମ୍‌ବି ମଧ୍ୟରେ ଅନେକ ଏମଓୟୁ
- ଜାହାଜ ନିର୍ମାଣ ଇକୋସିଷ୍ଟମ ବିକାଶ ପାଇଁ ରାଜ୍ୟଗୁଡ଼ିକ ସହିତ ବୁଝାମଣାପତ୍ର: (୧) ଆନ୍ଧ୍ର ପ୍ରଦେଶ, (୨) ଓଡ଼ିଶା, (୩) ଗୁଜରାଟ, (୪) ମହାରାଷ୍ଟ୍ର, (୫) ତାମିଲନାଡୁ

# ଶ୍ରୀ ନରେନ୍ଦ୍ର ମୋଦୀ

## ମାନ୍ୟବର ପ୍ରଧାନମନ୍ତ୍ରୀ
## ଙ୍କ ଦ୍ୱାରା

ଶନିବାର, ୨୦ ସେପ୍ଟେମ୍ବର ୨୦୨୫ | ସମୟ: ସକାଳ ୧୦:୦୦ | ସ୍ଥାନ: ଜବାହର ଗ୍ରାଉଣ୍ଡ, ଭାବନଗର, ଗୁଜରାଟ

## ମୁଖ୍ୟ ଉପକାର

- ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି
- ବନ୍ଦର ସଂଯୋଗୀକରଣ ଏବଂ ଦକ୍ଷତା ବୃଦ୍ଧି କରିବା
- ଜାହାଜ ଚଳାଚଳ ଏବଂ ସ୍ୱଦେଶୀ ଜାହାଜ ନିର୍ମାଣର ବିକାଶ
- ବନ୍ଦର ସୁରକ୍ଷା ଓ ନିରାପତ୍ତା ସୁଦୃଢ କରିବା
- ଜୀବନର ଗୁଣବତ୍ତା ଉନ୍ନତି
- ସବୁଜ ଶକ୍ତି ଏବଂ ସ୍ଥାୟୀ ବିକାଶର ପ୍ରୋତ୍ସାହନ
- ଉତ୍ତମ ସଂଯୋଗ ବ୍ୟବସ୍ଥା ଏବଂ ପରିବହନ
- ସ୍ୱାସ୍ଥ୍ୟସେବା ସୁବିଧାଗୁଡ଼ିକୁ ସୁଦୃଢ଼ କରିବା

## ଆନୁଷ୍ଠାନିକ ଉପସ୍ଥିତିରେ

| ଶ୍ରୀ ସର୍ବାନନ୍ଦ ସୋନୋୱାଲ | ଶ୍ରୀ ମନସୁଖ ମଣ୍ଡାଭିଆ | ଶ୍ରୀ ସି. ଆର ପାଟିଲ | ଶ୍ରୀ ଭୁପେନ୍ଦ୍ରଭାଇ ପଟେଲ | ଶ୍ରୀ ଶାନ୍ତନୁ ଠାକୁର | ଶ୍ରୀମତୀ ନିମୁବେନ ବାମ୍ଭାନିଆ |
|---|---|---|---|---|---|
| କେନ୍ଦ୍ର ମନ୍ତ୍ରୀ, ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ | କେନ୍ଦ୍ର ଶ୍ରମ ଓ ସଶକ୍ତିକରଣ ଏବଂ ଯୁବ ବ୍ୟାପାର ଏବଂ କ୍ରୀଡା ମନ୍ତ୍ରୀ | କେନ୍ଦ୍ର ମନ୍ତ୍ରୀ, ଜଳ ଶକ୍ତି | ମୁଖ୍ୟମନ୍ତ୍ରୀ, ଗୁଜରାଟ | ବନ୍ଦର, ଜାହାଜ ଚଳାଚଳ ଏବଂ ଜଳପଥ ରାଷ୍ଟ୍ରମନ୍ତ୍ରୀ | ଉପଭୋକ୍ତା ବ୍ୟାପାର ରାଷ୍ଟ୍ରମନ୍ତ୍ରୀ, ଖାଦ୍ୟ ଏବଂ ସାଧାରଣ ବଣ୍ଟନ |

ShipminIndia | Shipmin_India | Sagarmala Project | Sagarmala.gov.in / shipmin.gov.in | LIVE STREAM ଡିଡି ନ୍ୟୁଜରେ ସିଧା ପ୍ରସାରଣ ଦେଖନ୍ତୁ

31 YEARS
ପ୍ରାଞ୍ଜଳିକା
ସମ୍ବାଦ କଳିକା

# କଷ୍ଟକର ସ୍ୱଳ୍ପ ଆୟରେ ପରିବାର ଚଳାଇବା

ଭାରତୀୟ ପରିବାରଗୁଡ଼ିକର ଖର୍ଚ୍ଚ ଗତ ତିନି ବର୍ଷରେ ବେଶ୍ ବଢ଼ିଛି । ଏକ ରିପୋର୍ଟରୁ ଜଣାପଡ଼ିଛି ଯେ ୨୦୨୫ରେ ଭାରତୀୟ ପରିବାରଗୁଡ଼ିକର ହାରାହାରି ତ୍ରୈମାସିକ ଖର୍ଚ୍ଚ ୫୬ ହଜାର ଟଙ୍କାକୁ ବୃଦ୍ଧି ପାଇଛି । ଏହି ଖର୍ଚ୍ଚ ୩ ବର୍ଷରେ ୩୩ ପ୍ରତିଶତ ବଢ଼ିଛି । ଖର୍ଚ୍ଚରେ ସହରାଞ୍ଚଳରେ ବାସ କରୁଥିବା ପରିବାରଗୁଡ଼ିକ ଆଗରେ ଥିଲେ ମଧ୍ୟ ଗ୍ରାମୀଣ ପରିବାରଗୁଡ଼ିକର ଖର୍ଚ୍ଚ ମଧ୍ୟ ବଢୁଥିବା 'ୱାର୍ଲଡ୍‌ପ୍ୟାନେଲ୍ ବାଏ ନ୍ୟୁମରେଟର'ର ରିପୋର୍ଟରୁ ଜଣାପଡ଼ିଛି । ୨୦୨୨ରେ ଭାରତୀୟ ପରିବାରଗୁଡ଼ିକର ହାରାହାରି ତ୍ରୈମାସିକ ଖର୍ଚ୍ଚ ୪୨ ହଜାର ଟଙ୍କା ଥିଲା । ୨୦୨୫ରେ ତାହା ୫୬ ହଜାରକୁ ବୃଦ୍ଧି ପାଇଛି । ସହରରେ ବାସ କରୁଥିବା ପରିବାରଗୁଡ଼ିକର ହାରାହାରି ତ୍ରୈମାସିକ ଖର୍ଚ୍ଚ ୨୦୨୨ ଜୁନ୍‌ରେ ୫୨,୭୧୧ ଟଙ୍କା ଥିଲା । ୨୦୨୪ ମାର୍ଚ୍ଚରେ ତାହା ୬୪,୫୮୩ ଟଙ୍କାକୁ ଏବଂ ୨୦୨୫ ମାର୍ଚ୍ଚରେ ୭୩,୫୭୯ ଟଙ୍କାକୁ ବଢ଼ିଛି । ସେହିପରି, ଗ୍ରାମୀଣ ପରିବାରଗୁଡ଼ିକର ହାରାହାରି ତ୍ରୈମାସିକ ଖର୍ଚ୍ଚ ଯାହା ୨୦୨୨ ଜୁନ୍‌ରେ ୩୬,୧୦୪ ଟଙ୍କା ଥିଲା ତାହା ୨୦୨୫ ମାର୍ଚ୍ଚ ସୁଦ୍ଧା ୪୬,୬୨୩ ଟଙ୍କାକୁ ବୃଦ୍ଧି ପାଇଛି । ଦେଶର ୬୦୦୦ ପରିବାର, ଗୃହିଣୀମାନଙ୍କୁ ନେଇ ଏହି ସର୍ବେକ୍ଷଣ କରାଯାଇଥିଲା । ସ୍ୱଳ୍ପ ଆୟରେ ପରିବାର ଚଳାଇବା କଷ୍ଟକର ହେଉଥିବା ଅଧିକାଂଶ ଲୋକ କହିଛନ୍ତି ।

# ଅତ୍ୟଧିକ ଶୀତରେ ଦେହରୁ ଶୀତବସ୍ତ୍ର ଓହ୍ଲାଇ ଦେବା କି ?



ଶ୍ରୀଶ୍ରୀ ରବିଶଙ୍କର
ମାନବତାବାଦୀ ଓ ଆଧ୍ୟାତ୍ମିକ ଗୁରୁ ତଥା ଆର୍ଟ ଅଫ ଲିଭିଂର ପ୍ରତିଷ୍ଠାତା

ମନୁଷ୍ୟ ଜୀବନ ବହୁତ ମୂଲ୍ୟବାନ । ଆପଣ ସୀମିତ ଶରୀର ସହ ଅନନ୍ତକୁ ଏବଂ ସୀମିତ ଜୀବନରେ ଅପରିବର୍ତ୍ତନୀୟତାକୁ ଅନୁଭବ କରିବାକୁ ଏଠାରେ ବିରାଜମାନ ଅଛନ୍ତି । ତଥାପି ବେଳେବେଳେ ଆପଣ ସମସ୍ୟାର ବଳୟରେ ଛନ୍ଦି ହୋଇଯା'ନ୍ତି । ଏଥି ସହ ଏଭଳି ମଧ୍ୟ ଅନୁଭବ ହୁଏ ଯେ, ସମସ୍ୟାଟି ଖୁବ୍ ବିଶାଳ ଓ ଚିରସ୍ଥାୟୀ, ଏତଏବ ଏଥିରୁ ବାହାରିବା ଅସମ୍ଭବ । ତେବେ ଥରେ ନିଜ ଜୀବନର ଅତୀତକୁ ବୁଲି ଦେଖିଲେ ! ଆପଣ କେତେ ଝଡ଼ଝଞ୍ଜା ଅତିକ୍ରମ କରିଛନ୍ତି, ଏହାକୁ ନେଇ କେବେ ଦିନେ ଆପଣ ଭାବିଥିଲେ ଯେ, ଆପଣ ବଞ୍ଚି ପାରିବେନାହିଁ, ମାତ୍ର ଆଜି ଆପଣ ସମ୍ପୂର୍ଣ୍ଣ ଏବଂ ପରିପୂର୍ଣ୍ଣ । ବେଶ୍ ସ୍ୱାଭାବିକ ଭାବରେ ବଞ୍ଚି ରହିଛନ୍ତି ମଧ୍ୟ । ସବୁକିଛି ପରିବର୍ତ୍ତନଶୀଳ, ଏହି ଧାରଣା ହିଁ ଆପଣଙ୍କୁ ସବୁ ସମସ୍ୟାର ଊର୍ଦ୍ଧ୍ୱକୁ ନେଇ ବିଜୟ ଲାଭ କରାଇ ପାରିଛି । ନ୍ୟାୟ ସଙ୍ଗତ ନିଜ ଶରୀରକୁ ପର୍ଯ୍ୟବେକ୍ଷଣ କଲେ ଜଣାପଡ଼ିବ ଶରୀର ପରିବର୍ତ୍ତନଶୀଳ ଏବଂ ଅନୁଭବ, ଚିନ୍ତାଧାରା, ବିଚାରଧାରା ପସନ୍ଦ, ନାପସନ୍ଦ ସବୁ କିଛି ପରିବର୍ତ୍ତନୀୟ । ଠିକ୍ ସେମିତି ସମସ୍ୟା ମଧ୍ୟ ପରିବର୍ତ୍ତନଶୀଳ, ଆଜି ଯାହା ଅଛି, ଆସନ୍ତାକାଲିକୁ ନାହିଁ । ତେଣୁ ଜାଣିନିଅନ୍ତୁ, ଜୀବନସାରା ଆପଣ କୌଣସି ଏକ ସମସ୍ୟାରେ ବାନ୍ଧି ହୋଇ ରହିବେନି । "ଏହା ମଧ୍ୟ ବିତିଯିବ" ଏହି ଧାରଣା ଆପଣଙ୍କୁ ସର୍ବଦା ମନରେ ପୋଷଣ କରିବାକୁ ହେବ । ସୃଷ୍ଟିର ପରିବର୍ତ୍ତନଶୀଳ ପ୍ରକୃତିକୁ ଚିହ୍ନିବା ହେଉଛି ଜ୍ଞାନ ଓ ପରିପକ୍ୱତାର ଲକ୍ଷଣ ।


ଯନ୍ତ୍ରଣାରୁ ବଞ୍ଚିବାକୁ ଲୋକେ ଆତ୍ମହତ୍ୟା କରିବାକୁ ଇଚ୍ଛା କରନ୍ତି । ସେମାନଙ୍କ ମନରେ ବୃଦ୍ଧିପାଏ ଆତ୍ମହତ୍ୟା ପ୍ରବଣତା । ସେମାନେ ଭାବିପାରନ୍ତି ନାହିଁ, ଏହା ତା'ଙ୍କୁ ଆହୁରି ବଡ଼ ବିପଦରେ ପକାଇବ । ଏଇ ଧରିନିଅନ୍ତୁ, ଜଣେ ପ୍ରବଳ ଶୀତରେ କମ୍ପୁଛି । ତେବେ ସେ ଯଦି ବାହାରକୁ ଯାଇ ନିଜ ଦେହରୁ ପିନ୍ଧିଥିବା ଶୀତବସ୍ତ୍ରଟି ଓହ୍ଲାଇଦିଏ, ଶୀତ କ'ଣ କମିଯିବ ? ନିଶ୍ଚିତ ଭାବରେ ନୁହେଁ । ଜୀବନକୁ ତ୍ୟାଗକରି ଚାଲିଯାଉଥିବା ପ୍ରତ୍ୟେକ ବ୍ୟକ୍ତି ଆମକୁ ଜଣାଇଦିଅନ୍ତି, ଜୀବନ କ୍ଷଣସ୍ଥାୟୀ, ତେଣୁ କୌଣସି ଜିନିଷ ସହିତ ଦୀର୍ଘକାଳ ଲାଗି ଜଡ଼ିତ ହେବା ବୁଦ୍ଧିମାନର କାର୍ଯ୍ୟ ନୁହେଁ । ଏହା ଏକ ସ୍ପଷ୍ଟବାର୍ତ୍ତା, ସମସ୍ତଙ୍କ ପାଇଁ ଏକ ଜାଗ୍ରତ ଆହ୍ୱାନ, ତେଣୁ ପ୍ରଶ୍ନ ହେଉଛି, ଏହି କ୍ଷଣସ୍ଥାୟୀ ପୃଥିବୀରୁ ଆମମାନଙ୍କୁ କ'ଣ ଦରକାର ? ଲୋକମାନେ ମତେ ପ୍ରାୟ ପଚାରନ୍ତି 'ମୁଁ ଏଠି କାହିଁକି ଅଛି ? ଆମେ ଏଠାରେ ନାହୁଁ କାହିଁକି ଖୋଜ । ତୁମେ ଏଠି ଦୋଷଦେବ, କାନ୍ଦିବ, ରାଗିବ ଏବଂ ଦୟନୀୟ ହେବାପାଇଁ ଏଠାରେ ନାହଁ । ଏଠାରେ ପ୍ରତ୍ୟେକ ଜିନିଷର ଉଦ୍ଦେଶ୍ୟ ଅଛି ଏବଂ ପ୍ରତ୍ୟେକ ଜିନିଷ ଆପଣଙ୍କୁ ଶକ୍ତିଶାଳୀ କରୁଛି, ସିଏ ଶତ୍ରୁ ହୁଅନ୍ତୁ ଅବା ମିତ୍ର ।

ଯଦି ଆପଣ କେଉଁଠି ନକାରାତ୍ମକ ଓ ନିମ୍ନ ଅନୁଭବ କରନ୍ତି, ତେବେ ବାହାରକୁ ଯାଇ କାହାକୁ ପଚାରନ୍ତିକି 'ତୁମପାଇଁ କ'ଣ କରିପାରିବି ?' ଆପଣ ଯେଉଁ ସେବାକରିବେ, ତାହା ଆପଣଙ୍କ ଭିତରେ ଏକ ବିପ୍ଳବ ସୃଷ୍ଟିକରିବ । ଯେକୌଣସି ସେବା ସହ ଜଡିତ ହେବା ହେଉଛି ଜୀବନୀ ଶକ୍ତିକୁ ବୃଦ୍ଧିକରିବା ଏବଂ ମନରେଥିବା ନକାରାତ୍ମକ ଅନୁଭବକୁ ବଦଳାଇବାର ଏକ ଶକ୍ତିଶାଳୀ ମାର୍ଗ । ଯେଉଁ ସମାଜରେ ସେବା ତ୍ୟାଗ ଏବଂ ସାମୂହିକ ସହଯୋଗର ମୂଲ୍ୟରହିଛି, ସେଠାରେ ମାନସିକ ବିଷାଦ ଏବଂ ଆତ୍ମହତ୍ୟା ଖୁବ୍ ଅଳ୍ପ ଦେଖାଯାଏ ।

ଯେତେବେଳେ ଜୀବନୀଶକ୍ତି କି ପ୍ରାଣ ନିମ୍ନ ସ୍ତରକୁ ଯାଏ, ତେବେ ବିଷାଦ ଜାତ ହୁଏ ଏବଂ ଏହା ତତୋଧିକ ତଳକୁ ଗଲେ ଆତ୍ମହତ୍ୟା ପ୍ରବଣତା ଜାତ ହୁଏ । ଯେତେବେଳେ ପ୍ରାଣଶକ୍ତି ଅଧିକ ରହେ, ଆପଣ ନିଜପ୍ରତି କିମ୍ବା ଅନ୍ୟ କାହାରି ପ୍ରତି ହିଂସ୍ର ହୋଇପାରିବେ ନାହିଁ । ବାସ୍ତବିକ ପ୍ରାଣ କ'ଣ ? ଏହା ଶ୍ୱାସଠାରୁ ସୂକ୍ଷ୍ମ । ଆପଣଙ୍କ ମନ ମହମବତୀର ଦୀପ୍ତି ଏବଂ ଶରୀର ହେଉଛି ଏହାର ସଳିତା । ଯେତେବେଳେ ନିଆଁ ଲିଭିଯିବ, କେବଳ ଦୀପ ରହିଥିବ, ମାତ୍ର ଆଲୋକ ନ ଥିବ । ଠିକ୍ ସେହିପରି ଜଣକର ମୃତ୍ୟୁ ହେଲେ ଶରୀର ଥାଏ କିନ୍ତୁ ଆତ୍ମା(ଦୀପ୍ତି), ଯାହା ପ୍ରତ୍ୟେକ କୋଷିକାକୁ ସଞ୍ଚାଳିତ କରେ, ଯେତେବେଳେ ଚାଲିଯାଏ, ତାହାହିଁ ଜୀବନଶକ୍ତି କିମ୍ବା ପ୍ରାଣଶକ୍ତି । ଆମେ କ୍ୱଚିତ ଜୀବନର ଏହି କ୍ଷେତ୍ରଫଳକୁ ଧ୍ୟାନ ଦେଇଥାଉ । ଶାରୀରିକ ବ୍ୟାୟାମ, ପ୍ରାଣାୟାମ, ଧ୍ୟାନ ଏବଂ ମନକୁ ସକାରାତ୍ମକ ଚିନ୍ତାଧାରାବିଶିଷ୍ଟ ବ୍ୟକ୍ତି ଏବଂ ସେମାନଙ୍କ ଜ୍ଞାନ ସହ ସଂଶ୍ଳିଷ୍ଟ କଲେ ପ୍ରାଣଶକ୍ତିର ସ୍ତର ବୃଦ୍ଧି ହୁଏ । ଯେତେବେଳେ ଆପଣଙ୍କର ଜୀବନଶକ୍ତି ଅଧିକହୁଏ, ନିଜର ଭାବନା ଏବଂ ଅନୁଭବ ଉପରେ ଉତ୍ତମ ନିୟନ୍ତ୍ରଣ ରହିଥାଏ । ସେଥିପାଇଁ ବିଶ୍ୱାସକୁ ଦୃଢ଼କରନ୍ତୁ, ଭଲ ଜିନିଷ ଘଟିବ । ଯଦି କିଛି ଅପ୍ରୀତିକର ଘଟେ, ତେବେ ତାହାର କାରଣ ହେଲା ପ୍ରକୃତି ଆପଣଙ୍କୁ ଶକ୍ତିଶାଳୀ କରିବାକୁ ଚାହୁଁଛି । ତାହା ହୁଏତ ଖତପରି ଦୁର୍ଗନ୍ଧଯୁକ୍ତ ହୋଇପାରେ, କିନ୍ତୁ ମନେ ରଖିବାକୁ ହେବ, ସୁଗନ୍ଧିତ ପୁଷ୍ପଫୁଟିବା ନିମନ୍ତେ ତାହା ଏକାନ୍ତ ଆବଶ୍ୟକ । ତେଣୁ ଆପଣଙ୍କର ଅପ୍ରୀତିକର ଅନୁଭୂତିକୁ ଖତଭଳି ବ୍ୟବହାର କରନ୍ତୁ । ସବୁ ସୁଖ-ଦୁଃଖ ପରିସ୍ଥିତିକୁ ଆପଣଙ୍କ ଆତ୍ମା ସହ ତୁଳନା କଲେ ଏହା ଖୁବ୍ ଛୋଟ ମନେ ହେବ । ଅତଃ ଆଉ ଆତ୍ମହତ୍ୟା ପ୍ରବଣତା ମନରେ ଜାଗିବ ନାହିଁ ।

ଜୀବନକୁ ଏକ ବିଶାଳ ଦୃଷ୍ଟିକୋଣରୁ ଦେଖନ୍ତୁ, ଅବଶ୍ୟ ଯେତେବେଳେ ଆପଣ ଦୁଃସ୍ୱପ୍ନ ଦେଖିବେ, ଆପଣଙ୍କ ନିଦ ଭାଙ୍ଗିବାର କିଛି ସମୟ ପର୍ଯ୍ୟନ୍ତ ହୃଦ୍ ସ୍ପନ୍ଦନ ଦ୍ରୁତ ରହିବ । ଏହା ସ୍ୱାଭାବିକ । ଆପଣ ଡରିଯିବେ ମଧ୍ୟ, କିନ୍ତୁ ଏହା ବେଶି ସମୟ ରହିବ ନାହିଁ । ଆପଣ ଜ୍ଞାନମାର୍ଗରେ ଅଗ୍ରଗତି କଲେ, ଘଟଣାର ଅନବରତ ପରିବର୍ତ୍ତନ ପ୍ରକୃତିକୁ ଦେଖିପାରିବେ । ତା' ପରେ ଆପଣ ସେଥିରେ ସ୍ୱଳ୍ପ ପ୍ରଭାବିତ ହେବେ । ଆପଣଙ୍କୁ ପ୍ରକୃତି ସେହିପରି ଭଲ ପାଇବ, ଯେପରି ନବଜାତ ଶିଶୁକୁ ତାହାର ମାଆ ଭଲପାଏ । ଯଦି ଆପଣ ନିଜ ସ୍ୱପ୍ନ ଭାଙ୍ଗି ଯାଇଥିଲେ ମଧ୍ୟ ଆଶା ହରାନ୍ତି ନାହିଁ, ଏବଂ ଜାଣନ୍ତି ଯେ ଜୀବନର ଅନୁଭୂତି ସର୍ବଦା ନିଶ୍ଚିତ କିଛି ଭଲ ଦିଗରେ ହିଁ ବାଟ କଢ଼ାଇବ, ସେତେବେଳେ ହିଁ ଆପଣ ବିଜୟୀ ହେବାର ସ୍ୱପ୍ନ ଦେଖିପାରିବେ । କାରଣ ଏକ ଐଶ୍ୱରୀୟ ଶକ୍ତି ସର୍ବଦା ଆପଣଙ୍କର ଯତ୍ନ ନେବାକୁ ଉପସ୍ଥିତ ରହିଛି ।

# ପୁଞ୍ଜିବାଦୀ ପ୍ରେତଙ୍କ ପ୍ରଳାପ : ବିଶ୍ୱ ବିଧ୍ୱଂସର ବିଳାପ (୨)



ମାୟାଧର ନାୟକ
ଯାଜପୁରରୋଡ, ଯାଜପୁର
ମୋ : ୯୮୬୧୦୩୪୬୧୩

ଏହି ଯଜ୍ଞ ପାଇଁ ଉତ୍ତରପ୍ରଦେଶ, ବିହାର, ମଧ୍ୟପ୍ରଦେଶ, ରାଜସ୍ଥାନ, ଗୁଜୁରାଟରୁ ୩ ହଜାର ପୂଜକ ଆସିଥିଲେ । ୧୫୦ କୋଟି ଟଙ୍କା ବ୍ୟୟବରାଦ ହୋଇଥିଲା । ପ୍ରାଚୀନ କାଳର ଚଉବର୍ଗ ତତ୍ତ୍ୱ-ଅର୍ଥାତ୍ ଧର୍ମ, ଅର୍ଥ, କାମ, ମୋକ୍ଷକୁ ନେଇ ଏକ ଆଧିଭୌତିକ ବିଶ୍ୱାସ ସରଳନିରୀହ ଜନଗଣଙ୍କର ଅସ୍ଥିମଜ୍ଜାଗତ ହୋଇ ରହିଥିଲା । ମାତ୍ର ପୁଞ୍ଜିବାଦୀ ତତ୍ତ୍ୱବାଗୀଶବର୍ଗ ଏହି ଚଉବର୍ଗୀ ସରଳ ଜନବିଶ୍ୱାସ ପ୍ରତି କୁଠାରଘାତ କରି ନିଜ ମୁନିବମାନଙ୍କ ମୁନାଫାର ମଇଦାନରେ ପ୍ରଥମେ ଧର୍ମକୁ କିଣା କିଙ୍କର କରାଇଦେଲେ । ମାତ୍ରାଧିକ ଔପଚାରିକତା ମଧ୍ୟରେ ଧର୍ମ ଡୁବିଗଲା । ପୁଂଜିବାଦର ସେବା କରି ନୟାନ୍ତହେଲା ପରେ ଶେଷକୁ ଏ ଧର୍ମର ଉପସଂହାର ହେଲା ଦଙ୍ଗା ଓ ଆତଙ୍କବାଦରେ । ଧର୍ମ ପରେ ଅର୍ଥ । ମାତ୍ର ଅଧର୍ମ ବିତ୍ତ ବା ବଳକା ଅର୍ଥକୁ ଆଣି ଯେତେ ଭେଳିକି ଲଗାଇଲେ ବି କାମ ଦେଉନି ।

ବାକି ରହିଲା କାମ ଅର୍ଥାତ୍ କାମନା-ବାସନା... ଅର୍ଥାତ୍ ଆଧ୍ୟାତ୍ମିକତା ଅବଲମ୍ବନରେ ପ୍ରାଣୀର ନିଜ ପ୍ରବୃତ୍ତିରୁ ନିବୃତ୍ତି ବା ମୋକ୍ଷ ମୁକ୍ତି । ମଧ୍ୟଯୁଗୀୟ ପୃଥିବୀର ଏ ସ୍ୱର ନିଆରା । ଲୋକଙ୍କୁ ଅବଚେତନ ଭାବେ ଏକ ଅନ୍ଧାରୀ ଦିଗ ଆଡକୁ ଠେଲି ଦିଆଯାଉଛି । ଶୂକର ଧର୍ମ- ଘୁଷୁରି ଧର୍ମ - ଘୁଷୁରିଭଳି ମଣିଷଜାତିକୁ ଗୋଟାଏ ଘଷରା ଜୀବନ ବଞ୍ଚିବାକୁ ଅନୁପ୍ରେରିତ କରାଯାଉଛି । ସ୍ଥାଣୁ ଅର୍ଥନୀତିକୁ କିଛି ସମୟ ପାଇଁ ଚଳଚଞ୍ଚଳ କରିରଖିବା ଉଦ୍ଦେଶ୍ୟରେ ପ୍ରବଳ ପ୍ରୟାସର ଏକ ପ୍ରାୟୋଜିତ ପର୍ଯ୍ୟାୟ ଆରମ୍ଭ କରାଯାଉଛି । ଯନ୍ତ୍ରମାନବ, କଂପ୍ୟୁଟର ପ୍ରଚଳନ କରି ପୁଞ୍ଜିର ଐରାବତ ସୃଷ୍ଟି କରି ମଧ୍ୟ ସଙ୍କଟଜାଲରୁ ପୁଞ୍ଜିବାଦ ମୁକୁଳି ପାରୁନି । ମାନବସମାଜର ଉନ୍ନତିର ଉତ୍ତୁଙ୍ଗ ଆକାଂକ୍ଷା ସବୁ ଧୂଆଁ, ପବନରେ ଉଡ଼ିଯାଉଛି । ଶୋଷଣର ବିଷାକ୍ତ ହତିଆର ଅକାମୀହୋଇ ପଡୁଛି । ସଂକଟଗ୍ରସ୍ତ ବିଶ୍ୱ ଅର୍ଥନୀତି ନିଜର ଅନ୍ତିମ ଅବସ୍ଥାରେ ପହଞ୍ଚିଗଲାଣି ବୋଲି ମିଥ୍ୟାପ୍ରଚାର ଚଳାଇ ମଣିଷକୁ ଥରହର କରି ଦିଆଯାଉଛି । ସବୁ ବନ୍ଦହୋଇଯିବ । ଶ୍ରମିକ କର୍ମଚାରୀ ଛଟେଇ ସବୁଠି ଆରମ୍ଭ ହୋଇଯାଇଛି - କେବଳ ଏଇ ଭୟଙ୍କର ଭବିଷ୍ୟତର କଳ୍ପନା କଳନା କରି !

ପୁଞ୍ଜିବାଦର ମାଧ୍ୟମ ମିଡ଼ିଆକୁ ପ୍ରଚୁର ଅର୍ଥ ଦେଇ ଏଇ ଅପପ୍ରଚାରଧର୍ମୀ ଉଦ୍ଭଟନାଟକ ଆରମ୍ଭ ହୋଇଯାଇଛି - ଯେତେବେଳେ ମଠମନ୍ଦିର ମସ୍‌ଜିଦ ଗିର୍ଜା ପୁଞ୍ଜିବାଦକୁ ରକ୍ଷା କରି ପାରୁନି - ଅର୍ଥବଳ, ବାହୁବଳ, ରାହୁବଳ କାମ ଦେଉନି - ସେତେବେଳେ ପୁଞ୍ଜିବାଦର ପ୍ରେତ 'ନଷ୍ଟ୍ରଡମସ୍'ର ପୃଥିବୀ ଧ୍ୱଂସର ତତ୍ତ୍ୱ, ବିଶ୍ୱ ଅର୍ଥନୀତି ବିପର୍ଯ୍ୟୟର ଆଗୁଆ ଘଣ୍ଟି ବଜାଇବାର ପାଳା, ମୃତ୍ୟୁମୁଖୀ ଶଇତାନର ଥଇଥାନ ତତ୍ତ୍ୱ ଖୁବ୍ ଜୋରରେ ଶୁଣିବାକୁ ମିଳୁଛି । ଆଗରୁ ଲୋକେ ରାସ୍ତା ହଜେଇ ସାରିଛନ୍ତି । ଏବେ ଚାରିଆଡ଼େ ଅନ୍ଧକାର । ଏହି ଭୟାବହ ପରିସ୍ଥିତିରେ ବିଶ୍ୱ ଶ୍ରମିକଶ୍ରେଣୀ ପାଖରେ ମାର୍କ୍ସ, ଲେନିନ, ଷ୍ଟାଲିନ୍, ମାଓ-ସେ-ତୁଂଗ ନାହାନ୍ତି । ସମାଜବାଦୀ ରାଷ୍ଟ୍ର କ୍ଷତବିକ୍ଷତ । ପୁଣି ସେଇ କାର୍ଲ ମାର୍କସ ଭରସା । କିନ୍ତୁ ମାର୍କ୍ସବାଦୀ ତତ୍ତ୍ୱକୁ ଠିକ୍‌ଭାବେ ପରିବର୍ତ୍ତିତ ପରିସ୍ଥିତି ସହିତ ଖାପ ଖୁଆଇ ବିଶ୍ୱମାନବ ସମାଜକୁ ମୁକ୍ତି ଶାନ୍ତି ମୈତ୍ରୀ ପଥରେ ଆଗେଇ ନେବାପାଇଁ କେହି ନା କେହି ବାହାରନ୍ତୁ ।

ଆମ ଭାରତର ଶୋଷକ ପୁଞ୍ଜିପତି ଶ୍ରେଣୀ ଅତି ଚାଲାଖିଆ । ସବୁ ମାରିପିଟିନେଇ ରଖିଛନ୍ତି - ବିପଦ ପଡ଼ିଲାବେଳକୁ ମୁଣ୍ଡ ଗଡ଼ାଉଛନ୍ତି । କିହୋ ! ଶ୍ରମଜୀବୀଶ୍ରେଣୀକୁ ଖଟାଇ ଖଟାଇ ଦୀର୍ଘକାଳ ଧରି ଯେଉଁ ପୁଞ୍ଜିର ପାହାଡ଼ ସୃଷ୍ଟି କରିଛ - ସେଥିରୁ କିଛି ଖସାଅ । ଏ କଥା କହିଲାବେଳକୁ ସେମାନଙ୍କ ଛାତି ଫାଟି ଯାଉଛି ।

ଭାରତର ସବୁକ୍ଷେତ୍ରରେ ବର୍ତ୍ତମାନ ଶ୍ରମିକ ସଂକୋଚନର ହୋହଲ୍ଲା ଆରମ୍ଭ ହୋଇଗଲାଣି । ରପ୍ତାନୀ ଆମଦାନୀ 'ଠପ୍' ହେବାକୁ ବସିଲାଣି । ଏସବୁ ଅବସ୍ଥାଦେଖି ଭାରତୀୟ ପୁଞ୍ଜିପତିଙ୍କ ମଧ୍ୟରେ କୋକୁଆଭୟ ଦେଖାଦେଲାଣି ।

'ଭୋକ' ଏଭଳି ଏକ ଶବ୍ଦ ଯେ, ସେ ଦୁନିଆରେ କାହାରି ଥଳକୂଳ ରଖିବନି । ଢୋକେ ପିଇ, ଦଣ୍ଡେ ଜିଇ ଅବସ୍ଥା ମଧ୍ୟ ଅସମ୍ଭାଳ ହୋଇଯିବ । ଶ୍ରମଜୀବୀ ଶ୍ରେଣୀ ଯେତେବେଳେ ଦିନେ, ଦି'ଦିନ ଓପାସ ରହିବେ - ସେ କାହାରିକୁ ମାନିବେ ନାହିଁ - ପ୍ରଳୟ ! ମହାପ୍ରଳୟ !

# ଅପରେସନ୍ ଅଲ୍ ଆଉଟ୍



ଶ୍ରୀବତ୍ସ ନାୟକ
ଅଧ୍ୟାପକ, ବାଣିଜ୍ୟ ବିଭାଗ
ମୋ: ୯୪୩୮୦୭୦୮୪୯

ଉତ୍କଳ ବିଶ୍ୱବିଦ୍ୟାଳୟର କ୍ୟାମ୍ପସରୁ ଅଣଛାତ୍ରମାନଙ୍କୁ ବିତାଡିତ କରିବାପାଇଁ ସରକାରଙ୍କ ତରଫରୁ 'ଅପରେସନ ଅଣଛାତ୍ର' ଗତ ସପ୍ତାହରୁ ଆରମ୍ଭ ହୋଇଛି । ଏହି ଅପରେସନ୍ ଜରିଆରେ କ୍ୟାମ୍ପସରୁ ଅଣଛାତ୍ରମାନେ ତଡା ଖାଇବାରୁ ସୃଷ୍ଟି ହୋଇଛି ଅସ୍ଥିରତା । ବିଗିଡି ଯାଇଛି ବିଶ୍ୱବିଦ୍ୟାଳୟର ପାଠପଢା । ୨୦୨୫-୨୬ ଶିକ୍ଷା ବର୍ଷର ଆରମ୍ଭରୁ ଦେଖାଦେଇଛି ବିବାଦ । ଆଗକୁ ଆସିପାରେ ଛାତ୍ର ସଂସଦ ନିର୍ବାଚନ ତେଣୁ ତାକୁ ନେଇ କ୍ୟାମ୍ପସରେ ଉତ୍ତେଜନା ବୃଦ୍ଧି ପାଇଲାଣି । ନଷ୍ଟ ହୋଇଯାଇଛି ଶୈକ୍ଷିକ ବାତାବରଣ । ପାଠପଢାରେ ଉପୁଜିଛି ନାନା ସମସ୍ୟା । ଆନ୍ଦୋଳନ ଓ ଧାରଣାରେ ଛାତ୍ରଛାତ୍ରୀ । ଏହି ସମସ୍ୟା ଏବେ ବିଶ୍ୱବିଦ୍ୟାଳୟର ପାଚେରୀ ମଧ୍ୟରେ ସୀମିତ ହୋଇ ନରହି ଲୋକସେବା ଭବନରେ ପହଞ୍ଚିଛି । ଫଳରେ ବାଧ୍ୟ ହୋଇ ଓଡିଶାର ମାନ୍ୟବର ଉଚ୍ଚଶିକ୍ଷା ମନ୍ତ୍ରୀ ଘଟଣାରେ ମୁଣ୍ଡ ଖେଳାଇଛନ୍ତି । ଏଠାରେ ସୃଷ୍ଟି ହୋଇଥିବା ପରିସ୍ଥିତି, ଏହାର ନିରାକରଣ, ଏ ଦିଗରେ ନିଆଯାଇଥିବା ପଦକ୍ଷେପ ଏବଂ ଆଗକୁ କିଭଳି ବିଶ୍ୱବିଦ୍ୟାଳୟ ପରିସରରେ ସବୁକିଛି ସ୍ୱାଭାବିକ୍ ହେବ ସେ ନେଇ ମଧ୍ୟ ସରକାରୀ ସ୍ତରରେ ଆଲୋଚନା ହୋଇଛି । କ୍ୟାମ୍ପସରେ ଶୈକ୍ଷିକ ବାତାବରଣ ସୃଷ୍ଟି କରି ଗୁଣାତ୍ମକ ଶିକ୍ଷା ଯୋଗାଇଦେବା ନିମନ୍ତେ କ୍ୟାମ୍ପସରୁ ଅଣଛାତ୍ରମାନଙ୍କୁ ତଡିବା, କ୍ୟାମ୍ପସରୁ ବସ୍ତି ଉଚ୍ଛେଦ କରିବା, ସରକାରୀ କ୍ୱାର୍ଟରସରୁ ଭଡାଟିଆମାନଙ୍କୁ ହଟେଇବା ତଥା କ୍ୱାର୍ଟର ଜବରଦଖଲକାରୀଙ୍କୁ ଉଚ୍ଛେଦ କରିବା ପାଇଁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ, ପୋଲିସ ଏବଂ ବିଏମସି ମିଳିତ ଭାବେ 'ଅପରେସନ୍ ଅଲ୍ ଆଉଟ୍' କରିବାକୁ ରୂପରେଖ ପ୍ରସ୍ତୁତ କରିଛନ୍ତି ।

ଉତ୍କଳ ହେଉଛି ଓଡ଼ିଶାର ପୁରାତନ ନାମ । ଆମ ରାଷ୍ଟ୍ରୀୟ ସଙ୍ଗୀତରେ ମଧ୍ୟ ଆମ ରାଜ୍ୟ ଉତ୍କଳ ରହିଛି । ଉତ୍କଳ ସମ୍ମିଳନୀ ଜରିଆରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ହୋଇଥିଲା । ଓଡ଼ିଶାର ରାଜ୍ୟ ସଙ୍ଗୀତର ମାନ୍ୟତା ପାଇଥିବା ବନ୍ଦେ ଉତ୍କଳ ଜନନୀରେ ମଧ୍ୟ ଆମ ରାଜ୍ୟର ନାମ ଉଲ୍ଲେଖ ରହିଛି । ତେଣୁ ମୋଟା ମୋଟି ଭାବେ ଦେଖିଲେ ଉତ୍କଳ ନାମ ସହିତ ଓଡ଼ିଆ ଭାବାବେଗ ଓତଃପ୍ରୋତ ଭାବେ ଜଡ଼ିତ । ଓଡ଼ିଶାରେ ଶିକ୍ଷାର ପ୍ରଚାର ପ୍ରସାର କରିବା ପାଇଁ ପ୍ରାକ୍ ସ୍ୱାଧୀନତା କାଳରେ ଆମ ରାଜ୍ୟରେ ସେହି ଉତ୍କଳ ନାମରେ ପ୍ରତିଷ୍ଠା କରାଗଲା, ଉତ୍କଳ ବିଶ୍ୱବିଦ୍ୟାଳୟ ଯାହା ଥିଲା ଓଡ଼ିଶାର ସର୍ବପୁରାତନ ତଥା ଭାରତର ସତରତମ ପୁରାତନ ବିଶ୍ୱବିଦ୍ୟାଳୟ । ପଚାଶ ଦଶକର ଶେଷ ଆଡକୁ (୧୯୪୩ ମସିହା) ଓଡ଼ିଶାରେ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହେବାସହ ଆରମ୍ଭ ହୋଇଥିଲା ବାଣୀବିହାର ଯୁଗ । ବାଣୀବିହାର ହେଉଛି ଉତ୍କଳ ବିଶ୍ୱବିଦ୍ୟାଳୟର ପୀଠସ୍ଥଳୀ । ଓଡ଼ିଶାରେ ଅଧୁନା ୨୦ଟି ବିଶ୍ୱବିଦ୍ୟାଳୟ ହେଲାଣି ସତ କିନ୍ତୁ ଉତ୍କଳ ବିଶ୍ୱବିଦ୍ୟାଳୟର ଇତିହାସ ଗରିମାମୟ । ପାଶ୍ଚାତ୍ୟ ବିଶ୍ୱବିଦ୍ୟାଳୟ ଢାଞ୍ଚାରେ ନିଜର ବିସ୍ତୀର୍ଣ୍ଣ କ୍ୟାମ୍ପସ (୩୯୭.୮ ଏକର) ଓ ଶିକ୍ଷାଦାନ ବିଶ୍ୱବିଦ୍ୟାଳୟ କ୍ଷେତ୍ରରେ ଏହା ଓଡ଼ିଶାର ପ୍ରଥମ । ପ୍ରତିଷ୍ଠାର ଅଳ୍ପ କେତେ ବର୍ଷ ମଧ୍ୟରେ ଏହା ବେଶ୍ ପ୍ରଶଂସା ସାଉଁଟିଛି । ବହୁ ଅଧ୍ୟାପକ, ଗବେଷକ, ବୈଜ୍ଞାନିକ, ରାଜନୀତିଜ୍ଞ ଏବଂ ପ୍ରଶାସନିକ ଅଧିକାରୀ ଏଠାରୁ ଶିକ୍ଷାପ୍ରାପ୍ତ ହୋଇଛନ୍ତି । ଏକ ନିଆରା ସଂଯୋଗ ବଶତଃ ୨୦୨୨-୨୩ ମସିହାରେ ତତ୍କାଳୀନ ଓଡ଼ିଶାର ଉଚ୍ଚଶିକ୍ଷା ମନ୍ତ୍ରୀ ଥିବା ଶ୍ରୀଯୁକ୍ତ ଅରୁଣ କୁମାର ସାହୁ ଓ ତତ୍କାଳୀନ କେନ୍ଦ୍ର ଉଚ୍ଚଶିକ୍ଷା ମନ୍ତ୍ରୀ ତଥା ବର୍ତ୍ତମାନର ଉଚ୍ଚଶିକ୍ଷା ମନ୍ତ୍ରୀ ଥିବା ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନ ମହୋଦୟ ମଧ୍ୟ ଏହି ବିଶ୍ୱବିଦ୍ୟାଳୟର ଆଲୁମିନି ଅଟନ୍ତି । ଏହିଭଳି ଅନେକ ସ୍ମୃତି ବହନ କରିଛି ବିଶ୍ୱବିଦ୍ୟାଳୟ । ଏହା କେବଳ ଏକ ଶିକ୍ଷା କେନ୍ଦ୍ର ନୁହେ ବରଂ ଓଡ଼ିଶାର ଭବିଷ୍ୟତ ଗଢିବାର ଏକ ପବିତ୍ର ସ୍ଥାନ । ଏହା ଓଡ଼ିଶାର ଗର୍ବ ଓ ଗୌରବ । ଏହା କେବଳ ଓଡ଼ିଶା ନୁହଁ ବରଂ ରାଜ୍ୟ ବାହାରର ମେଧାବୀ ଛାତ୍ରଛାତ୍ରୀ ମାନଙ୍କ ପାଇଁ ଶିକ୍ଷା ଓ ଉନ୍ନତିର କେନ୍ଦ୍ରବିନ୍ଦୁ ପାଲଟି ଯାଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ଏହାର ଅତୀତ ପୃଷ୍ଠାକୁ ଓଲଟାଇଲେ କେବଳ ସୁନାମ ହିଁ ଥିଲା । ମାତ୍ର କାହିଁକି କେଜାଣି ଆଜି ଏହି ବିଶ୍ୱବିଦ୍ୟାଳୟର ଦୁର୍ନାମ ଏବେ ଚାରିଆଡ଼େ । ଦୀର୍ଘ ଆଠ ଦଶନ୍ଧିରୁ ଊର୍ଦ୍ଧ୍ୱ ଧରି ଏହି ଗୌରବମୟ ଯାତ୍ରାରେ ଅନୁଷ୍ଠାନଟି ଅନେକ ମାଇଲଷ୍ଟୋନ୍ ହାସଲ କରିଥିଲେ ମଧ୍ୟ ବିଗତ କିଛି ବର୍ଷକୁ ଲକ୍ଷ୍ୟ କଲେ ଏହା ସ୍ପଷ୍ଟ ଅନୁମେୟ ଯେ ଏହା ଅନେକ ବିବାଦ ଘେରରେ ଛନ୍ଦି ହୋଇ ରହିଛି । କେବଳ ସେତିକି ନୁହେ ବିଶ୍ୱ ବିଦ୍ୟାଳୟ ମଞ୍ଜୁରି କମିଶନ (ୟୁଜିସି)ଙ୍କ ରିପୋର୍ଟ ଅନୁସାରେ ଭାରତର ଶ୍ରେଷ୍ଠ ଶହେଟି ଶିକ୍ଷାନୁଷ୍ଠାନ ମଧ୍ୟରେ ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ଥାନ ନପାଇବା ସରକାରଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି । ଅଣଛାତ୍ର ପ୍ରବେଶ, ରାଜନୈତିକ ବିବାଦ, ନିଯୁକ୍ତିରେ ଅନିୟମିତତା, ବସ୍ତି ବାସିନ୍ଦାଙ୍କ ସମସ୍ୟା, କ୍ୱାର୍ଟର ଜବରଦଖଲ ଆଦି ସମସ୍ୟା ବିଶ୍ୱବିଦ୍ୟାଳୟର ପ୍ରଗତି କ୍ଷେତ୍ରରେ ବାଧକ ସାଜିଛି । ଏ ସବୁ ସମସ୍ୟା ଭିତରେ ସବୁଠାରୁ ଗମ୍ଭୀର ସମସ୍ୟା ହେଉଛି କ୍ୟାମ୍ପସ ଭିତରେ ଅଣଛାତ୍ରଙ୍କ ପ୍ରବେଶ । ଅତୀତରେ ଏହିଭଳି ସମସ୍ୟା ଅନେକ ଥର ଆସିଛି । ଅଣଛାତ୍ରଙ୍କୁ ବିତାଡିତ କରାଯାଇଛି କିନ୍ତୁ ଫଳ ଶୂନ୍ । ଅବସ୍ଥାରେ ସୁଧାର ଆସୁନାହିଁ । ବିତାଡିତ ହେବାର କିଛି ଦିନପରେ ସେମାନେ ପୁନଶ୍ଚ ହଷ୍ଟେଲରେ ରହୁଛନ୍ତି । କାହାର ଛତ୍ର ଛାୟାତଳେ ସେମାନେ ଆଶ୍ରୟ ନେଉଛନ୍ତି ଏହାକୁ ନେଇ ସାଧାରଣରେ ଚର୍ଚ୍ଚାଲୋଚନା ହେଉଛି । ଏହା ପୋଲିସର ପାରିବା ପଣିଆ ତଥା ପ୍ରଶାସନିକ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଉତ୍କଳ ବିଶ୍ୱବିଦ୍ୟାଳୟର କ୍ୟାମ୍ପସ ଭିତରେ ଅଣଛାତ୍ର ରହିବାଟା ଆଜି କାଲିର ସମସ୍ୟା ନୁହଁ । ସରକାର ବଦଳିଛି । କିନ୍ତୁ ସମସ୍ୟା ବଦଳିନି । ଦୀର୍ଘ ଦିନ ଧରି ଉତ୍କଳ ବିଶ୍ୱବିଦ୍ୟାଳୟରେ ଅଣଛାତ୍ର ହଷ୍ଟେଲରେ ରହି ଆସୁଛନ୍ତି । ଯାହାକୁ ନେଇ ଅନେକ ସମୟରେ ଅପ୍ରିତିକର ପରିସ୍ଥିତି ସୃଷ୍ଟି ହୋଇଛି ।

ହଷ୍ଟେଲରେ ନିଶାଦ୍ରବ୍ୟ ସେବନ, ଅନେକ ଅପ୍ରୀତିକାର କାର୍ଯ୍ୟକଳାପରେ ଲିପ୍ତ ରହିଥାନ୍ତି ଅଣଛାତ୍ର । ରାତିର ଅନ୍ଧାର ଯେତିକି ବଢେ କ୍ୟାମ୍ପସ ମଧ୍ୟରେ ନିଶାଡ଼ିଙ୍କ ସହ ଅଣଛାତ୍ରଙ୍କ ଆଡ୍ଡା ସେତିକି ବଢେ । ଫଳରେ କ୍ୟାମ୍ପସର ଶୈକ୍ଷିକ ବାତାବରଣ ନଷ୍ଟ ହୁଏ । ହଷ୍ଟେଲରେ ରହି ପଢୁଥିବା ଛାତ୍ରଛାତ୍ରୀଙ୍କ ମାନସିକ ସ୍ତରରେ ଅଶାନ୍ତ ହୁଅନ୍ତି । ଏସବୁ ମୂଳରେ ଅଣଛାତ୍ରଙ୍କ ହାତ ରହିଛି । ଏପଟେ କ୍ୟାମ୍ପସରେ ଅଣଛାତ୍ରଙ୍କ ପ୍ରବେଶକୁ ରୋକିବା ସହ କ୍ୟାମ୍ପସ କିଭଳି ସୁରକ୍ଷିତ ରହିବ ସେନେଇ ସମସ୍ତେ ନିୟମ ପାଳନ କରୁଥିଲେ ମଧ୍ୟ ତାହା ସେତେଟା ଫଳପ୍ରଦ ହେଉନାହିଁ । ଗେଟ୍‌ରେ ସୁରକ୍ଷାକର୍ମୀ ୨୪ ଘଣ୍ଟା ମୁତୟନ ଥିଲେ ମଧ୍ୟ ସନ୍ଧ୍ୟା ହେଲେ କ୍ୟାମ୍ପସର ଏକାଧିକ ସ୍ଥାନରେ ଖୋଲାଖୋଲି ଭାବେ ଅଣଛାତ୍ର ନିଶାଦ୍ରବ୍ୟର ଆସର ଜମାଉଛନ୍ତି । କ୍ୟାମ୍ପସର ବିଭିନ୍ନ ସ୍ଥାନରେ ଅଣଛାତ୍ରମାନେ ଏକତ୍ରିତ ହୋଇ ଖଟି କରୁଛନ୍ତି, ଛାତ୍ରୀନିବାସ ନିକଟରେ ଚକ୍କର କାଟୁଛନ୍ତି, ଅନେକ ସମୟରେ ଛାତ୍ରୀମାନଙ୍କୁ କମେଣ୍ଟ ମାରିବା ସହିତ ହଇରାଣ କରୁଥିବା ମଧ୍ୟ ନଜରକୁ ଆସିଛି । ଛାତ୍ରାବାସରେ ମଧ୍ୟ ସେମାନେ ଆଡ୍ଡା ଜମାଉଛନ୍ତି । ସେଠାରେ ହେଉଥିବା ଅନେକ ଗଣ୍ଡଗୋଳରେ ସେମାନଙ୍କର ମୁଖ୍ୟ ଭୂମିକା ରହୁଛି । କେବଳ ସେତିକି ନୁହେଁ, କ୍ୟାମ୍ପସ ଛାତ୍ରମାନଙ୍କର ହୋଇଥିଲେ ହେଁ କିଛି ଅଣଛାତ୍ର ସେମାନଙ୍କୁ ଆତଙ୍କିତ କରି ରଖୁଛନ୍ତି । କ୍ୟାମ୍ପସ ମଧ୍ୟରେ ପାନ, ଗୁଟ୍‌ଖା ଭଳି ଅନେକ ନିଶାଦ୍ରବ୍ୟ ହାତ ପାହାନ୍ତାରେ ଅର୍ଥାତ୍ କ୍ୟାମ୍ପସ ମଧ୍ୟରେ ବିକ୍ରି ହେଉଛି ଏବଂ ପିଲାମାନେ ବ୍ୟବହାର କରୁଛନ୍ତି । ନିକଟରେ ଚାରି ଜଣ ବାହାର ଲୋକ (ଛାତ୍ର ନୁହଁନ୍ତି) ହଷ୍ଟେଲ ପରିସର ଭିତରେ ନିଶା ସେବନ କରୁଥିବା ବେଳେ ଦୁର୍ଭାଗ୍ୟବଶତଃ ଜଣେ ବ୍ୟକ୍ତି କରିଡର ଦେଇ ଚାଲିବା ସମୟରେ ଭାରସାମ୍ୟ ହରାଇ ପଡିଯାଇଥିଲେ । ଏହି ଘଟଣାକୁ ନେଇ ପୁଣି ଥରେ ଛାତ୍ର ହଷ୍ଟେଲରେ ବାହାର ଲୋକଙ୍କ ରହିବା ଗମ୍ଭୀର ସମସ୍ୟାକୁ ଉଜାଗର କରୁଛି । ସ୍ଥାନୀୟ ଛାତ୍ରଛାତ୍ରୀମାନେ ନିଜ ନାମରେ ହଷ୍ଟେଲ କୋଠରୀ ଗୁଡ଼ିକ ନେଇ ସେଠାରେ ନରହି କୋଠରୀ ଗୁଡ଼ିକୁ ଭଡ଼ାରେ ଦେଇଥାନ୍ତି ଯାହା ଫଳରେ ବାହାର ପିଲାମାନେ କ୍ୟାମ୍ପସ ଭିତରେ ରହିବାର ସୁଯୋଗ ପାଇଥାନ୍ତି । ମୁଖ୍ୟ ଫାଟକରେ ଖୁଲମଖୋଲା ଯା ଆସ କରନ୍ତି ଅଣଛାତ୍ର । ନା କାହାର ଆଇଡି କାର୍ଡ ଚେକିଂ କରାଯାଉଛି ନା କାହାକୁ ପ୍ରବେଶକୁ ନେଇ ବାରଣ କରାଯାଉଛି । ମୁଖ୍ୟ ଫାଟକ ନିକଟରେ ମଧ୍ୟ ଅତ୍ୟାଧୁନିକ ସିସିଟିଭି କ୍ୟାମେରା ଲଗାଯାଇଛି, ହେଲେ ପ୍ରତିଦିନ ଅଣଛାତ୍ର ପ୍ରବେଶ ଉପରେ କାହାରି ନିଘା ନାହିଁ । ଏପଟେ ମୁଖ୍ୟ ଫାଟକରେ ମଧ୍ୟ ସୁରକ୍ଷା କର୍ମୀମାନେ ରହୁଛନ୍ତି, ହେଲେ ସବୁକିଛି ସାହାଣମେଲା । ତେବେ ଗତ ୨୦୧୯ ମସିହା ମାର୍ଚ୍ଚ ମାସରେ ପୋଲିସ ଓ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ମିଳିତ ଭାବରେ ଛାତ୍ରାବାସରେ ଚଢ଼ାଉ କରାଯାଇଥିଲା । ଚଢ଼ାଉବେଳେ ଛାତ୍ରାବାସ ମଧ୍ୟରୁ ପାଖାପାଖି ୫୦୦ରୁ ଅଧିକ ମଦ ବୋତଲ, ଜୁଆ ଖେଳିବା ସାମଗ୍ରୀ, ଚରସ, ଗଞ୍ଜେଇ, ସିଗାରେଟ୍ ଆଦି ଜବତ କରାଯାଇଥିଲା । ଏହା ପରଠାରୁ କ୍ୟାମ୍ପସରେ ଥିବା ଛାତ୍ରାବାସ ଗୁଡ଼ିକରେ ଚଢ଼ାଉ ହୋଇନାହିଁ କିମ୍ବା ଅଣଛାତ୍ରଙ୍କୁ ଚିହ୍ନଟ କରି ତଡ଼ିବା ଦିଗରେ ପଦକ୍ଷେପ ନିଆଯାଉନାହିଁ । ଏହି କାରଣରୁ ଏବେ ଗୋଟିଏ ପରେ ଗୋଟିଏ ଅପ୍ରୀତିକର ଘଟଣା ଘଟି ଚାଲିଛି । ଏପରିକି ବିଶ୍ୱ ବିଦ୍ୟାଳୟର ବରିଷ୍ଠ ଅଧିକାରୀମାନେ ବିଭିନ୍ନ ସମୟରେ ହଷ୍ଟେଲ ଓ କ୍ୟାମ୍ପସ ଯାଞ୍ଚ କରିବା ଲାଗି ଛାତ୍ରାବାସ ଭିତରକୁ ପ୍ରବେଶ କରିବାକୁ ଉଦ୍ୟମ କରି ପ୍ରବଳ ବିରୋଧର ସମ୍ମୁଖୀନ ହୋଇଛନ୍ତି । ୨୦୧୯ ଫେବ୍ରୁଆରୀ ମାସରେ ଅଧିକାରୀମାନେ ଏପରି କରିବାକୁ ଉଦ୍ୟମ କରିବା ସମୟରେ ଢେ଼ଲାମାଡ଼ର ସମ୍ମୁଖୀନ ହୋଇଥିଲେ । ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଉକ୍ତ ଛାତ୍ରାବାସର ପାଣି ଓ ବିଦ୍ୟୁତ୍ ସଂଯୋଗ କାଟିବାକୁ ବି ପ୍ରୟାସ କରି ବିଫଳ ହୋଇଥିଲେ । ଅଣଛାତ୍ର ପ୍ରବେଶକୁ ରୋକିବାକୁ ଦୁଇବର୍ଷ ତଳେ ଛାତ୍ରାବାସ ଚାରିପାଖରେ ପାଚେରି ନିର୍ମାଣ କରାଯାଇଥିଲା । ପାଖାପାଖି ଏକ କୋଟି ଟଙ୍କା ଖର୍ଚ୍ଚ କରାଯାଇ ଏକ ଉଚ୍ଚ ପାଚେରୀ ନିର୍ମାଣ ହୋଇଥିଲା, ତଥାପି କୌଣସି ସୁଫଳ ମିଳୁନାହିଁ । ହଷ୍ଟେଲ୍ ଗୁଡିକରେ ଏବେ ବି ନିଶାଡ଼ିଙ୍କ ପେଣ୍ଠସ୍ଥଳୀ ପାଲଟିଛି । ଅସାମାଜିକ କାର୍ଯ୍ୟକଳାପ ହେଉଛି । ଯାହା ଫଳରେ କି ଶିକ୍ଷାନୁଷ୍ଠାନ ଗୁଡିକର ଶୈକ୍ଷିକ ବାତାବରଣ ନଷ୍ଟ ହେଉଛି । ଯେଉଁ ପିଲାମାନେ ପାଠପଢିବା ପାଇଁ ଆସୁଛନ୍ତି, ସେମାନଙ୍କୁ ଠିକ ଭାବରେ ହଷ୍ଟେଲର ସୁବିଧା ମିଳୁପାରୁନାହିଁ ।

ଏତଦବ୍ୟତୀତ ସରକାରୀ କ୍ୱାର୍ଟରରେ ଭଡ଼ାଟିଆ ଓ ଜବରଦଖଲକାରୀମାନେ ରହିବା ସରକାରଙ୍କର ମୁଣ୍ଡ ବ୍ୟଥାର କାରଣ ମଧ୍ୟ ହୋଇଛି । ଗଣମାଧ୍ୟମରେ ପ୍ରକାଶିତ ତଥ୍ୟ ଅନୁଯାୟୀ କ୍ୟାମ୍ପସରେ ପ୍ରଫେସର ଓ କର୍ମଚାରମାନଙ୍କ ପାଇଁ ବାଣୀବିହାର କ୍ୟାମ୍ପସରେ ୬୧୦ ଟି କ୍ୱାର୍ଟର ରହିଛି । ୪୯୨ ଷ୍ଟାଫଙ୍କୁ ଅନୁମତି ମିଳିଛି କ୍ୱାର୍ଟରରେ ରହିବା ପାଇଁ । ବାକି ୧୧୮ କ୍ୱାର୍ଟର ଖାଲି ପଡ଼ିଛି । ତା' ଭିତରୁ ୪୯ କ୍ୱାର୍ଟରରେ ଲୋକ ଅନଧିକାର ଭାବେ ରହୁଛନ୍ତି । କିଏ ଭଡ଼ା ଲଗାଇଛନ୍ତି ତ ଆଉ କିଏ ଚାକିରି ସରିବା ପରେ ମଧ୍ୟ କ୍ୟାମ୍ପସ ଛାଡ଼ି ଯାଇନାହାନ୍ତି । କିଛି କର୍ମଚାରୀ କ୍ୟାମ୍ପସ ବାହାରେ ରହି ନିଜ କ୍ୱାର୍ଟର୍ସ ଅନ୍ୟମାନଙ୍କୁ ଭଡ଼ାରେ ଦେଇଛନ୍ତି । ବିଦ୍ୟୁତ୍ ବିଲ୍ ବାବଦରେ ଗୋଟିଏ ବି ଟଙ୍କା ସେମାନେ ଦେଉ ନାହାନ୍ତି । ପ୍ରତି ମାସରେ ବ୍ୟବହୃତ ହେଉଥିବା ବିଦ୍ୟୁତ୍ ବାବଦ ଅର୍ଥ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଭରଣା କରୁଛନ୍ତି । ଏପରିକି ହିତର ବ୍ୟବହାର ହେଉଥିବା ଜଣାପଡ଼ିଛି । ଏଣିକି ସରକାର ଏ ସବୁ ପ୍ରତି କଠୋର ମନୋଭାବ ଆପଣାଇଛନ୍ତି । 'ଅପରେସନ୍ ଅଲ୍ ଆଉଟ୍' ମାଧ୍ୟମରେ କ୍ୟାମ୍ପସ ମଧ୍ୟରୁ ଅନଧିକାର ଭାବେ ଥିବା ସମସ୍ତ ଛାତ୍ରଛାତ୍ରୀ ତଥା କର୍ମଚାରୀ ଓ ବାହାର ଲୋକଙ୍କୁ ବିଦା କରିବା ପାଇଁ ତତ୍ପର ହୋଇଛନ୍ତି ସରକାର । କ୍ୟାମ୍ପସରେ ପହଞ୍ଚି ଅପରେସନ ଆରମ୍ଭ କରିଛି ପୋଲିସ । କିଛି କ୍ୱାର୍ଟର ଖାଲି ହୋଇଗଲାଣି । ଖୁବଶୀଘ୍ର ସମସ୍ତ କ୍ୱାର୍ଟର କିଭଳି ଖାଲି ହେବ ସେ ନେଇ ଚିନ୍ତା କରୁଛି ପ୍ରଶାସନ । କିଛିକିଛି ଅଣଛାତ୍ରମାନଙ୍କୁ କ୍ୟାମ୍ପସରୁ ମଧ୍ୟ ବାହାର କରାଯାଇଛି ଏବଂ ଅପରେସନ ଅଲ୍ ଆଉଟ ଜାରି ରହିଛି । ଖୁବ୍ କମ୍ ଦିନ ମଧ୍ୟରେ ଉତ୍କଳ ବିଶ୍ୱବିଦ୍ୟାଳୟକୁ ସମ୍ପୂର୍ଣ୍ଣ ରୂପେ ଅଣଛାତ୍ରମାନଙ୍କ କବଳରୁ ମୁକ୍ତ କରିବାକୁ ଲକ୍ଷ୍ୟ ରଖିଛନ୍ତି ରାଜ୍ୟ ସରକାର ।

ହଁ ଏଇଟା ଏକଦମ୍ ସତ ଯେ ବାଣୀବିହାର ହଷ୍ଟେଲରେ ଅନେକ ଅଣଛାତ୍ର ଅନଧିକାର ଭାବେ ରହି କ୍ୟାମ୍ପସରେ ବିଶୃଙ୍ଖଳିତ ଆଚରଣ କରି ଶୈକ୍ଷିକ ବାତାବରଣକୁ ନଷ୍ଟ କରିଥାନ୍ତି । ସେମାନଙ୍କୁ ନିହାତି ବାହାର କରାଯିବା ଉଚିତ । ସେମାନଙ୍କୁ ବାହାରକରିବା ସରକାରଙ୍କର ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ । କିନ୍ତୁ ଅନ୍ୟପକ୍ଷରେ ଦେଖିଲେ ଅନଧିକାର ଭାବେ ରହୁଥିବା ପିଲା ଅଣଛାତ୍ର ହୋଇପାରନ୍ତି, କିନ୍ତୁ ସେମାନେ ମେଧାବୀ, ପ୍ରାୟ ସମସ୍ତେ ପୂର୍ବତନ ଛାତ୍ର । ସେମାନଙ୍କ ମଧ୍ୟରୁ କେତେକ ପିଲା ରାଜନୀତି କରିବାପାଇଁ ରହିଥାନ୍ତି ତ ଆଉ କେତେକ ସେଠାରେ ରହି ଛୋଟ ମୋଟ ବ୍ୟବସାୟ କରି ନିଜର ହାତ ଖର୍ଚ୍ଚ ଉଠାଇଥାନ୍ତି । ସବୁ ଅଣଛାତ୍ର ଯେ ବିଶୃଙ୍ଖଳିତ ତାହା କହିବା ବୋଧହୁଏ ଠିକ୍ ହେବ ନାହିଁ । ଏଠାରେ ଅନେକ ମେଧାବୀ ଛାତ୍ରଛାତ୍ରୀମାନେ ରହି ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷା ଦେଇ ରାଜ୍ୟ ଓ ଦେଶର ବହୁ ଗୁରୁତ୍ୱପୂର୍ଣ୍ଣ ପଦ ପଦବୀରେ ଅଧିଷ୍ଠିତ ହୋଇ ବାଣୀବିହାର ଓ ଉତ୍କଳ ବିଶ୍ୱବିଦ୍ୟାଳୟର ଗର୍ବ ଓ ଗୌରବକୁ ଅକ୍ଷୁଣ୍ଣ ରଖିଛନ୍ତି । ପାଠପଢା ସାରିଲାପରେ ସରକାର ଛାତ୍ର ଛାତ୍ରୀମାନଙ୍କୁ କୌଣସି ସୁବିଧା ସୁଯୋଗ ନ ଯୋଗାଇ ଦେଉଥିବାରୁ ଅଭାବୀ ପ୍ରତିଭାବାନ ମେଧାବୀ ପିଲାମାନେ ସେଠାରେ ରହିଥାନ୍ତି । ଓଡ଼ିଶାର ଗ୍ରାମାଞ୍ଚଳରୁ ଆସୁଥିବା ପିଲାମାନେ ଆର୍ଥିକ ଦୃଷ୍ଟିରୁ ପ୍ରାୟ ଦୁର୍ବଳ । ପାଠ ପଢା ପାଇଁ ଆବଶ୍ୟକ ସରଞ୍ଜାମ ଓ ରହିବା ଖାଇବା ପାଇଁ ଆବଶ୍ୟକ ଖର୍ଚ୍ଚ ବହନ ନକରିପାରି ସ୍ୱଳ୍ପ ଖର୍ଚ୍ଚରେ କ୍ୟାମ୍ପସ ମଧ୍ୟରେ ରହି ଚାକିରି ପାଇଁ ପ୍ରସ୍ତୁତ ହୋଇଥାନ୍ତି । ଅନ୍ତତଃ ପକ୍ଷେ ସରକାର ଏ ସବୁ ଦିଗ ପ୍ରତି ଧ୍ୟାନ ଦେବା ନିହାତି ଜରୁରୀ । ପିଲାମାନଙ୍କର ପାଠପଢା ସାରିଲାପରେ ଯଦି ସରକାର ଚାକିରି ପାଇଁ ପ୍ରସ୍ତୁତ ହେଉଥିବା ଗରୀବ ମେଧାବୀ ଛାତ୍ରଛାତ୍ରୀମାନଙ୍କ ପାଇଁ କିଛି ସୁବିଧା ସୁଯୋଗ ଯୋଗାଇ ଦିଅନ୍ତେ ତେବେ ଆଜି 'ଅପରେସନ୍ ଅଲ୍ ଆଉଟ୍' ଭଳି ପରିସ୍ଥିତି ସୃଷ୍ଟି ହୋଇନଥାନ୍ତା । ଶୃଙ୍ଖଳା ରକ୍ଷା ତଥା ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଅଣଛାତ୍ରମାନଙ୍କୁ କ୍ୟାମ୍ପସରୁ ବାହାର କରାଯାଉ କିନ୍ତୁ ମେଧାବୀମାନଙ୍କୁ ଅଣଦେଖା କରାନଯାଉ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ



## ଭାବାବର୍ତ୍ତ

*ଶରତ ଦାଶ*

ଭାବନାର ନଈ ଦୁଇକୂଳ ଖାଇ
ଭସାଇ ନିଏ ଅସ୍ତିତ୍ୱ
କେବେ ଆନନ୍ଦର ଉଠଇ ଆବର୍ତ୍ତ
କେବେ ଦୁଃଖ କରେ ଗ୍ରସ୍ତ ।।
କେବେ ସେ ନଈରେ କରାଳ ବନ୍ୟାର
ଆସେ ସର୍ବଗ୍ରାସୀ ସୁଅ
ବହିଯାଏ ଶାନ୍ତି ଭରିଯାଏ ଭ୍ରାନ୍ତି
ଉଠେ କୋହ ଅହରହ ।।
ଭାବ ଅଛି ବୋଲି ଭାବନା ସୁନ୍ଦର
ଅଭାବରେ ଶିରିହୀନ
ପ୍ରେମ ଅଛି ବୋଲି ଜୀବନ ସୁନ୍ଦର
ଭାବନା ଏତେ ରଙ୍ଗୀନ ।।
ଭାବରେ ମିଳନ୍ତି ଭାବ ବିନୋଦିଆ
ଅମୃତର ଅନୁଭବ
ମିଳେ ଭାବନାରେ ଅତି ସହଜରେ
କରି ଦୁଃଖ ଶୋକ ଖର୍ବ ।।
ରୂପ ରଙ୍ଗ ବାସ୍ନା ଧରେ ଏ ଭାବନା
ଶବ୍ଦ ଭାଷା କରି ଆଶ୍ରା
ଗୋଟିଏ ମନରୁ ବାହାରି ଅନେକ
ମନେ କରେ ଜ୍ଞାନବର୍ଷା ।।
ଭାବନା ହୋଇଲେ ଉଚ୍ଚ ମହତ୍ତର
ପବିତ୍ର ପରୋପକାରୀ
ଅସାର ଜୀବନ ହୁଏ ସୁମହାନ
ସତକର୍ମ ଅନୁସରି ।।
ଭାବ ଭାବନାର ବଳରେ ମାନବ
ହୋଇଛି ଜୀବରେ ଭିନ୍ନ
ଭାବିବାର ଶକ୍ତି ନାହିଁ ବୋଲି ଆନ
ଜୀବ ସଦା ଜ୍ଞାନହୀନ ।।

*ଭୁବନେଶ୍ୱର*



**କାନନବାଳା ନାୟକ**

# ମାଆ



ମାଆ ତୁମେ ଆଉ କେତେ ଦିନ ଏମିତି ହସ୍ପିଟାଲ୍ ଧାଉଁଥିବ । ତିନି ବର୍ଷ ହେଲାଣି ତୁମ ପୁଅକୁ ହସ୍ପିଟାଲ୍‌ରେ ଆଡ୍‌ମିଶନ୍ କରିବାର । ଭାରତର ସମସ୍ତ ପ୍ରସିଦ୍ଧ ଡକ୍ଟର ତାର ଚିକିତ୍ସା କରିସାରିଲେଣି । ହେଲେ କୌଣସି ଟ୍ରିଟ୍‌ମେଣ୍ଟ ସଫଳ ହେଉନି । ସେ ସେମିତି କୋମା ଷ୍ଟେଜ୍‌ରେ ପଡ଼ିଛି । ଅନେକ ଅର୍ଥ ଖର୍ଚ୍ଚ କରିସାରିଲଣି । ଶୁଣିବାକୁ ପାଇଲି ତୁମର ସମସ୍ତ ସଞ୍ଚିତ ଅର୍ଥ, ଜମି ବାଡ଼ି ଓ ଗହଣା ଗଣ୍ଠି ବିକ୍ରି କରିସାରିଲଣି ।

ମାଆ ଏଇଟା ପ୍ରାଇଭେଟ୍ ହସ୍ପିଟାଲ୍ । ଏଠି ଖର୍ଚ୍ଚ ଅଧିକ । ଭଲ ହୁଅନ୍ତା ତୁମେ ଯଦି ତାକୁ ସରକାରୀ ହସ୍ପିଟାଲ୍‌କୁ ସିଫ୍ଟ କରିଦିଅନ୍ତ କିମ୍ବା ଘରକୁ ନେଇଯାଆନ୍ତ । ଡକ୍ଟରଙ୍କ କଥା ଶୁଣି ନନ୍ଦିତା କହିଲେ ଡକ୍ଟର ମୋ ଶରୀରରେ ପ୍ରାଣ ଥିବାଯାଏ ମୁଁ ମୋ ପୁଅ ଅନିକେତ୍‌ର ଚିକିତ୍ସା ଜାରି ରଖିବି । ଆପଣ ଟଙ୍କା କଥା ଚିନ୍ତା କରନ୍ତୁନି । ଅନିକେତ୍ ଯେବେ ପାଞ୍ଚବର୍ଷର ହୋଇଥିଲା ତା ବାପା ଆମକୁ ଛାଡି ଚାଲିଯାଇଥିଲେ । ସେଦିନ ଠାରୁ ଆଜି ପର୍ଯ୍ୟନ୍ତ ମୁଁ ମୋ ପୁଅର ମୁହଁକୁ ଅନାଇ ବଞ୍ଚିଛି । ଡକ୍ଟର ଆପଣ ଆଶା ଛାଡିଦେଇ ପାରନ୍ତି କିନ୍ତୁ ଅନିକେତ୍ ଶରୀରରେ ନିଃଶ୍ୱାସ ପ୍ରଶ୍ୱାସ ଚାଲିଥିବା ପର୍ଯ୍ୟନ୍ତ ମୁଁ କେବେ ଆଶା ଛାଡିବିନି କି ଟଙ୍କା ପାଇଁ ଭାଙ୍ଗି ପଡିବିନି । ଦରକାର ପଡ଼ିଲେ ତା ଚିକିତ୍ସା ପାଇଁ ମୁଁ ମୋ ନିଜ କିଡନୀ ବିକ୍ରି କରିଦେବି । ହେଲେ ତା ଚିକିତ୍ସାରେ ଊଣା କରିବନି ।

ନନ୍ଦିତାଙ୍କ କଥା ଶୁଣି ଡକ୍ଟର କହିଲେ ସତରେ ଏଇଭଳି କଥା କେବଳ ଜଣେ ମାଆ ହିଁ କହିପାରେ । ନନ୍ଦିତା କହିଲେ ମୋର ଠାକୁରଙ୍କ ଉପରେ ପୂର୍ଣ୍ଣ ବିଶ୍ୱାସ ଅଛି ସେ ମୋ ଅନିକେତ୍‌କୁ ଦିନେ ନା ଦିନେ ଭଲ କରିଦେବେ । ଦେଖିବା ଈଶ୍ୱର ମୋ ବିଶ୍ୱାସର ମାନ ରଖୁଛନ୍ତି କି ନାହିଁ ! ନନ୍ଦିତା ହସ୍ପିଟାଲ୍ ଭିତରେ ଥିବା ଗଣେଶ ମୂର୍ତ୍ତି ନିକଟରେ ଗୋଟେ ଅଖଣ୍ଡ ଦୀପ ଜାଳି ସବୁବେଳେ ବସି ରହନ୍ତି । କହନ୍ତି ହେ ବିଘ୍ନ ବିନାଶକ ମୋ ପୁଅର ସମସ୍ତ ବିଘ୍ନ ନାଶ କର ପ୍ରଭୁ । ତାର ଚେତା ଫେରାଇ ଦିଅ । ତାର କିଛି ହୋଇଗଲେ ମୁଁ ତୁମର ଏଇ ମୂର୍ତ୍ତି ଆଗରେ ମୁଣ୍ଡ ପିଟି ପିଟି ଜୀବନ ଦେଇଦେବି । ଏତେ କମ୍ ବୟସରୁ ମୋ ସ୍ୱାମୀଙ୍କୁ ନେଇଗଲ । ଏକ ମାତ୍ର ପୁଅକୁ ନେଇଗଲେ ମୁଁ କେମିତି ବଞ୍ଚିବି ?

ମାତା ପାର୍ବତୀ ସ୍ୱୟଂ ଆଦି ଶକ୍ତିଙ୍କ ସ୍ୱରୂପ ହୋଇ ମଧ୍ୟ ତୁମ ଜଡ ଶରୀରକୁ ଦେଖି ସମଗ୍ର ସୃଷ୍ଟିକୁ ଧ୍ୱଂସ କରିବାକୁ ବସିଥିଲେ । ସେଥିପାଇଁ ତୁମ ପିତା ଦେବ ଦେବ ମହାଦେବ ହାତୀର ମୁଣ୍ଡ ଲଗାଇ ତୁମକୁ ପୁନଃ ଜୀବନ ଦେଇଥିଲେ । ସେଥିପାଇଁ ତୁମେ ଗଜାନନ ନାମରେ ଖ୍ୟାତ ହେଲ । ହେଲେ ମୁଁ ତ ସ୍ୱାମୀ ହରାଇଥିବା ସାମାନ୍ୟ ନାରୀଟିଏ । ମୋ ପାଖରେ ତୁମକୁ ପ୍ରାର୍ଥନା କରିବା ଛଡା ଆଉ କିଛି ଉପାୟ ନାହିଁ ପ୍ରଭୁ ।

ସତକୁ ସତ ବିଘ୍ନହର୍ତ୍ତା ନନ୍ଦିତାଙ୍କ ଡାକ ଶୁଣିଲେ । ତିନି ବର୍ଷ ଦୁଇ ମାସ ପରେ ଦିନେ ଜଣେ ନର୍ସ ଦୌଡି ଦୌଡି ଆସି ନନ୍ଦିତାଙ୍କୁ କହିଲା ମାଆ ଶୀଘ୍ର ଚାଲ । ଚମତ୍କାର ହୋଇଛି । ଠାକୁର ଆପଣଙ୍କ ଡାକ ଶୁଣିଛନ୍ତି । ଆପଣଙ୍କ ପୁଅର ଚେତା ଫେରିଲାଣି । ସେ ଆଖି ଖୋଲିଲେଣି । ନର୍ସର କଥା ଶୁଣି ନନ୍ଦିତା ଏକ ନିଃଶ୍ୱାସରେ ଅନିକେତ୍‌ର ରୁମ୍‌କୁ ଦଉଡ଼ିଗଲେ । ଡକ୍ଟର କହିଲେ ମାଆ ଈଶ୍ୱର ଆପଣଙ୍କ ଭରସାର ମାନ ରଖିଛନ୍ତି । ସାବିତ୍ରୀ ସତ୍ୟବାନ୍‌ଙ୍କୁ ଜମଙ୍କ ଠାରୁ ଛଡାଇ ଆଣିଲା ଭଳି ତୁମେ ତୁମ ପୁଅକୁ ମୃତ୍ୟୁ ନିକଟରୁ ଛଡାଇ ଆଣିଛ । ଅନିକେତ୍ ନନ୍ଦିତାଙ୍କୁ ଦେଖି ଧିର ସ୍ୱରରେ ଡାକିଲା 'ମାଆ' । ନନ୍ଦିତାଙ୍କ ଆଖିରୁ ଧାର ଧାର ଲୁହ ବହିବାକୁ ଲାଗିଲା । ଈଶ୍ୱରଙ୍କୁ ଅଶେଷ ଅଶେଷ ଧନ୍ୟବାଦ୍ ଦେବା ସହ ଡକ୍ଟର ଓ ହସ୍ପିଟାଲ୍‌ର ଅନ୍ୟ କର୍ମଚାରୀଙ୍କୁ ମଧ୍ୟ କୃତଜ୍ଞତା ଜ୍ଞାପନ କଲେ । ଆଠ ଦିନ ପରେ ଅନିକେତ୍ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇ ଘରକୁ ଆସିଲା ।

ସମୟ ତା ବାଟରେ ଆଗେଇ ଚାଲିଲା । ଅନିକେତ୍ ପାଠ ପଢି ଗୋଟେ ବହୁରାଷ୍ଟ୍ରୀୟ କମ୍ପାନୀରେ ଉଚ୍ଚ ପଦବୀରେ ଅବସ୍ଥାପିତ ହେଲା । ନନ୍ଦିତା ଅନେକ ଆଗ୍ରହ ଓ ଉତ୍ସାହର ସହ ତାର ବିବାହ କଲେ । ଅନିକେତ୍ ଗୋଟେ ପୁଅ ଓ ଗୋଟେ ଝିଅର ବାପା ହୋଇ ନିଜ ଘର ସଂସାରରେ ବ୍ୟସ୍ତ ରହିଲା । ନନ୍ଦିତାଙ୍କର ମଧ୍ୟ ବୟସ ବଢିବା ସହ ସେ ଅନେକ ରୋଗରେ ଆକ୍ରାନ୍ତ ହେଲେ । ଦିନେ ଶିଢି ଚଢୁଚଢୁ ନନ୍ଦିତା ଶିଢି ପାହାଚରୁ ଖସିପଡ଼ି ଚେତାଶୂନ୍ୟ ହୋଇଗଲେ । ତାଙ୍କୁ ସଙ୍ଗେ ସଙ୍ଗେ ହସ୍ପିଟାଲ୍ ନିଆଗଲା । ଡକ୍ଟର କହିଲେ ମସ୍ତିଷ୍କରେ ଗୁରୁତର ଆଘାତ ଲାଗିଛି । ୪୮ ଘଣ୍ଟା ଅବଜରଭେସନ୍‌ରେ ରଖାଯିବ । ୪୮ ଘଣ୍ଟା ଯାଇ ୭୨ ଘଣ୍ଟା ବିତିଗଲା ହେଲେ ନନ୍ଦିତାଙ୍କ ଚେତା ଫେରିଲାନାହିଁ । ଡକ୍ଟର କହିଲେ ନନ୍ଦିତା କୋମା ଷ୍ଟେଜ୍‌କୁ ଚାଲି ଯାଇଛନ୍ତି । କେବେ ଚେତା ଫେରିବ କହିହେବନି ।

ଆପଣ ଈଶ୍ୱରଙ୍କ ଉପରେ ଭରସା ରଖନ୍ତୁ । ନନ୍ଦିତା ହସ୍ପିଟାଲ୍‌ରେ ରହିବାର ପନ୍ଦର କୋଡ଼ିଏ ଦିନ ପରେ ମଧ୍ୟ ତାଙ୍କ ଅବସ୍ଥାରେ କିଛି ପରିବର୍ତ୍ତନ ହେଲାନି । ଅନିକେତ୍ ଡକ୍ଟରଙ୍କୁ ପଚାରିଲା ଡକ୍ଟର ମାଆଙ୍କୁ ଆଉ କେତେ ଦିନ ହସ୍ପିଟାଲ୍‌ରେ ରଖିବାକୁ ପଡିବ ? ତାଙ୍କ ଚେତା ଫେରିବ ତ ? ଡକ୍ଟର କହିଲେ ମୁଁ ତ ପ୍ରଥମରୁ କହିଛି ଚେତା କେବେ ଫେରିବ, ଫେରିବ କି ନାହିଁ କହି ହେବନି । ଆମେ ଆମର ଚେଷ୍ଟା ଜାରି ରଖିଛୁ ତାପରେ ଈଶ୍ୱରଙ୍କ ଇଚ୍ଛା । ଏତିକି କହି ଡକ୍ଟର ସେଠାରୁ ଚାଲିଯାଉଥିବା ସମୟରେ ଅନିକେତ୍ ଓ ତାଙ୍କ ସ୍ତ୍ରୀଙ୍କ କଥା ତାଙ୍କ କାନରେ ପଡ଼ିଲା ଅନିକେତ୍‌ଙ୍କ ସ୍ତ୍ରୀ କହୁଥାଆନ୍ତି ଏମିତି ଶବ ହୋଇ ପଡ଼ି ରହିବା ଠାରୁ ଭଲ ହୁଅନ୍ତା ଈଶ୍ୱର ତାଙ୍କୁ ନେଇଯାଆନ୍ତେ । ଆମେମାନେ ବି ହନ୍ତସନ୍ତ ହେବାରୁ ବଞ୍ଚି ଯାଆନ୍ତୁ । ଅନିକେତ୍ ତାଙ୍କ ସ୍ତ୍ରୀକୁ ସମର୍ଥନ କରି କହୁଥାଆନ୍ତି ସତରେ ମାଆ କେତେ କଷ୍ଟ ପାଉଛି ଏମିତି କଷ୍ଟ ପାଇବା ଠାରୁ ଭଲ ସେ ଚାଲିଯାଆନ୍ତା । କେତେ ଦିନ ଆଉ ହସ୍ପିଟାଲ୍‌ରେ ରହିବାକୁ ପଡିବ କେଜାଣି ? ପ୍ରାଇଭେଟ୍ ହସ୍ପିଟାଲ୍ ପାଣି ପରି ଟଙ୍କା ଖର୍ଚ୍ଚ ହେଉଛି ।

ଡକ୍ଟର ଏଇ କଥା ଶୁଣି ଆଗକୁ ଆଗେଇବା ପରିବର୍ତ୍ତେ ଅନିକେତ୍ ଓ ତାଙ୍କ ସ୍ତ୍ରୀଙ୍କ ନିକଟକୁ ଫେରିଆସି କହିଲେ- ଜାଣିଛ ଅନିକେତ୍ ଆଜକୁ ଠିକ୍ ତିରିଶ ବର୍ଷ ତଳେ ଠିକ୍ ଏଇଭଳି ଗୋଟେ ଘଟଣା ଘଟିଥିଲା । ଜଣେ ଚଉଦ ପନ୍ଦର ବର୍ଷର ପିଲା ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇ ଏଇ ହସ୍ପିଟାଲ୍‌ରେ ଆଡ୍‌ମିଶନ୍ ହୋଇ କୋମା ଷ୍ଟେଜ୍‌କୁ ଚାଲିଯାଇଥିଲା । ବର୍ଷ ବର୍ଷ ଧରି ତାର ଚେତା ଫେରୁନଥିଲା । ହେଲେ ନିଃଶ୍ୱାସ ପ୍ରଶ୍ୱାସ ଚାଲୁଥିଲା । ଆମେ ଡକ୍ଟରମାନେ ଆଶା ଛାଡି ଦେଇଥିଲୁ । ଏତେ ଟଙ୍କା ଖର୍ଚ୍ଚ କରି ଏଠାରେ ଚିକିତ୍ସା କରିବା ପରିବର୍ତ୍ତେ ପେସେଣ୍ଟକୁ ଘରକୁ ନେଇ ଯିବାକୁ ଆମେ ତା ମାଆକୁ ବାରମ୍ବାର ଅନୁରୋଧ କରୁଥିଲୁ । ହେଲେ ତା ମାଆର ବିଶ୍ୱାସ ଥିଲା ତାଙ୍କ ପୁଅର ଚେତା ଦିନେ ନା ଦିନେ ଫେରିବ । ସେ କହିଥିଲେ ଡକ୍ଟର ଟଙ୍କା କଥା ଆପଣ ଚିନ୍ତା କରନ୍ତୁନାହିଁ । ଦରକାର ପଡ଼ିଲେ ମୁଁ ମୋର କିଡନୀ ବିକ୍ରି କରିଦେବି । ଆପଣ ଚିକିତ୍ସା ଜାରି ରଖନ୍ତୁ । ନିଜର ସମସ୍ତ ସମ୍ପତ୍ତି ଓ ଗହଣା ଗାଣ୍ଠି ବିକ୍ରି କରିଦେଇଥିଲେ । ପରିଶେଷରେ ଭଗବାନ ସେ ମାଆର ଡାକ ଶୁଣିଥିଲେ । ଦୀର୍ଘ ତିନି ବର୍ଷ ଦୁଇ ମାସ ପରେ ତାଙ୍କ ପୁଅ ଚେତା ଫେରିପାଇଲା । ଜାଣିଛ ମୁଁ ଏଇ କଥା ତୁମକୁ କାହିଁକି କହୁଛି ? କାରଣ ତୁମେ ହେଉଛ ସେଇ ପୁଅ । ଆଉ ଯିଏ ବେଡ଼ରେ ଅଛନ୍ତି ସେ ହେଉଛନ୍ତି ସେଇ ମାଆ । ଏଇଟା ହେଉଛି ଗୋଟେ ମାଆ ଓ ତା ସନ୍ତାନ ମଧ୍ୟରେ ପାର୍ଥକ୍ୟ । ମାଆ ତାର ସମସ୍ତ ଜୀବନ ସନ୍ତାନ ପାଇଁ ଉତ୍ସର୍ଗ କରିଦିଏ । ଆଉ ସନ୍ତାନ ବଡ଼ ହୋଇଗଲା ପରେ, ସେଇ ମାଆ ତା ପାଇଁ ବୋଝ ପାଲଟିଯାଏ । ସନ୍ତାନ ମାଆ ପାଇଁ କେତେ ଟଙ୍କା ଖର୍ଚ୍ଚ ହେଉଛି ବୋଲି ହିସାବ କରେ । ମାଆ ପୁଅ ପାଇଁ ନିଜର ସମସ୍ତ ସମ୍ପତ୍ତିକୁ ତୁଚ୍ଛ କରିଦିଏ କିନ୍ତୁ ସନ୍ତାନ କିଛି କାଗଜ ନୋଟ୍ ପାଇଁ ମାଆକୁ ତୁଚ୍ଛ କରିଦିଏ । ଡକ୍ଟରଙ୍କ କଥା ଶୁଣି ଅନିକେତ୍‌ଙ୍କ ମୁହଁରୁ ଗୋଟାଏ ବି ଶବ୍ଦ ବାହାରି ନଥିଲା । ତାଙ୍କ ମୁହଁ ତଳକୁ ହୋଇଯାଇଥିଲା ।

*ଅତିରିକ୍ତ କମିଶନର (ଅପିଲ୍)*
*ଦ୍ରବ୍ୟ ଓ ସେବାକର, ଚକଲା, ପୁରୀ*
*ମୋ-୯୪୩୮୧୪୬୨୦୦*

## ଅନାମିକା କାଶତଣ୍ଡୀ

*ସୁଜିତ୍ କୁମାର ମିଶ୍ର*

ଅନୁରାଗ ତୁମ ଯମୁନା ନଈର ଅପାର ଉଚ୍ଛ୍ୱାସ ପରି,
ଖିଲିଖିଲି ହସେ ହୃଦୟ ଜିଣୁଥାଏ ଧବଳ ଖିଆଲି ଗୋରୀ ।
ଅନନ୍ୟା ନୁହଁଇ ତୁମେ ଏ ସଂସାରେ ଅନାମିକା କାଶତଣ୍ଡୀ,
ଭାବ ତୁମ ହେଲେ ବିଶାଳ ସାଗର ଭାବନା ମୁହଁରେ ତୁଣ୍ଡି ।

ତୁମେ ଶରତର ଆଗମନୀ ଗୀତ ତନ୍ମୟ ତଲ୍ଲୀନ ରାଗେ,
ପାର୍ବଣ ଋତୁର ପ୍ରୀତିଧାରା ତୁମ ପିୟାସୀପଣର ରଙ୍ଗେ ।
ଏକାନ୍ତରେ ତୁମ ଆଖିଠରା ଡାକ ସଖୀର ଆତୁରପଣ,
ତୁମେ ତପୋବନ ସୀତାର ଦହନ ତାତିରେ ଜଳିବା ଜାଣ ।

ଗୋଲାପ ଫୁଲର ପ୍ରେମ ତୁମେ ନୁହେଁ ଗଭା ସଜେଇବା ପାଇଁ,
ନିର୍ମଳ ଶରତ ସରାଗ ତୁମର କିନ୍ତୁ ନିତି ଝରୁଥାଇ ।
କୋଟି ହୀରା ମୋତି ହସ ତୋ ସଂସାରେ ସୁଗନ୍ଧିତ ସୁଖଶାନ୍ତି,
ନିରାଶା ପ୍ରାଣରେ ସର୍ଜନାର ନଈ ନିର୍ମୋହୀ ନାୟିକା ପ୍ରୀତି ।

ହସ କାଶତଣ୍ଡୀ ହସରୁ ଝରୁଛି ଦେବୀ ଆଗମନୀ ଗୀତ,
ଆରାଧନା ତୋର ଅଛୁଆଁ ହେଲେବି ଆରାଧ୍ୟାକୁ ସମର୍ପିତ ।

*ଜନାର୍ଦ୍ଦନପୁର, ଶାସନ, କେନ୍ଦୁଝର*
*ମୋ-୭୬୮୩୮୬୭୭୪୨*

## ସମ୍ପର୍କ

*ବନଜା ବିଶ୍ୱାଳ*

ସମାଜର କୋଳାହଳ ହୋ ହାଲ୍ଲା,
ଶୃଙ୍ଖଳା ଓ ବିଶୃଙ୍ଖଳାର ଉଚ୍ଚାଙ୍ଗ ସ୍ୱର ।
ଅଗଣିତ ମାନବୀୟ ସମ୍ପର୍କ ମଝିରେ,
ତୁମ ଆଉ ମୋ' ସମ୍ପର୍କର କାହାଣୀ ।

ଆରମ୍ଭରୁ ଆରମ୍ଭ ହୋଇନଥିବା,
ସୁପ୍ତ ବୀଜ ସଦୃଶ ହୃଦୟରେ ସାଇତା ।
ଅଦୃଶ୍ୟ ଡୋରିର ଶକ୍ତ ଗଣ୍ଠି ସବୁ,
ମିଳିଯାଇଥିଲା ସମୟ ପୃଷ୍ଠାରେ ।

ସମ୍ପର୍କର ପୃଥକ ପରିଭାଷା ବେଇମାନି,
ହୋଇପଡ଼ିଥିଲା ସମାଜ ଆଖିରେ ।
କିଛି ଭାଙ୍ଗିନଥିଲା ତୁମ ଆଉ ମୋ ଭିତରେ,
ମାତ୍ର ପଡ଼ିସାରିଥିଲା ଏକ ସ୍ତବ୍ଧ ପୂର୍ଣ୍ଣଚ୍ଛେଦ ।

ଆମେ ଦୁହେଁ ଦୁହିଁଙ୍କ ପାଇଁ ପୁଣି ହଜିଗଲୁ,
ଏ ସମାଜର ବିଶାଳ ଭିଡ଼ ଭିତରେ ।
ଆଉ ଏକ ଅଧ୍ୟାୟର ଅୟମାରମ୍ଭ ନିଶ୍ଚିତ,
ନିୟତି ଲେଖିସାରିଥିବ ଆମ ସମ୍ପର୍କ ପାଇଁ ।

*ଭାଣପୁର, ଗୋପାଳପୁର, କଟକ-୭୫୩୦୧୧*
*ମୋ-୮୧୪୪୫୫୭୪୬୧*



## ମାଆ ଆଗମନ

*ଦୀପକ କୁମାର ନାୟକ*

ନଈକୂଳ ଆଡ଼େ ବୁଲିବାକୁ ଟିକେ
ଯାଇଥିଲି ମୁହିଁ କାଲି
କାଶତଣ୍ଡୀ ମୋତେ ଦେଖି ଆନନ୍ଦରେ
ହସିଦେଲା ଖିଲି ଖିଲି ।।
ତା ହସ ଦେଖି ମୁଁ ସମ୍ଭାଳି ନପାରି
ଟିକିଏ ଆଉଁସି ଦେଲି
ଲାଜେଇ ଗଲା ସେ ଏମିତି ଲାଜରେ
ମୁଁ ମଧ ଲାଜେଇ ଗଲି ।।
କାଇଁ ହସୁ ଏତେ ଖିଲି ଖିଲି ଯେବେ
ତାକୁ ମୁଁ ପଚାରିଦେଲି
କହିଲା କରିବେ ମାଆ ଆଗମନ
ତେଣୁ ଖୁସି ମୁହିଁ ଥିଲି ।।
ପ୍ରତି ଶରତରେ ଆସି ନଈକୂଳେ
ଏମିତି ମୁଁ ହସୁଥାଏ
ବୁଢ଼ା ଠାରୁ ଟୋକା ସଭିଏଁ ପ୍ରେମରେ
ମୋର ପରା ପଡିଯାଏ ।।
ଲେଖକ ଓ କବି ମୋ ରୂପକୁ ନେଇ
ରଚନା ସେ ଗଢିଥାନ୍ତି
ମୋ ରୂପକୁ ଦେଖି ସଭିଏଁ ବା ଏଠି
ପାଗଳ ପରାୟ ହୁନ୍ତି ।।

*ଗଣ୍ଡାନାଳୀ, ହିନ୍ଦୋଳ, ଢେଙ୍କାନାଳ*
*ମୋ-୮୬୩୭୨୬୧୮୨୮*

## ତୁମେ ହେ ଅମୃତମୟ

*ମହିଜା ଦଳବେହେରା*

ଧନ୍ୟ ହେ ବିଧାତା ମୋ ଜୀବନ ଦାତା
ଧନ୍ୟ ହେ କରୁଣାମୟ
ଗଗନେ ପବନେ କୋଣେ
ଅନୁକୋଣେ
ରହିଚ ମଙ୍ଗଳମୟ
ତୁମରି ଇଙ୍ଗିତେ ରବି, ଶଶୀ ତାରା
ହସନ୍ତି ଆକାଶେ ରହି
ତୁମ ସୁପ୍ରଭାତ ମଧୁର କଣ୍ଠରେ
ପକ୍ଷୀ ଯାଉ ଥାଏ ଗାଇ
ସୁନ୍ଦର ସଂସାର ଗଢ଼ିଚ ଈଶ୍ୱର
ତୁମେ ହେ ଆନନ୍ଦମୟ
ତୁମରି କରୁଣା, ତୁମରି ଆଶିଷେ
ଦୂର ହୁଏ ମନୁ ଭୟ
କି ସୁନ୍ଦର ଆହା ଶ୍ୟାମଳ କେଦାର
ସ୍ୱଚ୍ଛ ଝରଣାର ପାଣି
ତୁମେ ଦୟାମୟ ନାସିକା ନିକଟେ
ଦେଇଚ ପବନ ଆଣି
ମାତୃ ବକ୍ଷେ ତୁମେ ଭରିଲ ଅମୃତ
ଶିଶୁର ଆହାର ପାଇଁ
ଏତେ ଚିନ୍ତା କରି ଗଢ଼ିଲ ତମେ ଯେ
ସଂସାର ଆମରି ପାଇଁ
ମଧୁଝରା ସୃଷ୍ଟି, ସୁଧା ଭରା ସୃଷ୍ଟି
ତୁମେ ହେ ଅମୃତମୟ
କି ଭାବେ ଗାଇବି ତୁମରି ମହିମା
ତୁମେ ଯେ ମହିମାମୟ ।

*ସୀତା ନିବାସ*
*ରାଜା ବଗିଚା, କଟକ-୯*
*ମୋ-୯୪୩୭୦୬୨୦୦୩*

## ଅରଣ୍ୟରୁ ଜ୍ଞାନ-୨

*ଅଶୋକ ବିଶ୍ୱାଳ*



ଘନ ସବୁଜିମାର ନିବିଡ଼ ବନ୍ଧନରୁ
ମୁଣ୍ଡ ଟେକି ଉପରକୁ ମୁଁ ଅନାଇଲି
ମେଘମାଳା କେଉଁ ଉଚ୍ଚ ଆକାଶରେ
ଉପର ତଳକୁ ହେଉଛି,
ଆକାର କେତେ ଗଢୁଅଛି
ସେଇ ରୂପମାନ କାଳେ
ମୋ ଅଭିନୟର ନିଜ ରେଖାଚିତ୍ର
ଅକୃତ୍ରିମ, ଅଦ୍ୱିତୀୟ
ଆଶଙ୍କାର ଚିହ୍ନ କାହିଁ ଦିଶୁ ତ ନଥିଲା
ଆଗରୁ ପୁରୁଣା ଭାବନାମାନ
କେତେ ଆକାର ନେଇ
ରାତିରେ ଅନ୍ଧାରିଆ କୋଣରୁ ଗରଜୁ ଥିଲା
କୁଙ୍କୁରି କାଙ୍କୁରି ହୋଇ ମୁଁ ଲୁଚୁଥିଲି
ଆଖି ଖୋଲି ଅନାଉ ନଥିଲି, ଅନ୍ଧାର ହୋଇଛି
ଏବେ ଦିନରେ
ଚମକୁଛି ଅରଣ୍ୟର ସଫା ଆକାଶରେ
ମୋର ମହୁର୍ତ୍ତମାନ
ପୁରୁଣା କଥା ସହଜରେ ହସି କହୁଛନ୍ତି
ଆକାଶର ଛାଇ କିଛି ଘୋଡାଉ ତ ନାହିଁ
ହାଲୁକା ମୋତେ ଲାଗୁଥିଲା
ଆଖି ଆପେ ଖୋଲିଯାଇଥିଲା
ବୁଝି ମୁଁ ପାରିଲି,
ଦିନ ଆଲୋକରେ
ମହା ଅରଣ୍ୟର ରୂପରେଖା ଜାଣିହେଲା ପରି
ବୁଦ୍ଧି ଆଲୋକରେ
ଅନୁଭୂତିମାନ ପୂର୍ଣ୍ଣ ଦୃଶ୍ୟ ହେଉଥିବେ
ମନ ଆକାଶରେ, ପ୍ରତି ମୁହୁର୍ତ୍ତରେ
ମୁହୁର୍ତ୍ତ ମାନ ନିଜ ଛଟା ଦେଖାଉ ତ ଥିବେ
କେତେ ରୂପ ପାଉଥିବେ
କଳା ଅନ୍ଧାର କେଉଁଠି ନଥିବ
ଆଖି ଖୋଲି ଖାଲି ଦେଖିବାର ଅଛି
ହୃଦୟ ଖୋଲି ଆଲୋକକୁ ପାଛୋଟିବା ଅଛି ।

## ଶରତେ ଶାରଦା

*ଡ଼. ଶୁଭେନ୍ଦୁ ମହାପାତ୍ର*

ଆସିଗଲା ଏବେ ପାର୍ବଣର ଋତୁ
ସଜେଇ ହେଲାଣି ଧରା
ବୃକ୍ଷଲତା ଏବେ ହସି ଉଠିଲାଣି
ଫୁଲ ଫଳେ ହୋଇ ଭରା ॥
ଶରତ ସକାଳ କେତେ ମନୋହର
ମନ ମୋହି ନେଉଥାଏ
ନିର୍ମଳ ଆକାଶେ ମେଘ ଖଣ୍ଡମାନ
ଧାଡ଼ିବାନ୍ଧି ଭାସୁଥାଏ ॥
ନଈପଠା ଧାରେ ଧବଳ କୁସୁମ
କାଶତଣ୍ଡି ଝୁଲୁଥାଏ
ଯୁଇ ଜାଇ ହେନା ଗୋଲାପ କୁମୁଦ
ହୃଦୟକୁ ଛୁଇଁଯାଏ ॥
ନିର୍ମଳ ସଞ୍ଜରେ ବାଡି ବଗିଚାରେ
ଜହ୍ନିଫୁଲ ହସୁଥାଏ
ଗଙ୍ଗଶିଉଳିର ମଧୁର ବାସନା
ପବିତ୍ରତା ଭରିଦିଏ ॥
ପ୍ରତ୍ୟୁଷ ପ୍ରଦୋଷେ ଶିଶିର ପ୍ରକାଶେ
ସାରୁପତ୍ରେ ଢଳ ଢଳ
ଶୋଭାରେ ମଣ୍ଡିତ ଶାଗୁଆ କ୍ଷେତରେ
ଚାଷୀ ହୁଅଇ ଚଞ୍ଚଳ ॥
ଶରତେ ଶାରଦା ଧରାକୁ ଆସିବେ
ବିଶ୍ୱର କଲ୍ୟାଣ ପାଇଁ
ଆନନ୍ଦେ ବିଭୋର ହୋଇ ଯଜମାନ
ନୈବେଦ୍ୟ ଅର୍ପିବେ ନେଇ॥

*ବାଣୀନିଳୟ, ଚାଉଳିଆ, ମଙ୍ଗଳପୁର, ଯାଜପୁର*
*ଫୋନ୍ -୯୪୩୮୦୬୪୯୦୮*

## ମାଟିର ଜହ୍ନ

*ଅବନୀ ଚନ୍ଦ୍ର ଦାସ*

ଆକାଶର ଜହ୍ନ ଲୁଚାଏ ତା ମୁହଁ
ଭସା ବାଦଲର କୋଳେ,
ଏ ମାଟିର ଜହ୍ନ ଦେଖେନା ସପନ
ଥାଇ କେତେକଇଁ ମେଳେ । (୧)
ଚାନ୍ଦ କୁମୁଦ ଏକ ପାଇଁ ଏକ
ପ୍ରେମ ଜର୍ଜର ହୃଦେ,
ଶୀତଳ ଜ୍ୟୋତ୍ସ୍ନା କରେ ଆନମନା
ସ୍ୱପ୍ନର ସରହଦେ । (୨)
ଜହ୍ନ ଆସେ ଉଇଁ ଚେଇଁଉଠେ କଇଁ
ଭରା ପୁଷ୍କରିଣୀ ଜଳେ,
ମାଟିଜହ୍ନ କିବା ଖୋଜେତା ପ୍ରେମିକା
ଆକାଶର ତାରା ମେଳେ ! (୩)
ପ୍ରେମ ଉନ୍ମାଦ କୁମୁଦର ହୃଦ
ଶାନ୍ତ କରିବା ପାଇଁ,
ଶୀତଳ କିରଣ କରେ ବିତରଣ
ଚନ୍ଦ୍ର ଆକାଶେ ଥାଇ । (୪)
ଏଇଧରା ବୁକେ ଭାବନାରେ ଆଙ୍କେ
କୋଟି ପ୍ରେମିକାର ଛବି,
ଗଗନ ସମାନ ଏ ମାଟିର ଜହ୍ନ
ମାଟିର ମନସ୍କ କବି । (୫)

*ପ୍ରଶାନ୍ତି ବିହାର, ଭୁବନେଶ୍ୱର-୨୪*
*ମୋ-୯୯୩୭୫୩୭୯୭୪*



## ଶରତ ସୁନ୍ଦରୀ କାଶ

*ଧ୍ରୁବ ଚରଣ ଘିବେଲା*

ଦିଶିଆସିଲାଣି ହସିଆସିଲାଣି
ଶରତ ସୁନ୍ଦରୀ କାଶ
ବାଟରେ ଘାଟରେ ନଈପଠା ଧାରେ
ସବୁଠି କଲାଣି ବାସ ।
ଶରତ ଆସିଛି ଭାଦ୍ରବକୁ ନେଇ
ଦି'ମାସିଆ ଭ୍ରମଣରେ
ଭୁଦ ପରେ ପରେ ଅଶିଣ ଆସିଲେ
ପରବ ଜମେ ମଜାରେ ।
ଶରତରେ ଆଜି ସ୍ୱଚ୍ଛତା ବିରାଜି
ଯହିଁ ଦେଖ ନିରିମଳ
ମାଟିଠୁ ଆକାଶ ସ୍ୱଚ୍ଛ ପରିବେଶ
ନିରିମଳ ଜଳ ସ୍ଥଳ ।
ପବନ ବହିଲେ ପବନ ସାଥିରେ
ହସି କଥା ହୁଏ କାଶ
ଏ କଡ଼ ସେ କଡ଼ ହୋଇ ଖୁସି ମନେ
ମୋତେ ଦେଖ କହେ କାଶ ।
କାଶର ସୁନ୍ଦର ବେଶ ମନୋହର
ଶରତରେ ଅନୁପମ
କାଶତଣ୍ଡୀ ପାଇଁ ଶରତ ସୌନ୍ଦର୍ଯ୍ୟ
କାଳେ କାଳେ ଅମଳିନ ।
ପବନ ଦୋଳିରେ କାଶ ବସିଗଲେ
କାଶ ହସେ କିରିକିରି
ଚାମର ପରାୟେ ସେ ଦୋହଲି ଥାଏ
ପବନରେ ହସି ଖେଳି ।
ସତେ ଯେମିତି କି ସ୍ୱାଗତ ପାଇଁ କି
କାଶ ଥାଏ ପ୍ରତିକ୍ଷଣ
ମା'ଦୁର୍ଗା ଆସିଲେ ଚାମର ସେବାରେ
ରହିଥିବ ରାତିଦିନ ।
କଲାଣି ସ୍ୱାଗତ ବାଟ ବାଟୋଇଙ୍କୁ
କାଶ ପବନ ସାଥିରେ
ଶରତ ଦି' ମାସ କରିବାକୁ ବାସ
ଦିଶିଲାଣି ସବୁଠାରେ ।

*ବଉଦରାଜ -୭୬୨୦୧୪, ଜି- ବୌଦ୍ଧ*
*ମୋ-୯୪୩୭୪୭୮୪୬୬*

## ବେଳ ହେଲେ ଆସିବୁ

*ଡ. ଚନ୍ଦ୍ରକଳା ନାୟକ*

ବେଳ ହେଲେ ନିଶ୍ଚୟ ଆସିବୁ
ଦୁହେଁ ମିଶି ବସିବା କୃଷ୍ଣଚୁଡାର ତଳେ
ଓଦାଳିଆ ମାଟିରେ
ତୁ କିନ୍ତୁ ବିଶ୍ୱାସ ବୁଣିବୁ, ଆଉ ମୁଁ
ଭରସାରେ ନାନାବାୟା ଗୀତ ଗାଉଥିବି ।
ଅଧାଗଢା ସଂସାରଟା ଦେଖିବ
ତୁ ଖୁଣ୍ଟୁଥିବା କୃଷ୍ଣଚୁଡାର ଲାଲରଙ୍ଗକୁ
ମୁଁ କିନ୍ତୁ ଲାଜେଇ ପଡି ଦେଖୁଥିବି ତୋରଙ୍ଗକୁ
ଠିକ ତୁ ଦେଇଥିବା ଜିଇଁବାର
ସମ୍ମୋହନର ମନ୍ତ୍ରଟି ପରି ।
ଦିନେ ରାତି ନପାହିବା ଆଗରୁ ଆସିବୁ
ପାଦରେ ପାଦ ମିଶାଇ ମର୍ଣ୍ଣିଂୱାର୍କ କରିବା
ଉଠାଣି ଓ ଗଡାଣି ରାସ୍ତାରେ
ତୁବି ତ ଶିଖିଯିବୁ ଚାରିଛକି ରାସ୍ତାରେ ଚାଲିବାର
ଆଉ ଜୀବନ ବଞ୍ଚିବାର ଅନେକ କୌଶଳ ।
ବୁଝିଲୁ, ଦିପ୍ରହର ସମୟଟା ଭାରି ନିଦାଳିଆ
ଠିକ ତୋ ଆଉ ମୋ ଭାରିପଣ ପରି
ଯିଏ କଷ୍ଟ, ଯନ୍ତ୍ରଣା, ଶୀତ, ବର୍ଷା
କାଳବୈଶାଖିର ଗତିକୁ ଖାତିର ନକରି
ଚିରକାଳ ସହିବାର ପ୍ରତିଜ୍ଞା କରିବା ।
ଅପରାହ୍ନ ସମୟରେ ଯଦିବା ଆସିବୁ
ନେଇଯିବି ପାଟବିଲ, କେନାଲ କୂଳକୁ
ଯେଉଁଠି ଚାଷୀର ସରସକ୍ଷେତେ
ହସୁଥାଏ ସୁନେଲି ଧାନର ଅମାର
ଯେଉଁଠି ଦେଖି ପାରିବା ଆମେ ମିଶି
ସ୍ୱପ୍ନ ଏକ ଦୂର ଭବିଷ୍ୟତର ।
ସନ୍ଧ୍ୟା ଅନ୍ଧକାରରେ ଆଶା ନିଶ୍ଚୟ ଆସିବୁ
ଘର ଠାରୁ ଖୁବ ଦୂର
ବୁଦୁବୁଦିଆ ପାହାଡକୁ ଯିବା
ଯେଉଁଠି ସନ୍ଧ୍ୟାର ଫେରନ୍ତି ପକ୍ଷୀ
ନିରୋଳାରେ କାକଳି କରନ୍ତି
ଦିନ ସାରାର କଷ୍ଟକୁ ନିରେଖି ଦେଖନ୍ତି
ଆମେ ଦୁହେଁ ସେଇଠାରେ ଶିଖିଯିବା
ଦିବସର ସଂଘର୍ଷ ଆଉ
ରାତ୍ରୀ ଏ ଶୂନ୍ୟସଉା
କିପରି ଆନମନା ହୋଇ ସପନ ବୁଣନ୍ତି ।
ରାତ୍ରୀର ସେ ଶୂନଶାନ ନିଶବ୍ଦ ପ୍ରହରେ
ମୁଁ ଜାଣେ ତୁ କେବେ ଆସିବୁନି
ବେଳ ନାଇଁ କହିକହି ବାହାନା କରିବୁ
ଏଥର ମୁଁ କିନ୍ତୁ ନଥିବି
ତୋତେ ପାଛୋଟି ନେବାକୁ
ମୋର ଆୟୁଷକୁ ନେଇ
ମୋର ବିଶ୍ୱାସ ଓ ଭରସାକୁ ଚେତେଇ
ମନେରଖ ବେଳହେଲେ ନିଶ୍ଚୟ ଆସିବୁ ।



*ଅଧାପିକା, ମହାପୁରୁଷହାଡିଦାସ ମହାବିଦ୍ୟାଳୟ, ଛତିଆ, ଯାଜପୁର*
*ମୋ-୯୪୩୭୯୫୭୬୧୭*

## କିଛି ବଦଳିନି

*କବିତା ମହାନ୍ତି*

ଚାହିଁ ରହିଥିଲି
ପୁଅର ଫେରିବା ରାସ୍ତାକୁ
ସନ୍ଧ୍ୟା ସାତଟା ଟପିଲାଣି
କେତେ କାମ କରୁଛି ସେ
ଅଫିସ୍‌ରେ କଣ
ଏତେ ଦାୟିତ୍ୱ ବଢ଼ି ଯାଇଛି

ତା ମୁହଁକୁ ଦେଖିଦେଲେ
ଛାତି ଭିତର ବିଦାରି ହୋଇଯାଏ
ଆହା, ମୁହଁ ଶୁଖି ଯାଇଛି
କେତେ କ୍ଳାନ୍ତ ଦିଶୁଛି ମୋ ପିଲାଟା
ପାଣି ଗ୍ଲାସଟା ହାତକୁ ଦେଇ
ବିଶ୍ରାମ ନେବାକୁ କୁହେ

ସକାଳୁ ସେ ଅଫିସ ଗଲାବେଳେ
ବାଲକୋନୀରେ ଚାହିଁଥାଏ
ତାର ଯିବା ରାସ୍ତାକୁ
ଯେତେ ବାଟ ଯାଏ
ଆଖି ମୋର ପହଞ୍ଚି ପାରିବ

ତେବେ ବଦଳିଛି କଣ
କିଛି ବି ବଦଳିନି

ଗୋଟେ ଯୁଗ ସରିଯାଇଛି
ସବୁ ସେମିତି ଅଛି
ଯେମିତି ମୋ ବୋଉ
ମୋ ଯିବା ବାଟକୁ ଓ
ଅଫିସ୍‌ରୁ ଫେରିବା ବାଟକୁ
ଚାହିଁ ରହିଥିଲା
ଘରୁ ବାହାର
ବାହାରୁ ଘର ହେଉଥିଲା
ଝିଅ କେତେବେଳେ ଫେରିବ !

ଅନେକ ବର୍ଷ ତଳେ
କାହିଁକି ଏତେ କାମ କରୁଛୁ କହି
ବ୍ୟସ୍ତ ହେଉଥିଲା
ଟା କପ୍‌ଟେ ହାତକୁ ଦେଇ କହୁଥିଲା
ଟିକେ ବିଶ୍ରାମ କର

ସତରେ ଯୁଗ ବଦଳିଛି
ବୋଉ ଡାକ ମାମାକୁ ବଦଳିଛି
ହେଲେ ମା ଓ ପିଲାର ବନ୍ଧନ
ଯେମିତି ଥିଲା
ଠିକ୍ ସେମିତି ଅଛି
କିଛି ବି ବଦଳିନି ।

*ନିଗମାନନ୍ଦ ନଗର, ବମିଖାଲ, ଭୁବନେଶ୍ୱର*
*ମୋ-୯୯୩୭୩୪୮୨୫୦*

31 YEARS
ସମ୍ବାଦ କଳିଙ୍ଗ
ଖେଳ
ଭୁବନେଶ୍ୱର, ୨୦ ସେପ୍ଟେମ୍ବର, ଶନିବାର, ୨୦୨୫


# ବାରବାଟୀରେ ରୁଷ୍-ୟୁକ୍ରେନ୍ ଏକାଠି : ଟି-ଟ୍ୱେଣ୍ଟି ଲିଗ୍‌ର ଚିୟର ଲିଡର ଦଳରେ ଦୁଇଦେଶରୁ ଅଛନ୍ତି ୮ ନୃତ୍ୟାଙ୍ଗନା

**କଟକ**

ରୁଷ-ୟୁକ୍ରେନ୍ ଯୁଦ୍ଧ ପ୍ରାୟ ୩ ବର୍ଷ ଧରି ଚାଲିଛି। ରକ୍ତାକ୍ତ ସଂଘର୍ଷରେ ହଜାର ହଜାର ଜୀବନ ଚାଲି ଯାଇଛି। ଏଭଳି ଏ ଯୁଦ୍ଧର ଭୟାବହତା ଦେଖୁଛନ୍ତି। କିନ୍ତୁ ଏ ଯୁଦ୍ଧନୀତିରୁ ବହୁ ଦୂରରେ ଓଡ଼ିଶା। ଏ ମାଟିରେ ଏକାଠି ହୋଇଛନ୍ତି ରୁଷ-ୟୁକ୍ରେନର ମହିଳା। ଚିୟର ଲିଡର ଭାବେ କ୍ରିକେଟ୍ ମଇଦାନରେ ପରସ୍ପରର ହାତ ଧରି ନୃତ୍ୟ ପରିବେଷଣ କରୁଛନ୍ତି। ସେ ପୁଣି ଓଡ଼ିଶା ବୁଣାକାରଙ୍କ ହାତବୁଣା ସମ୍ବଲପୁରୀ ଶାଢ଼ୀ ପିନ୍ଧି। ବାରବାଟୀ ଷ୍ଟାଡିୟମ୍‌ରେ ଚାଲିଥିବା ଓଡ଼ିଶା ପ୍ରୋ ଟି-ଟ୍ୱେଣ୍ଟି ଲିଗ୍‌ରେ ମ୍ୟାଚର ଛକା, ଚୌକା ଓ ଉିକେଟ୍ ପତନରେ ଓଡ଼ିଆ ଗୀତରେ ଏହି ଚିୟର ଲିଡରଙ୍କ ନୃତ୍ୟ ମୁଖ୍ୟ ଆକର୍ଷଣ ପାଲଟିଛି। ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ବାରବାଟୀ ଷ୍ଟାଡିୟମ୍‌ରେ ଆରମ୍ଭ ହୋଇଛି ଓଡ଼ିଶା ପ୍ରୋ ଟି-ଟ୍ୱେଣ୍ଟି ଲିଗ୍। ଆୟୋଜନ ଦୃଷ୍ଟିକୋଣରୁ ବିଭିନ୍ନ ଦିଗକୁ ଗୁରୁତ୍ୱ ଦେଇ ଓସିଏ ଦର୍ଶକଙ୍କୁ ଆକୃଷ୍ଟ କରିବାକୁ ଚିୟର ଲିଡରଙ୍କୁ ଆଣିଛି। ଆଇପିଏଲ୍ ଭଳି ଏମାନଙ୍କ ପାଇଁ ବାରବାଟୀ ଷ୍ଟାଡିୟମ୍ ପଡ଼ିଆ ପାର୍ଶ୍ୱରେ ଏକ ମଞ୍ଚ କରାଯାଇଛି। ରୁଷ୍, ୟୁକ୍ରେନ୍ ସହିତ ସ୍ପେନ୍‌ରୁ



୮ଜଣ ଚିୟର ଲିଡର ଆସିଛନ୍ତି। ଏକ ଏଜେନ୍ସି ମାଧ୍ୟମରେ ଏମାନେ ଏଠାକୁ ଆସି ମ୍ୟାଚରେ ନୃତ୍ୟ ପରିବେଷଣ କରୁଛନ୍ତି। ସମ୍ବଲପୁରୀ ଶାଢ଼ୀ ପିନ୍ଧି ନୃତ୍ୟ କରିବାକୁ ସେମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଯାହାକୁ ସେମାନେ ବି ବେଶ୍ ଉତ୍ସାହିତ। ଜଣେ ଚିୟର ଲିଡର ସୋଫିଆ କହିଛନ୍ତି, 'ପ୍ରଥମ ଥର ଏଭଳି ଶାଢ଼ୀ ପିନ୍ଧି ନୃତ୍ୟ ପରିବେଷଣ କରୁଛୁ। ଶାଢ଼ୀ ପିନ୍ଧିବାର ଶୈଳୀ ବି ବେଶ୍ ନିଆରା ଲାଗୁଛି। ଶାଢ଼ୀ ପିନ୍ଧିବାର ଅଭିଜ୍ଞତାକୁ ନେଇ ଆମେ ବହୁତ ସେଲ୍‌ଫି ବି ଉଠାଇଛୁ।' ୟୁକ୍ରେନ୍‌ରୁ ଆସିଥିବା ସୋଫିଆ ଗତ ଦୁଇମାସ ତଳେ ଚିୟର ଲିଡର କାମ ଆରମ୍ଭ କରିଛନ୍ତି। ୟୁକ୍ରେନ୍‌ର ବନ୍ଧୁଙ୍କ ସହାୟତାରେ ଦିଲ୍ଲୀକୁ ଆସି ସେଠାରେ ଏ ପେସାରେ ଯୋଗ ଦେଇଥିଲେ। ତାଙ୍କ ଟିମ୍‌ରେ ରୁଷର ମଧ୍ୟ ୪ଜଣ ସଦସ୍ୟ ରହିଛନ୍ତି। ଏମାନେ ଏକାଠି ମେସ୍ କରି ରୁହନ୍ତି ଏବଂ ଭାରତର ବିଭିନ୍ନ ସ୍ଥାନରେ ଆୟୋଜିତ କ୍ରିକେଟ ପ୍ରତିଯୋଗିତା ଠାରୁ ଆରମ୍ଭ କରି ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗ ଦିଅନ୍ତି। ଦୁଇ ଦେଶ ମଧ୍ୟରେ ରହିଥିବା ତିକ୍ତ ସମ୍ପର୍କ ସତ୍ତ୍ୱେ ଏମାନେ ଭାରତରେ ରହି ମିଳିମିଶି ଚଳିବା ସହିତ ପେସାରେ ଏକାଠି ଆଗେଇବା ଏକ ନିଆରା ଉଦାହରଣ ସୃଷ୍ଟି କରିଛି।

# ଏସିଆ କପ୍ : ଓମାନ୍‌କୁ ୨୧ ରନ୍‌ରେ ହରାଇଲା ଭାରତ

**ଦୁବାଇ**




ଏସିଆ କପ୍ କ୍ରିକେଟ୍‌ରେ ଓମାନ୍ ବେଶ୍ ଭଲ ଖେଳର ପ୍ରଦର୍ଶନ କରିଛି। ଭାରତ ମାତ୍ର ୨୧ ରନ୍‌ରେ ଏହି ମ୍ୟାଚ୍ ଜିତିବାରେ ସଫଳ ହୋଇଛି। ଭାରତ-ଓମାନ୍ ମ୍ୟାଚ୍‌ରେ ଭାରତ ପ୍ରଥମେ ବ୍ୟାଟିଂ କରି ୮ ଉ୍ୱିକେଟ୍ ବିନିମୟରେ ୨୦ ଓଭରରେ ୧୮୮ ରନ୍ କରିଥିଲା। ସାମସନ୍ ୪୫ଟି ବଲ୍‌ରେ ସର୍ବାଧିକ ୫୬ ରନ୍ କରିଥିଲେ। ଅଭିଷେକ ଶର୍ମା ୩୮, ତିଳକ ବର୍ମା ୨୯ ଏବଂ ଇକ୍ସର ୨୬ ରନ୍ କରିଥିଲେ।

ଓମାନ୍‌ର ବୋଲର ଶାହା ଫୈସାଲ୍, ଜିତେନ୍ ରାମାନନ୍ଦି ଓ ଅମିର କାଲିମ୍ ୨ଟି ଲେଖାଏଁ ଉ୍ୱିକେଟ୍ ନେଇଥିଲେ। ଓମାନର ବ୍ୟାଟରମାନେ ବେଶ୍ ଭଲ ଖେଳ ପ୍ରଦର୍ଶନ କରିଥିଲେ। ଏହାର ଅଧିନାୟକ ଜଶିନ୍ଦର ସିଂ ୩୨ ରନ୍ କରି କୁଲଦୀପଙ୍କ ବଲ୍‌ରେ ବୋଲ୍ଡ ହୋଇଥିଲେ। ଅମୀର କାଲିମ୍ ସର୍ବାଧିକ ୬୪ ରନ୍ କରିଥିଲେ। ହାମାଦ୍ ମୀର୍ଜା ୫୧ ରନ୍, ବିନାୟକ ଶୁକ୍ଳା ୧ ରନ୍ ଜିତେନ୍ ରାମାନନ୍ଦୀ ୧୨ ରନ୍ କରିଥିଲେ।

# କ୍ରୀଡ଼ା କୋଟାରେ ନିଯୁକ୍ତି ପାଇଛନ୍ତି ୧୯୨ ଜଣ ଖେଳାଳି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୧୯୨ ଜଣ କ୍ରୀଡ଼ାବିତ୍ ଖେଳ କୋଟାରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରୀ ବିଭାଗ ଓ ସଂସ୍ଥାରେ ନିଯୁକ୍ତି ପାଇଛନ୍ତି। ନିଯୁକ୍ତି ପାଇବାପାଇଁ ଆଉ ୯୨ଜଣ କ୍ରୀଡ଼ାବିତ୍ ଆବେଦନ କରି ଅପେକ୍ଷାରେ ରହିଥିବା ସୂଚନା ଦେଇଛନ୍ତି ରାଜ୍ୟ କ୍ରୀଡ଼ା ଓ ଯୁବବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ।

କ୍ରୀଡ଼ା କୋଟାରେ କ୍ରୀଡ଼ାବିତ୍‌ମାନଙ୍କ ନିଯୁକ୍ତି ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ପ୍ରଶ୍ନର ଉତ୍ତରରେ ରାଜ୍ୟ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ ବିଗତ ୫ବର୍ଷରେ ୧୯୨ ଜଣ କ୍ରୀଡ଼ାବିତ୍‌ଙ୍କୁ ରାଜ୍ୟ ସରକାରୀ ବିଭାଗ ଓ ଉଦ୍ୟୋଗଗୁଡିକରେ ନିଯୁକ୍ତି ପ୍ରଦାନ କରାଯାଇଛ। ନିଯୁକ୍ତି ପାଇଥିବା କ୍ରୀଡ଼ାବିତ୍‌ମାନଙ୍କ ମଧ୍ୟରେ ତୀରନ୍ଦାଜ ପୂର୍ଣ୍ଣିମା ହେମ୍ବ୍ରମ, ହକି ଖେଳାଳି ଲିଲିମା ମିଞ୍ଜ, ରଶ୍ମିତା ମିଞ୍ଜ ଓ ନୀଲମ ସଞ୍ଜିବ ସେସ, ଜଳ କ୍ରୀଡ଼ାବିତ୍ ସୁମିତ୍ରା ମଲ୍ଲିକ ପ୍ରମୁଖ ରହିଛନ୍ତି। ଏମାନଙ୍କ ସହିତ ଫୁଟବଲ, କ୍ରିକେଟ, କରାଟେ, ଟାକୋଣ୍ଡ, ଦୃଷ୍ଟିହୀନ ଚେସ୍, ପାରା ଆଥଲେଟ, ଭାରଉତ୍ତୋଳନ ଆଦିରେ ସଫଳ କ୍ରୀଡ଼ାବିତ୍‌ମାନଙ୍କୁ ନିଯୁକ୍ତି ମିଳିଛି। ନୂତନ ଭାବେ ନିଯୁକ୍ତି ପାଇବାପାଇଁ ୯୨ଜଣ କ୍ରୀଡ଼ାବିତ୍ ଆବେଦନ କରିଛନ୍ତି ଏବଂ ସେମାନଙ୍କ ଦରଖାସ୍ତଗୁଡ଼ିକର ଯାଞ୍ଚ ଚାଲିଛି। ଯାଞ୍ଚ ସରିବାପରେ ନିୟମ ଅନୁଯାୟୀ ଯୋଗ୍ୟ କ୍ରୀଡ଼ାବିତ୍‌ମାନଙ୍କୁ ନିଯୁକ୍ତି ପ୍ରଦାନ ପାଇଁ ଯଥାଶୀଘ୍ର ପଦକ୍ଷେପ ନିଆଯିବ ବୋଲି ମନ୍ତ୍ରୀ କହିଛନ୍ତି।

# ୨୧ରେ କଳିଙ୍ଗ ଷ୍ଟାଡିୟମରେ ହେବ ବିଶାଳ ଗଣ ଦୌଡ଼ : ଜର୍ସି ଉନ୍ମୋଚନ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମଦିବସ ଅବସରରେ ଆସନ୍ତା ୨୧ତାରିଖ ସକାଳ ୭ଟା ସମୟରେ ଦେଶର ୭୫ଟି ସହରରେ ୧୦ଲକ୍ଷ ଯୁବକଙ୍କୁ ନେଇ ଗଣଦୌଡ଼ର ଆୟୋଜନ କରାଯାଇଛି। ଏହି ଗଣଦୌଡ଼ର ବାର୍ତ୍ତା ହେଉଛି 'ନିଶା ମୁକ୍ତ ଭାରତ'। ଏହିକ୍ରମରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମଠାରୁ ଜନତା ମଇଦାନ ପର୍ଯ୍ୟନ୍ତ ଏକ ବିଶାଳ ଗଣଦୌଡ଼ର ଆୟୋଜନ କରାଯାଇଛି। ଏହି ଗଣଦୌଡ଼କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପତାକା ଦେଖାଇ ଶୁଭାରମ୍ଭ କରିବେ।




ଶୁକ୍ରବାର ମୁଖ୍ୟମନ୍ତ୍ରୀ ଏହି ଗଣଦୌଡର ଜର୍ସି ଉନ୍ମୋଚନ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ଅବସରରେ ଏକ ମହତ ବାର୍ତ୍ତା ନେଇ ଆୟୋଜନ ହେଉଥିବା ଏହି ଗଣଦୌଡରେ ବିପୁଳ ସଂଖ୍ୟକ ଯୁବଗୋଷ୍ଠୀ, ଛାତ୍ରଛାତ୍ରୀ ସାମିଲ ହେବା ପାଇଁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ଅନୁରୋଧ କରିଛନ୍ତି।

# ପୁଣିଥରେ ଟିମ୍ ଇଣ୍ଡିଆ ପାଇଁ ଖେଳିବେ ଆର ଅଶ୍ୱିନ



**ନୂଆଦିଲ୍ଲୀ**

ଅନ୍ତର୍ଜାତୀୟ କ୍ରିକେଟ ଏବଂ ଆଇପିଏଲରୁ ଅବସର ନେଇଥିବା ଅଭିଜ୍ଞ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ ପୁଣି ଥରେ ଟିମ୍ ଇଣ୍ଡିଆ ପାଇଁ ଖେଳିବାର ଦେଖାଯିବେ। ଏଥର ଅଶ୍ୱିନ ୨୦୨୫ରେ ହେବାକୁ ଥିବା ହଂକଂ ସିକ୍ସେସ ଟୁର୍ଣ୍ଣାମେଣ୍ଟରେ ଟିମ୍ ଇଣ୍ଡିଆ ପାଇଁ ଖେଳିବେ। ହଂକଂ କ୍ରିକେଟ ଏକ ସୋସିଆଲ ମିଡିଆ ପୋଷ୍ଟରେ ଅଶ୍ୱିନଙ୍କ ଅଂଶଗ୍ରହଣକୁ ନିଶ୍ଚିତ କରିଛି। ଏହି ଟୁର୍ଣ୍ଣାମେଣ୍ଟ ନଭେମ୍ବର ୭ ରୁ ୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ।

ହଂକଂ କ୍ରିକେଟ ଇନଷ୍ଟାଗ୍ରାମରେ ଏକ ପୋଷ୍ଟ ଶେୟାର କରିଛି ଯେଉଁଥିରେ କ୍ୟାପସନ ଦିଆଯାଇଛି, 'କିମ୍ବଦନ୍ତୀ ଭାରତୀୟ ସ୍ପିନର ରବିଚନ୍ଦ୍ରନ ଅଶ୍ୱିନ (@rashwin99) ହଂକଂରେ ଧମାକା କରିବାକୁ ପ୍ରସ୍ତୁତ! ସେ ନଭେମ୍ବର ୭ ରୁ ୯ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା @hongkongsixes ୨୦୨୫ରେ ଟିମ୍ ଇଣ୍ଡିଆର ଏକ ପ୍ରମୁଖ ଅଂଶ ହେବେ। ଖେଳର ଦ୍ରୁତତମ ଏବଂ ସବୁଠାରୁ ମନୋରଞ୍ଜନକାରୀ ଫର୍ମାଟରେ ଅଶ୍ୱିନଙ୍କ ଯାଦୁ ଦେଖିବା ପାଇଁ ପ୍ରଶଂସକମାନେ ଏକ ବିରଳ ସୁଯୋଗ ପାଇବେ। ପ୍ରସ୍ତୁତ ହୁଅନ୍ତୁ!'

ଆର ଅଶ୍ୱିନ ଗତ ବର୍ଷ ଭାରତର ଅଷ୍ଟ୍ରେଲିଆ ଗସ୍ତ ସମୟରେ ସମସ୍ତ ପ୍ରକାରର ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିଲେ। ଗତ ମାସରେ ଇଣ୍ଡିଆନ ପ୍ରିମିୟର ଲିଗକୁ ବିଦାୟ ଦେବା ପରେ, ଏହି କିମ୍ବଦନ୍ତୀ ସ୍ପିନ ବୋଲର କହିଥିଲେ ଯେ ସେ ବିଶ୍ୱର ବିଭିନ୍ନ ଲିଗରେ ଖେଳିବା ପାଇଁ ଉପଲବ୍ଧ। ଆୟୋଜକମାନେ ଏକ ବିବୃତ୍ତିରେ କହିଛନ୍ତି, 'ଆଧୁନିକ କ୍ରିକେଟର ଶ୍ରେଷ୍ଠ ସ୍ପିନ ବୋଲରମାନଙ୍କ ମଧ୍ୟରୁ ଜଣେ ଭାବରେ ପରିଚିତ, ଅଶ୍ୱିନଙ୍କ ସାମିଲ ଏହି ଦ୍ରୁତ ଏବଂ ଆକ୍ସନ-ଭରା ବିଶ୍ୱସ୍ତରୀୟ ଟୁର୍ଣ୍ଣାମେଣ୍ଟରେ ଟିମ୍ ଇଣ୍ଡିଆର ଅଭିଯାନରେ ଅପାର ଗଭୀରତା, ଅଭିଜ୍ଞତା ଏବଂ ଷ୍ଟାର ପାୱାର ଯୋଡିଛି।'

ଅଶ୍ୱିନ କହିଛନ୍ତି, 'ଏହି ଫର୍ମାଟ ପାଇଁ ଏକ ଭିନ୍ନ ରଣନୀତି ଆବଶ୍ୟକ ଏବଂ ଏହା ଅତ୍ୟନ୍ତ ରୋମାଞ୍ଚକର ପ୍ରମାଣିତ ହେବ। ମୁଁ ମୋର ପୂର୍ବତନ ସାଥୀ ଖେଳାଳିମାନଙ୍କ ସହିତ ଖେଳିବାକୁ ଅପେକ୍ଷା କରିଛି। ମୁଁ ବିପକ୍ଷ ଦଳଗୁଡ଼ିକର କିଛି ଶ୍ରେଷ୍ଠ ଖେଳାଳିଙ୍କ ବିପକ୍ଷରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ମଧ୍ୟ ଉତ୍ସାହିତ। ଏହା ଆମ ପାଇଁ ଏକ ଭଲ ଚ୍ୟାଲେଞ୍ଜ ହେବ।'

ଅଶ୍ୱିନ ଜୁନ ୨୦୧୦ରୁ ଡିସେମ୍ବର ୨୦୨୪ ପର୍ଯ୍ୟନ୍ତ ଭାରତୀୟ ଦଳ ପାଇଁ ମୋଟ ୧୦୬ ଟେଷ୍ଟ, ୧୧୬ ଦିନିକିଆ ଏବଂ ୬୫ ଟି୨୦ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିଥିଲେ। ତାଙ୍କ ୧୪ ବର୍ଷର ଅନ୍ତର୍ଜାତୀୟ କ୍ୟାରିୟରରେ, ଅଶ୍ୱିନ ଟେଷ୍ଟରେ ୫୩୭, ଦିନିକିଆରେ ୧୫୬ ଏବଂ ଟି୨୦ ଆନ୍ତର୍ଜାତୀୟରେ ୭୨ ବ୍ୟାଟ୍ସମ୍ୟାନଙ୍କୁ ବିଦାୟ ଦେଇଥିଲେ। ସେ ୧୧୬ଟି ଦିନିକିଆ ମ୍ୟାଚରେ ଟେଷ୍ଟରେ ୩୫୦୩ ରନ ଏବଂ ୬୩ ଇନିଂସରେ ୭୦୭ ରନ କରିଥିଲେ।

# ସୂଚନା ଓ ଲୋକସମ୍ପର୍କ ବିଭାଗ ଉତ୍ତରାଞ୍ଚଳ ଉପ-ନିର୍ଦ୍ଦେଶକଙ୍କ ଦିନିକିଆ ବରଗଡ଼ ଗସ୍ତ



**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ବରଗଡ଼ ସୂଚନା ଓ ଲୋକସମ୍ପର୍କ ବିଭାଗ ଉତ୍ତରାଞ୍ଚଳ ଉପ-ନିର୍ଦ୍ଦେଶକ କଲ୍ୟାଣୀ ଦାସ ଦିନିକିଆ ବରଗଡ଼ ଜିଲ୍ଲା ଗସ୍ତରେ ଆସି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ତଥା ସୂଚନା କେନ୍ଦ୍ର ଏବଂ ପାଠାଗାର ନିରୀକ୍ଷଣ କରିଛନ୍ତି। ନିରୀକ୍ଷଣ ସମୟରେ କାର୍ଯ୍ୟାଳୟରେ ଥିବା ସମସ୍ତ କାର୍ଯ୍ୟ ପ୍ରକ୍ରିୟା ବିଷୟରେ ପଚାରି ବୁଝିବା ସହିତ କାର୍ଯ୍ୟାଳୟ ସମସ୍ତ ଦସ୍ତାବିଜ୍ ଯାଞ୍ଚ କରି କର୍ମଚାରୀମାନଙ୍କ ସହ ଆଗାମୀ କାର୍ଯ୍ୟ ପ୍ରଣାଳୀକୁ ତ୍ୱରାନ୍ୱିତ କରିବା ପାଇଁ ଦିଗ୍‌ଦର୍ଶନ ଦେଇ ଥିଲେ। ଏହାପରେ ସଂସ୍କୃତି ଭବନରେ ଥିବା ପାଠାଗାର ପରିଭ୍ରମଣ କରି ପାଠକଙ୍କ ସହ ଆଲୋଚନା କରିଥିଲେ ଏବଂ ପାଠକଙ୍କ ସୁବିଧା ପାଇଁ ଯଥା ସମ୍ଭବ କାର୍ଯ୍ୟ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଶ୍ରୀମତି ଦାସ ଜିଲ୍ଲା କାର୍ଯ୍ୟାଳୟର ସମସ୍ତ କାର୍ଯ୍ୟ ସୁଚାରୁ ରୂପେ ଚାଲିଥିବା ଅବଗତ ହୋଇ ସନ୍ତୋଷ ପ୍ରକାଶ କରିବା ସହ ଆହୁରି ଉନ୍ନତ ପ୍ରଣାଳୀରେ କାର୍ଯ୍ୟ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ନିରୀକ୍ଷଣ କାର୍ଯ୍ୟ ସମୟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସ୍ଲାଙ୍କ ସହିତ କାର୍ଯ୍ୟାଳୟର ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ସୋଆ କ୍ରିଆଟିଭୋର ବାର୍ଷିକ ଶାରଦୀୟ ଉତ୍ସବ 'ମା-୨୦୨୫' ଅନୁଷ୍ଠିତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ କୃଷି ବିଜ୍ଞାନ ମହାବିଦ୍ୟାଳୟର ସାମାଜିକ ଓ ସାଂସ୍କୃତିକ ଶାଖା 'କ୍ରିଆଟିଭୋ' ପକ୍ଷରୁ ବାର୍ଷିକ ଶାରଦୀୟ ଉତ୍ସବ 'ମା-୨୦୨୫' ଗୁରୁବାର କ୍ୟାମ୍ପସ୍ ୪ରେ ପାର୍ବଣର ବିଶେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ଉପସଭାପତି ଶାଶ୍ୱତି ଦାସ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କ୍ରିଆଟିଭୋର ଅଭିନବ ଉଦ୍ୟମକୁ ପ୍ରଶଂସା କରିବା ସହିତ ଆଗାମୀ ଦିନରେ ବିଶ୍ୱବିଦ୍ୟାଳୟ ସ୍ତରରେ ଛାତ୍ରଛାତ୍ରୀମାନଙ୍କ ଅଂଶଗ୍ରହଣ ଓ ସେମାନଙ୍କର ପ୍ରତିଭା ବିକାଶ ନିମନ୍ତେ ଉତ୍ସାହିତ କରିବା ସହିତ ଏଭଳି ଉଦ୍ୟମକୁ ରାଜ୍ୟସ୍ତରରେ ଆୟୋଜନ କରିବା ପାଇଁ ଉପଦେଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ, ମୁଖ୍ୟ ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ମୁଳା ଦାସ, ଛାତ୍ର ମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଞ୍ଜନ ଦାସ ଯୋଗ ଦେଇ ଉଦ୍‌ବୋଧନ ଦେବା ସହିତ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଇଏଏସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ସ୍ୱାଗତ ଭାଷଣ ଦେଇଥିବା ବେଳେ ପ୍ରଫେସର ବିବୁଧ ପରାଶର ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ଆଇଏଏସର ପ୍ରଫେସର ପ୍ରଭାତ କୁମାର ଷଡ଼ଙ୍ଗୀ ଓ ଡକ୍ଟର ଦୀପାଳି ଦାଶ ମଞ୍ଚ ସଂଯୋଜନା କରିଥିବା ବେଳେ କ୍ରିଆଟିଭୋର ଆବାହକ ଡକ୍ଟର ଭୁବନାନନ୍ଦ ଅଧିକାରୀ, ଲୋପାମୁଦ୍ରା ମହାନ୍ତି, ମାନସ ଦାସଙ୍କ ସଂଯୋଜନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅର୍ଥାତ୍ ଓଡ଼ିଶାର ପାରମ୍ପରିକ ଓଡ଼ିଶୀ, ଛଉ, ବାଘ ନାଚ, କେନ୍ଦେରା, ଦାସକାଠିଆ, ଚକୁଳିଆ ପଣ୍ଡା, ଚଢ଼େଇଆ, ସମ୍ବଲପୁରୀ ଆଦି ଲୋକକଳା ମଧ୍ୟ ପ୍ରଦର୍ଶିତ ହୋଇଥିଲା। ବିଶ୍ୱଜିତ ମିଶ୍ର, ଡକ୍ଟର ରାକେଶ ଶତପଥୀ, ଡକ୍ଟର ବିଦ୍ୱାନ ରଞ୍ଜନ ସାହୁ, ଡକ୍ଟର ରାମକୃଷ୍ଣ ବସ୍ତିଆ, ଡକ୍ଟର ବିଷ୍ଣୁପ୍ରିୟା ପାତ୍ର, ଡକ୍ଟର ଏସ୍.ପି ମୋନାଲିସା ଓ ଡକ୍ଟର ସୁବ୍ରତ ସେନାପତି ଉତ୍ସବକୁ ପରିଚାଳନା କରିଥିଲେ।

# ଜିଲ୍ଲାସ୍ତରୀୟ 'ଆସ ସ୍କୁଲ ଯିବା' ପଦଯାତ୍ରା ଉଦ୍‌ଘାଟିତ




**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ସମଗ୍ର ଶିକ୍ଷା ଆନୁକୂଲ୍ୟରେ ଜଗତସିଂହପୁର ଜିଲ୍ଲାସ୍ତରୀୟ 'ଆସ ସ୍କୁଲ ଯିବା' ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରେଭିନ୍ୟୁ ଡିଭିଜନାଲ କମିଶନର (ସେଣ୍ଟ୍ରାଲ ଡିଭିଜନ, କଟକ) ଗୁହା ପୁନମ୍, ତାପସ୍ କୁମାର ଓ ଜଗତସିଂହପୁର ମହାମହିମ ଜିଲ୍ଲାପାଳ ଜେ. ସୋନାଲ ଉପସ୍ଥିତ ରହି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ମଧ୍ୟରେ ଥିବା ମହାମାନବ ମାନଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପରେ ସମଗ୍ର ଶିକ୍ଷା ଜଗତସିଂହପୁର ତରଫରୁ ଅତିଥି ମାନଙ୍କୁ ପୁଷ୍ପଗୁଚ୍ଛ ଓ ବ୍ୟାଚ୍ ପ୍ରଦାନ ପୂର୍ବକ ସ୍ୱାଗତ କରାଯାଇଥିଲା। ଏହାପରେ ଜଗତସିଂହପୁର ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପରେଶ ଚନ୍ଦ୍ର ପାତ୍ର ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ ହୋଇଥିବା ପିଲାମାନଙ୍କର ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜଗତସସିଂହପୁର ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସମ୍ବିତ କୁମାର ରାଉତ ଓ (ସାଧାରଣ) ଜ୍ୟୋତି ଶଙ୍କର ରାୟ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରିଣୀ ପ୍ରତିଟୀ ତନୟା ମହାନ୍ତି, ଜଗତସିଂହପୁର ମଣ୍ଡଳ ଶିକ୍ଷାଧିକାରିଣୀ ମଧୁସ୍ମିତା ପତି, ବିରିଡ଼ି ମଣ୍ଡଳ ଶିକ୍ଷାଧିକାରୀ ମିହିର କୁମାର ପାଲ, ଜଗତସିଂହପୁର ମଣ୍ଡଳ ସହ ଶିକ୍ଷାଧିକାରିଣୀ ଅନୁସୂୟା ଭୋଇ ଓ କନକଲତା ଦାସ ଉପସ୍ଥିତ ଥିଲେ। ଇତ୍ୟବସରରେ ଶିକ୍ଷାର ମୁଖ୍ୟସ୍ରୋତରେ ସାମିଲ ହୋଇଥିବା ପିଲାମାନଙ୍କୁ ଉପହାର ପ୍ରଦାନ କରାଯାଇଥିଲା। ପରେ ପରେ ଅତିଥିମାନଙ୍କ ଦ୍ୱାରା ପତାକା ଦେଖାଇ ଜିଲ୍ଲାସ୍ତରୀୟ 'ଆସ ସ୍କୁଲ ଯିବା' ଶିକ୍ଷା ସଚେତନତା ପଦଯାତ୍ରାର ଉଦ୍‌ଘାଟନ କରାଯାଇଥିଲା। ଏହି ପଦଯାତ୍ରା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ବାହାରି ଚାଟରା ଓ ପାଣିଶାଳିଆ ଗ୍ରାମ ପରିକ୍ରମା କରିଥିଲା। ବିଦ୍ୟାଳୟର ଏନ.ସି.ସି ସ୍କାଉଟ୍, ଗାଇଡ୍, ଶିକ୍ଷାର୍ଥୀ, ଶିକ୍ଷକ, ଶିକ୍ଷୟିତ୍ରୀ, ଗୋଷ୍ଠୀ ସଦସ୍ୟ, ପରିଚାଳନା କମିଟିର ସଦସ୍ୟ, ସମସ୍ତ ସି.ଆର.ସି.ସି, ସମଗ୍ର ଶିକ୍ଷା ଓ ବ୍ଲକ ଶିକ୍ଷା କାର୍ଯ୍ୟାଳୟର କର୍ମଚାରୀ ପ୍ଲାକାର୍ଡ଼ ଧରି 'ଆସ ସ୍କୁଲ ଯିବା' ସଂପର୍କିତ ସ୍ଲୋଗାନ ଦେଇ ପଦଯାତ୍ରାକୁ ଆଗେଇ ନେଇଥିଲେ।

# ଗାନ୍ଧୀଛକରେ ସଡ଼କ ଦୁର୍ଘଟଣା : ଯୁବକ ମୃତ



**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ବରଗଡ଼ ଗାନ୍ଧିଛକରେ ଶୁକ୍ରବାର ସକାଳ ୮ ଘଣ୍ଟା ସମୟରେ ଏକ ଘରୋଇ ବସ୍ ଓ ବାଇକ୍ ମଧ୍ୟରେ ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣାଟି ଏତେ ଜୋର ହୋଇଥିଲା ଯେ ଘଟଣା ସ୍ଥଳରେ ବାଇକ୍ ଚାଳକର ମୃତ୍ୟୁ ଘଟିଥିଲା। ମୃତ ଯୁବକ ଜଣକ ହେଲେ ବରଗଡ଼ ବ୍ଲକ ଉପକଣ୍ଠ ସରସରା ଗ୍ରାମର ଅଞ୍ଜନ ମହାନନ୍ଦ (୩୨)। ଗତ ବର୍ଷ ଅଞ୍ଜନ ବାହା ହୋଇଥିବା ବେଳେ ଗତ ସାତଦିନ ତଳେ ତାଙ୍କର ଏକ ଶିଶୁପୁତ୍ର ଜନ୍ମଲାଭ କରିଥିଲା, ଯାହାକୁ ଗୁରୁବାର ଚିକିତ୍ସାଳୟରୁ ଘରକୁ ନେଇଛନ୍ତି। ଅଞ୍ଜନ ବରଗଡ଼ରେ ଏକ ଚାର୍ଟାଡ଼ ଆକାଉଣ୍ଟାଣ୍ଟ ପାଖରେ କାମ କରନ୍ତି। ସରସରା ଗ୍ରାମରୁ ପ୍ରତ୍ୟେକଦିନ ପରି ଶୁକ୍ରବାର ମଧ୍ୟ କାମ କରିବା ପାଇଁ ଆସିଥିଲେ ଅଞ୍ଜନ। ଦୁର୍ଘଟଣା ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ଅଞ୍ଜନଙ୍କୁ ପ୍ରଥମେ ସହର ମଧ୍ୟରେ ରହିଥିବା ପୁରୁଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିବା ବେଳେ ବିଭାଗୀୟ ଡାକ୍ତର ନୂତନ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣା ସ୍ଥଳରେ ବରଗଡ଼ ଟାଉନ ପୋଲିସ ପହଞ୍ଚି ଶବ ଜବତ କରିବା ସହିତ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ସୂଚନା ମିଳିଛି।

# ଯାଜପୁର ରୋଡ ଆଦର୍ଶ ଥାନା ଓ ପ୍ରେସ କ୍ଲବ୍‌ର ବୃକ୍ଷରୋପଣ କାର୍ଯ୍ୟକ୍ରମ

**ବ୍ୟାସନଗର, ନ୍ୟୁଜ୍‌ବ୍ୟୁରୋ**

ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନ୍ମ ଦିବସ ପାଳନ ଉପଲକ୍ଷେ ସାରା ଦେଶରେ ମା ପାଇଁ ଗଛ ଟିଏ (ଏକ ପେଡ୍ ମା କେ ନାମ) କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି ଅବସରରେ ଯାଜପୁର ରୋଡ୍ ଆଦର୍ଶ ଥାନା ଓ ପ୍ରେସ କ୍ଲବ, ଯାଜପୁର ରୋଡ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ପୋଲିସ କଲୋନୀ କ୍ୟାମ୍ପସରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯାଜପୁର ରୋଡ୍ ଏସଡିପିଓ ଲକ୍ଷ୍ମୀଧର ସ୍ୱାଇଁ ଏହି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଯାଜପୁର ରୋଡ ଥାନା ଅଧିକାରୀ ଆଶିଷ କୁମାର ସାହୁଙ୍କ ନେତୃତ୍ୱରେ ସବଇନିସପେକ୍ଟର ଲିଙ୍ଗରାଜ ବେହେରା, ବିଶ୍ୱନାଥ ବଳ, ମିନି ଭୋଇ, ଜହର ଅବେଦିନ, ମାନସ ସାହୁ, ଏଏସଆଇ ହରେକୃଷ୍ଣ ସ୍ୱାଇଁ, ଗୃହଲକ୍ଷ୍ମୀ ପଟ୍ଟନାୟକ, ପ୍ରଭଞ୍ଜନ ଜେନା, ଜଗନ୍ନାଥ ଜେନା ଓ ପ୍ରୋବେସନାଲ ସବ୍ ଇନିସପେକ୍ଟର ଯାଜ୍ଞସିନି ବଳ, ରୋଜାଲିନ ବରାଳ, ସଂକେତ ପଲାଇ, ସୁଧାଂଶୁ ଶେଖର, ସୁଦାମ ବାରିକ, ବିକାଶ ନାଏକ, ଲକ୍ଷ୍ମଣ ହେମ୍ବ୍ରମ ପ୍ରମୁଖ ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ଏଥିରେ ସ୍ଥାନୀୟ ପୋଲିସ ସହିତ ପ୍ରେସକ୍ଲବ, ଯାଜପୁର ରୋଡ୍‌ର କର୍ମକର୍ତ୍ତା ଓ ସଦସ୍ୟମାନେ ଯୋଗଦେଇ ପୋଲିସ କଲୋନୀ କ୍ୟାମ୍ପସରେ ଗଛ ଲଗାଇ ଥିଲେ। ପୋଲିସ ଓ ସାମ୍ବାଦିକମାନେ ଆଗାମୀ ଦିନରେ ମିଳିତ ଉଦ୍ୟମରେ ବ୍ୟାସନଗର ସହରକୁ ଗ୍ରୀନ ସିଟିରେ ପରିଣତ କରିବା ପାଇଁ ସହରରେ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ବ୍ୟାପକ କରିବା ପାଇଁ ଶପଥ ନେଇଥିଲେ। ପ୍ରେସକ୍ଲବ ସଭାପତି ସୁଜିତ୍ କୁମାର ମଲ୍ଲିକଙ୍କ ନେତୃତ୍ୱରେ ସାଧାରଣ ସମ୍ପାଦକ ସଞ୍ଜୟ କୁମାର ଖଣ୍ଡାଇ, ଉପସଭାପତି ପ୍ରଭୁଦତ୍ତ ମହାନ୍ତି, ଜନ୍ମେଜୟ ଦାଶ, ବିଶ୍ୱଜିତ୍ କର, ସମ୍ପାଦକ ପ୍ରତାପ ଦାସ, ସାମ୍ବାଦିକ ଶୁଭାଶିଷ ଦାସ, ଶୁଭାଶିଷ ରାଉତ, ଚନ୍ଦ୍ରକାନ୍ତ ପତି, ସୁଲଭ ଭୂତିଆ ପ୍ରମୁଖ ଯୋଗଦେଇ ବୃକ୍ଷ ଚାରା ରୋପଣ କରିଥିଲେ। ପରିବେଶ ସନ୍ତୁଳନ ରକ୍ଷାକରିବା ଓ ଏହାର ସୁରକ୍ଷା ପାଇଁ ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ ରହିଛି। ପ୍ରତ୍ୟେକ ନାଗରିକ ଏଥିପ୍ରତି ଯତ୍ନବାନ ହେଲେ ଏକ ସବୁଜିମାମୟ ସୁସ୍ଥ ପରିବେଶ ଗଠନ କରାଯାଇ ପାରିବ ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ। ସେପଟେ ଗ୍ଲୋବାଲ ୱାର୍ମିଂକୁ ରୋକିବା ପାଇଁ ବ୍ୟାପକ ବୃକ୍ଷରୋପଣର ଆବଶ୍ୟକତା ରହିଛି ଏବଂ ଏଥିପାଇଁ ଲୋକଙ୍କୁ ଅଧିକ ସଚେତନ କରାଯିବା ଦରକାର ବୋଲି ଏସଡିପିଓ ଶ୍ରୀ ସ୍ୱାଇଁ କହିଛନ୍ତି।

# 'ପ୍ରତ୍ୟେକ ବ୍ୟକ୍ତି ଗଛଟିଏ ଲଗାଇ ତା'ର ଯତ୍ନ ନେବାର ଆବଶ୍ୟକତା ରହିଛି'




**ଧାମନଗର, ନ୍ୟୁଜ୍‌ବ୍ୟୁରୋ**

ଧାମନଗର ପୂଜ୍ୟ ପୂଜା ସାଂସ୍କୃତିକ ପରିଷଦ ପକ୍ଷରୁ ଖଡ଼ିପଦା ପଞ୍ଚାୟତର କାବେଶ୍ୱର ମହାଦେବ ମନ୍ଦିର ପରିସରରେ ଚାରା ରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ପରେ ଖଡ଼ିପଦା ସ୍ଥିତ ଧୀରେନ୍ଦ୍ର ନାରାୟଣ ଲାଇବ୍ରେରୀ ପରିସରରେ ପରିଷଦ ପକ୍ଷରୁ ପରିବେଶ ସୁରକ୍ଷା ଓ ଆମ ଦାୟିତ୍ୱ ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପରିଷଦର ଉପସଭାପତି ହୃଦାନନ୍ଦ କରଙ୍କ ସଂଯୋଜନାରେ ଏବିଇ ଓ ମନୋଜ କୁମାର ଜେନା, ଧାମନଗର ମହାବିଦ୍ୟାଳୟର ଅଧ୍ୟକ୍ଷ ଅଜୟ କୁମାର ବେଜ, ପୂର୍ବତନ ଏବିଇଓ ଭୋଳାନାଥ ସାହୁ, ଶିକ୍ଷାବିତ୍ କୃତିବାସ ତ୍ରିପାଠୀ, କାନ୍ତ ସାହିତ୍ୟ ପରିଷଦ ସମ୍ପାଦକ ସଚ୍ଚିକାନ୍ତ ପଣ୍ଡା, ଶିକ୍ଷାବିତ୍ ଅଭୀମନ୍ୟୁ ମଲିକ, ପ୍ରିୟ ରଂଜନ ସାମଲ, ଦାମୋଦର ନନ୍ଦ, ଅରୂପ ନନ୍ଦ, ପ୍ରଭାତ ତ୍ରିପାଠୀ, ବିଶ୍ୱ ନାଥ ଦାସ, ବାସୁଦେବ ପରିଡ଼ା, ବିଜୟ ଶଙ୍କର, ନାୟକ, ସୁବାଷ ନନ୍ଦ, କୁଳମଣି ବେହେରା, ରତ୍ନାକର ପୃଷ୍ଟି, ରାକେଶ ନନ୍ଦ ପ୍ରମୁଖ ଯୋଗ ଦେଇ ପରିବେଶ ସୁରକ୍ଷା ପାଇଁ ଆମର ଦାୟିତ୍ୱ ଅନେକ। ପ୍ରତ୍ୟେକ ବ୍ୟକ୍ତି ଜୀବନ କାଳ ମଧ୍ୟରେ ଗଛଟିଏ ଲଗାଇବା ସହ ସେହି ଗଛକୁ ବଞ୍ଚାଇ ରଖିବା ଦାୟିତ୍ୱ ରହିଛି ବୋଲି ବକ୍ତାମାନେ କହିଥିଲେ। ଏହି ଅବସରରେ ସମାଜସେବୀ ଡାକ୍ତର ବିକାଶ ନାରାୟଣ ନନ୍ଦକୁ ସେବା ପାଇଁ ପରିଷଦ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ କବିତା ପାଠ ମଧ୍ୟ କରାଯାଇଥିଲା। ପରିଷଦର ସମ୍ପାଦକ ପ୍ରଦୀପ କୁମାର ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ପ୍ରଶାନ୍ତ କୁମାର ସାହୁ, ବିଶ୍ୱଜିତ ପଲାଇ, ସରୋଜ ଖୁଣ୍ଟିଆ, ଭଗବାନ ଦାସ, ଅନିଲ ଘଡ଼େଇ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଶେଷରେ ପରିଷଦର ଉପଦେଷ୍ଟା କୃଷ୍ଣ ଚନ୍ଦ୍ର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ବରିଷ୍ଠ ନାଗରିକମାନଙ୍କ ଦ୍ୱିତୀୟ ତୀର୍ଥଯାତ୍ରା ଯୋଜନାର ଶୁଭାରମ୍ଭ

**ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ**

ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ଅନ୍ତର୍ଗତ ୫ଟି ଜିଲ୍ଲାର ୭୭୫ ତୀର୍ଥଯାତ୍ରୀ ଓ ୨୫ଜଣ ଏସ୍କର୍ଟ ଆଯୋଧ୍ୟା ଓ ବାରାଣସୀ ଅଭିମୁଖେ ଯାତ୍ରା କରିଛନ୍ତି। ଏହି ଦ୍ୱିତୀୟ ତୀର୍ଥଯାତ୍ରା କାର୍ଯ୍ୟକ୍ରମରେ ଓଡ଼ିଶାର ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦେଇ ତୀର୍ଥ ଟ୍ରେନର ଉଦ୍‌ଘାଟନ କରିଥିଲେ। ସମସ୍ତ ତୀର୍ଥଯାତ୍ରୀଙ୍କୁ ମା' ଅଧିଷ୍ଠାତ୍ରୀ ବୁଢ଼ୀ ଠାକୁରାଣୀ ପୀଠରୁ ବାହାରି ପବିତ୍ର ଗଙ୍ଗା ଘାଟ, ବାରାଣସୀର ଶୈବ ପୀଠ, ଗଙ୍ଗା ଆଳତି, କାଶୀ ବିଶ୍ୱନାଥ ପରିଦର୍ଶନ କରିବେ। ଶ୍ରୀ ରାମ ଲାଲଙ୍କ ସାନ୍ନିଧ ଲାଭ କରି ନିଜର ମନସ୍କାମନା ପୂରଣ କରି ଫେରିବେ ବୋଲି କହିଥିଲେ। ୫ ରାତି ଓ ଛଅ ଦିନ ଯାତ୍ରାର ସୁଖମୟ ହେଉ ବୋଲି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ କାମନା କରିଥିଲେ। ସାଥିରେ ଯାଉଥିବା ଏସ୍କର୍ଟ ଅଧିକାରୀମାନଙ୍କୁ ତୀର୍ଥଯାତ୍ରୀଙ୍କ ଯେପରି କୌଣସି ଅସୁବିଧା ନହେବ ସେଥିପ୍ରତି ଧ୍ୟାନ ଦେବାକୁ ଅନୁରୋଧ କରିଥିଲେ।



ବ୍ରହ୍ମପୁର ରେଳ ଷ୍ଟେସନରୁ ଏହାର ଶୁଭାରମ୍ଭ କରାଯାଇଥିଲା। ଗଞ୍ଜାମ, ଗଜପତି, ବୌଦ୍ଧ, ନୟାଗଡ଼ ଓ କନ୍ଧମାଳର ତୀର୍ଥଯାତ୍ରୀ ଯାତ୍ରା କରିଛନ୍ତି। ଗଜପତି ଜିଲ୍ଲାରୁ ୭୨, ନୟାଗଡ଼ରୁ ୧୧୯, କନ୍ଧମାଳରୁ ୯୧, ବୌଦ୍ଧରୁ ୫୫ ଓ ଗଞ୍ଜାମରୁ ୪୩୮ ଜଣ ତୀର୍ଥଯାତ୍ରୀ ସାମିଲ ହୋଇଛନ୍ତି। ବ୍ରହ୍ମପୁର ରେ ଗୁରୁବାର ରାତ୍ରିରେ ରେଳ ଷ୍ଟେସନ ନିକଟସ୍ଥ ଗୁରୁକୁଳ ସ୍କୁଲରେ ସ୍ୱାଗତ କରି ସେମାନଙ୍କର ରହଣି, ସ୍ୱାସ୍ଥ୍ୟ ପରୀକ୍ଷା, ଖାଦ୍ୟପେୟ, ଭୋଜନ ସନ୍ଧ୍ୟା ଇତ୍ୟାଦି ସମସ୍ତ ସୁବିଧାର ବ୍ୟବସ୍ଥା ଜିଲ୍ଲା ପ୍ରଶାସନ ତରଫରୁ କରାଯାଇଥିଲା।

ଏହି କାର୍ଯ୍ୟକ୍ରମରେ ଗଞ୍ଜାମ ଜିଲ୍ଲାପାଳ ଶ୍ରୀ କୀର୍ତ୍ତିବାସନ୍ ସ୍ୱାଗତ ଭାଷଣରେ ତୀର୍ଥର ଆନନ୍ଦ ଉଠାଇ ମନ ଓ ଶରୀରକୁ ପ୍ରଫୁଲ୍ଲିତ ରଖିବାକୁ ପରାମର୍ଶ ଦେଇଥିଲେ ଏବଂ ଯାତ୍ରାର ଶୁଭକାମନା କରି ଥିଲେ। ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ଡ. ସର୍ବଣ ବିବେକ ଏମ୍, ବ୍ରହ୍ମପୁର ମହାନଗର ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ପର୍ଯ୍ୟଟନ ବିଭାଗର ଅତିରିକ୍ତ ଶାସନ ସଚିବ ଡ. ରୁଦ୍ର ନାରାୟଣ ଦାସ, ଜିଲ୍ଲା ସଭାପତି ସରୋଜ ସାବତ ମଞ୍ଚାସୀନ ଥିଲେ। ପର୍ଯ୍ୟଟନ ଅଧିକାରୀ ପାର୍ଥ ସାରଥୀ ହାଂସଦା ଧନ୍ୟବାଦ୍ ଅର୍ପଣ କରିଥିଲେ।

ଭୁବନେଶ୍ୱର
୨୦ ସେପ୍ଟେମ୍ବର,
ଶନିବାର, ୨୦୨୫
RNI Regd. No. : 52640/94
Postal Regd. No. :
BN/60/25-27

# ଦୟା ଓ ସହାନୁଭୂତିଶୀଳତା ସମାଜ ପରିବର୍ତ୍ତନର ଚାବିକାଠି : ରାଜ୍ୟପାଳ

ଭୁବନେଶ୍ୱର, ୧୯।୯
ନ୍ୟୁଜ୍‌ବ୍ୟୁରୋ



ଦୟା ଓ ସହାନୁଭୂତିଶୀଳତା ସମାଜ ପରିବର୍ତ୍ତନର ଚାବିକାଠି ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି କହିଛନ୍ତି।ଶୁକ୍ରବାର ରମା ଦେବୀ ବିଶ୍ୱବିଦ୍ୟାଳୟଠାରେ 'ଥିଓସୋଫିକାଲ ଅର୍ଡର ଅଫ୍ ସର୍ଭିସ'ର ଦ୍ୱାଦଶ ଆଞ୍ଚଳିକ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି। ଥିଓସୋଫିକାଲ ଅର୍ଡର ଅଫ୍ ସର୍ଭିସ, ଓଡ଼ିଶା ରିଜିଅନ ଏବଂ ରମା ଦେବୀ ବିଶ୍ୱବିଦ୍ୟାଳୟର ଦର୍ଶନ ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସମାରୋହରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ, ପରିବାର, ସମାଜ ଏବଂ ରାଷ୍ଟ୍ରକୁ ପୁନଃନିର୍ମାଣ କରିବାରେ ଦୟା ଓ ସହାନୁଭୂତି ହେଉଛି ଜୀବନ୍ତ ଶକ୍ତି। ସମସ୍ତେ ପ୍ରେମ ଓ ସେବାର ସେତୁ ନିର୍ମାଣ କରିବାକୁ ରାଜ୍ୟପାଳ ଆହ୍ୱାନ ଜଣାଇ ସେବା, ଜ୍ଞାନ ଏବଂ କରୁଣାକୁ ପୋଷଣ କରି ସଂକୀର୍ଣ୍ଣ ସ୍ୱାର୍ଥର ଊର୍ଦ୍ଧ୍ୱରେ ରହି ସତ୍ୟ, ସମନ୍ୱୟ ଓ ସାର୍ବଜନୀନ ଭ୍ରାତୃତ୍ୱକୁ ଭିତ୍ତିକରି ଆଗାମୀ ପିଢ଼ି ଗଠନ ପାଇଁ ଆୟୋଜକମାନଙ୍କ ପ୍ରୟାସକୁ ପ୍ରଶଂସା କରିଥିଲେ। ସମ୍ମିଳନୀର ଶୀର୍ଷକ "କାନ୍ଥ ନୁହେଁ, ସେତୁ ନିର୍ମାଣରେ ଦୟା ଓ ସହାନୁଭୂତି" ସଂପର୍କରେ ରାଜ୍ୟପାଳ ଆଲୋକପାତ କରି କହିଥିଲେ ଯେ, ଦ୍ରୁତ ପ୍ରଯୁକ୍ତିବିଦ୍ୟାର ପରିବର୍ତ୍ତନ ଏବଂ ଭୌତିକ ପ୍ରଗତି ପ୍ରାୟତଃ ନୈତିକ ଏବଂ ଆଧ୍ୟାତ୍ମିକ ମୂଲ୍ୟବୋଧକୁ ଛାଇ ହୋଇ ରହିଥାଏ। ନିଃସ୍ୱାର୍ଥପର ସେବା ଜାରି ରଖି ଗରିବ, ରୋଗୀ ଏବଂ ଅବହେଳିତ ଲୋକଙ୍କ ନିକଟରେ ପହଞ୍ଚିବା ସହିତ ପରିବେଶ ଓ ଜୀବଜଗତଙ୍କ ପ୍ରତି ଦୟା ପ୍ରଦର୍ଶନ ପୂର୍ବକ ମାନବ ଜୀବନର ଉଚ୍ଚ ଆଦର୍ଶକୁ ବଜାୟ ରଖିବା ପାଇଁ କହିଥିଲେ।

ଥିଓସୋଫିକାଲ ଅର୍ଡର ଅଫ ସର୍ଭିସର ଜାତୀୟ ନିର୍ଦ୍ଦେଶକ କେ. ଶିବ ପ୍ରସାଦ ମୁଖ୍ୟ ବକ୍ତା ଭାବେ ଏହି ସମାରୋହରେ ବକ୍ତବ୍ୟ ପ୍ରଦାନ କରିଥିବାବେଳେ ପ୍ରାରମ୍ଭରେ ଓଡ଼ିଶା ରିଜିଅନ ଅଧ୍ୟକ୍ଷା ଡ. ଦୀପା ପାଢ଼ୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ଏକ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଏତଦ୍‌ବ୍ୟତୀତ ବିଭିନ୍ନ ପ୍ରତିଯୋଗୀତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିବା ବେଳେ ନିଃସ୍ୱାର୍ଥପର ସେବା କ୍ଷେତ୍ରରେ ପୁରସ୍କାର ପ୍ରଦାନ କରାଯାଇଥିଲା।



ଭୁବନେଶ୍ୱର : ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନ ଅବସରରେ ଟିଟିଲାଗଡ଼ରେ ମେଗା ରକ୍ତଦାନ ଶିବିର ଆୟୋଜନ କରି ରେକର୍ଡ ୧୪୦୪ ୟୁନିଟ୍ ରକ୍ତ ସଂଗ୍ରହ କରିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିଧାନସଭା କାର୍ଯ୍ୟାଳୟ ପ୍ରକୋଷ୍ଠରେ ଟିଟିଲାଗଡ଼ ବିଧାୟକ ନବୀନ ଜୈନଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି। (ଫଟୋ : ସମ୍ବାଦ କଳିକା)

# ୪୭୪ ପଞ୍ଜୀକୃତ ଅସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳକୁ ବାଦ୍ ଦେଲେ ନିର୍ବାଚନ ଆୟୋଗ

ଭୁବନେଶ୍ୱର, ୧୯।୯
ନ୍ୟୁଜ୍‌ବ୍ୟୁରୋ




ନିର୍ବାଚନ ବ୍ୟବସ୍ଥାକୁ ସଫା କରିବା ପାଇଁ ଏକ ବ୍ୟାପକ ଏବଂ ନିରନ୍ତର ରଣନୀତିର ଅଂଶ ସ୍ୱରୂପ, ନିର୍ବାଚନ ଆୟୋଗ୨୦୧୯ ମସିହାରୁ ନିରନ୍ତର ୬ ବର୍ଷ ଧରି ଗୋଟିଏ ବି ନିର୍ବାଚନ ଲଢ଼ିବାର ଜରୁରୀ ସର୍ତ୍ତ ପୂରଣ କରିବାରେ ବିଫଳ ହୋଇଥିବା ପଞ୍ଜୀକୃତ ଅଣସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳ (ଆରୟୁପିପି)କୁ ଚିହ୍ନଟ ଏବଂ ତାଲିକାରୁ ବାହାର କରିବା ପାଇଁ ଦେଶବ୍ୟାପୀ ପ୍ରୟାସ ଜାରି ରହିଛି। ଏହି ପ୍ରୟାସର ପ୍ରଥମ ପର୍ଯ୍ୟାୟରେ ନିର୍ବାଚନ ଆୟୋଗ ଅଗଷ୍ଟ ୯, ୨୦୨୫ରେ ୩୩୪ଟି ଆରୟୁପିପିକୁ ତାଲିକାରୁ ବାହାର କରିଥିଲା।

ଦ୍ୱିତୀୟ ପର୍ଯ୍ୟାୟରେ ସେପ୍ଟେମ୍ବର ୧୮, ୨୦୨୫ରେ ଆଉ ୪୭୪ ଟି ଆରୟୁପିପିକୁ ତାଲିକାରୁ ନିର୍ବାଚନ ଆୟୋଗ ବାହାର କରିଥିଲା। ଏହିପରି ଗତ ୨ ମାସରେ ୮୦୮ଟି ଆରୟୁପିପିକୁ ତାଲିକାରୁ ବାହାର କରାଯାଇଛି। ଏପରି ୩୫୯ଟି ଆରୟୁପିପି ଚିହ୍ନଟ କରାଯାଇଛି, ଯେଉଁମାନେ ଗତ ତିନି ଆର୍ଥିକ ବର୍ଷ (ଅର୍ଥାତ୍ ୨୦୨୧-୨୨, ୨୦୨୨-୨୩, ୨୦୨୩-୨୪)ରେ ନିର୍ଦ୍ଧାରିତ ସମୟ ମଧ୍ୟରେ ସେମାନଙ୍କର ବାର୍ଷିକ ଅଡିଟେଡ୍ ଆକାଉଣ୍ଟ ଦାଖଲ କରିନାହାନ୍ତି ଏବଂ ନିର୍ବାଚନ ଲଢ଼ିଛନ୍ତି କିନ୍ତୁ ନିର୍ବାଚନ ଖର୍ଚ୍ଚ ରିପୋର୍ଟ ଦାଖଲ କରିନାହାଁନ୍ତି। ଏଗୁଡ଼ିକ ଦେଶର ୨୩ଟି ଭିନ୍ନ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳରୁ ଆସିଛି। କୌଣସି ଦଳକୁ ଅଯଥା ତାଲିକାଭୁକ୍ତ ନକରିବା ସୁନିଶ୍ଚିତ କରିବା ପାଇଁ, ସମ୍ପୃକ୍ତ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ମାନଙ୍କୁ ଏହି ଆରୟୁପିପି ଗୁଡ଼ିକୁ କାରଣ ଦର୍ଶାଅ ନୋଟିସ୍ ଜାରି କରିବାକୁ ନିର୍ଦ୍ଦେଶ ଦିଆଯାଇଛି, ଯାହା ପରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ଦଳଗୁଡ଼ିକୁ ଏକ ବ୍ୟକ୍ତିଗତ ଶୁଣାଣିର ସୁଯୋଗ ଦିଆଯିବ। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ରିପୋର୍ଟ ଆଧାରରେ ନିର୍ବାଚନ ଆୟୋଗ ଯେକୌଣସି ଆରୟୁପିପିକୁ ତାଲିକାଭୁକ୍ତ କରିବାର ଚୂଡ଼ାନ୍ତ ନିଷ୍ପତ୍ତି ନେବେ।

ଦେଶର ରାଜନୈତିକ ଦଳଗୁଡ଼ିକ (ଜାତୀୟ/ରାଜ୍ୟ/ଆରୟୁପିପି) ଲୋକ ପ୍ରତିନିଧିତ୍ୱ ଆଇନ ୧୯୫୧ର ଧାରା ୨୯(କ)ର ବ୍ୟବସ୍ଥା ଅନୁଯାୟୀ ଭାରତ ନିର୍ବାଚନ ଆୟୋଗ (ଇସିଆଇ) ରେ ପଞ୍ଜୀକୃତ। ଆଇନର ବ୍ୟବସ୍ଥା ଅନୁଯାୟୀ, ଯେକୌଣସି ସଂଘ ଥରେ ରାଜନୈତିକ ଦଳ ଭାବରେ ପଞ୍ଜୀକୃତ ହୋଇଗଲେ, ପ୍ରତୀକ, ଟିକସ ଛାଡ଼ ଭଳି କିଛି ସୁବିଧା ପାଆନ୍ତି। ରାଜନୈତିକ ଦଳଗୁଡ଼ିକର ପଞ୍ଜୀକରଣ ପାଇଁ ନିର୍ଦ୍ଦେଶାବଳୀରେ ଉଲ୍ଲେଖ ଅଛି ଯେ ଯଦି ଦଳ ୬ ବର୍ଷ ଧରି ନିରନ୍ତର ନିର୍ବାଚନ ଲଢ଼ି ନଥାଏ, ତେବେ ଦଳକୁ ପଞ୍ଜୀକୃତ ଦଳ ତାଲିକାରୁ ବାଦ୍ ଦିଆଯିବ।

## ଏସଡିଜି ଲକ୍ଷ୍ୟକୁ ଆଗକୁ ବଢ଼ାଇବା ପାଇଁ

# କିଟ୍-କିସ୍ ଓ ୟୁନେସ୍କୋ ଏମଜିଆଇଇପି ମଧ୍ୟରେ ବୁଝାମଣା

ଭୁବନେଶ୍ୱର, ୧୯।୯
ନ୍ୟୁଜ୍‌ବ୍ୟୁରୋ



ଜାତିସଂଘ ଶତତ ବିକାଶ (ଏସଡିଜି) ୪.୭ର ଲକ୍ଷ୍ୟକୁ ଆଗକୁ ବଢ଼ାଇବା ପାଇଁ ୟୁନେସ୍କୋ ମହାତ୍ମା ଗାନ୍ଧୀ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଜୁକେସନ୍ ଫର ପିସ୍ (ଏମଜିଆଇଇପି) ଓ କିଟ୍-କିସ୍ ମଧ୍ୟରେ ଏକ ସହଯୋଗ ଚୁକ୍ତି ସ୍ୱାକ୍ଷର ହୋଇଯାଇଛି। ଶୁକ୍ରବାର ନୂଆଦିଲ୍ଲୀଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ଓ ୟୁନେସ୍କୋ ଏମଜିଆଇଇପି ନିର୍ଦ୍ଦେଶକ ପ୍ରଫେସର ଓବିଜିଓଫର ଅଗିନମଙ୍କ ଉପସ୍ଥିତିରେ ଏହି ବୁଝାମଣା ସ୍ୱାକ୍ଷର ହୋଇଥିଲା। ଏହି ସହଯୋଗିତା ମାଧ୍ୟମରେ ଉଭୟ ପକ୍ଷ ସାମାଜିକ, ଭାବପ୍ରବଣ ଶିକ୍ଷା (ଏସଇଏଲ), ଗଣମାଧ୍ୟମ ଏବଂ ସୂଚନା ସାକ୍ଷରତା କ୍ଷେତ୍ରରେ ପ୍ରଭାବୀ ପାଠ୍ୟକ୍ରମର ବିକାଶ ସହିତ ଏସଡିଜି ଆହ୍ୱାନର ମୁକାବିଲା ପାଇଁ ଯୁବ ନେତୃତ୍ୱାଧୀନ ଗୋଷ୍ଠୀ ପ୍ରକଳ୍ପ ଆରମ୍ଭ କରିବାରେ ସହଯୋଗ କରିବେ।

ଏହି ସହଯୋଗ ଯୁବଗୋଷ୍ଠୀ ମଧ୍ୟରେ ସହାନୁଭୂତି, ସଚେତନତା, ସହଯୋଗ ଏବଂ ସମାଲୋଚନାମୂଳକ ଚିନ୍ତାଧାରାକୁ ପ୍ରୋତ୍ସାହିତ କରିବା ପାଇଁ ଏକ ସହଭାଗୀ ପ୍ରତିବଦ୍ଧତାକୁ ପ୍ରତିଫଳିତ କରିବ। ବିଶେଷ କରି ଶାନ୍ତିପୂର୍ଣ୍ଣ ଏବଂ ସ୍ଥାୟୀ ସମାଜ ଗଠନ ଦିଗରେ ଯୁବଗୋଷ୍ଠୀ ପାଇଁ ଆବଶ୍ୟକ କୌଶଳଗୁଡ଼ିକ ଉପରେ ସେମାନଙ୍କୁ ସଚେତନ କରାଯିବ। ଏକ ଉନ୍ନତ ବିଶ୍ୱ ଗଠନ ପାଇଁ ଶିକ୍ଷା ହେଉଛି ସବୁଠାରୁ ଶକ୍ତିଶାଳୀ ମାଧ୍ୟମ ବୋଲି ବିଶ୍ୱାସ କରି ଆମେ ଏକାଠି ଆଗକୁ ବଢ଼ୁଛୁ ବୋଲି ଉଭୟ ପକ୍ଷରୁ କୁହାଯାଇଛି। ଅନ୍ୟ ପକ୍ଷରେ ୟୁନେସ୍କୋ ଏମଜିଆଇଇପି ନିର୍ଦ୍ଦେଶକ ପ୍ରଫେସର ଓବିଜିଓଫର ଅଗିନମଙ୍କ ନେତୃତ୍ୱରେ ୟୁନେସ୍କୋ ଏମଜିଆଇଇପି ଦ୍ୱାରା ଆୟୋଜିତ 'ଭାରତରେ ଶାନ୍ତି ପାଇଁ ଶିକ୍ଷା' ଉପରେ ଗୋଲଟେବୁଲ ବୈଠକରେ ଡ. ଅଚ୍ୟୁତ ସାମନ୍ତ ଅଂଶଗ୍ରହଣ କରି ସାମାଜିକ ବିକାଶରେ ଶିକ୍ଷାର ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏସଡିଜି ୪.୭ ଅନୁରୂପ ଶାନ୍ତିପୂର୍ଣ୍ଣ, ସ୍ଥାୟୀ ଏବଂ ସ୍ଥାୟୀ ସମାଜ ଗଠନ ପାଇଁ ଶିକ୍ଷା କିପରି ସହାନୁଭୂତି, ମାନବିକ ମୂଲ୍ୟବୋଧ ଏବଂ ସମାଲୋଚନାମୂଳକ ଚିନ୍ତାଧାରାକୁ ପ୍ରୋତ୍ସାହିତ କରିପାରିବ ତା' ଉପରେ ଆଲୋଚନା କରାଯାଇଥିଲା।

## ଜାଲ୍ ସାର୍ଟିଫିକେଟ୍ ଦେଇ ଚାକିରିରୁ ନିଲମ୍ବନ ହେଲେ ୪୨୪ ଶିକ୍ଷକ

ଭୁବନେଶ୍ୱର, ୧୯।୯
ନ୍ୟୁଜ୍‌ବ୍ୟୁରୋ

ଜାଲ ସାର୍ଟିଫିକେଟରେ ଚାକିରି କରି ନିଲମ୍ବନ ହୋଇଛନ୍ତି ଶିକ୍ଷକ। ୪୨୪ ଜଣ ଶିକ୍ଷକଙ୍କୁ ଚାକିରିରୁ ବହିଷ୍କୃତ କରିଛି ଗଣଶିକ୍ଷା ବିଭାଗ। ବାଲେଶ୍ୱର ଜିଲ୍ଲାରେ ୨୦ ଜଣ ପ୍ରାଥମିକ ଶିକ୍ଷକ ଓ ଶିକ୍ଷୟତ୍ରୀ ଜାଲ ସାର୍ଟିଫିକେଟ ଦେଇ ଚାକିରି କରି ୧୬ ଜଣ ହୋଇଛନ୍ତି ବହିଷ୍କାର। ବିଧାନସଭାରେ ବିଜେଡି ବିଧାୟିକା ସୁଭାଷିନୀ ଜେନାଙ୍କ ପ୍ରଶ୍ନରେ ଲିଖିତ ଉତ୍ତର ଦେଲେ ଗଣ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ।

## ୧ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ସହ କାର୍ ଜବତ : ୬ ଗିରଫ

ବାରିପଦା, ୧୯।୯:ନ୍ୟୁଜ୍‌ବ୍ୟୁରୋ



ଗଞ୍ଜେଇ ଚୋରା ଚାଲାଣ ବେଳେ ପୁଲିସ ହାତରେ ଧରା ପଡ଼ିଛନ୍ତି। ବାଙ୍ଗିରିପୋଷି ଥାନା ପୁଲିସ ଦ୍ୱାରା ପାଟ୍ରୋଲିଂ ବେଳେ ୧ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ କରାଯାଇଥିବା ବେଳେ ୬ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗଞ୍ଜେଇ ବେପାରୀଙ୍କ ପେଣ୍ଠସ୍ଥଳ ପାଲଟିଛି ମୟୂରଭଞ୍ଜ। ଗଞ୍ଜେଇ ଚୋରା ଚାଲାଣ ପାଇଁ ମୟୂରଭଞ୍ଜକୁ ସୁରକ୍ଷିତ ସ୍ଥାନ ଭାବୁଛନ୍ତି ମାଫିଆ। ଏଥିନେଇ ବାଙ୍ଗିରିପୋଷି ଥାନା ଅଧିକାରୀ ବିରେନ୍ଦ୍ର କୁମାର ସେନାପତି ସୂଚନା ଦେଇଛନ୍ତି। ସୂଚନା ମୁତାବକ କିଛି ଦିନ ହେଲା ଜାତୀୟ ରାଜପଥରେ କଡ଼ାକଡ଼ି ଯାଞ୍ଚ ପ୍ରକ୍ରିୟା ଜାରି ରହିଥିଲା। ବାଙ୍ଗିରିପୋଷି ଥାନା ପୁଲିସ କୌଣସି ବିଶେଷ ସୂତ୍ରରୁ ଖବର ପାଇ ଶୁକ୍ରବାର ଅପରାହ୍ଣରେ ପାଟ୍ରୋଲିଂ ସମୟରେ ସନ୍ଦେହ ହେବାରୁ ଏକ କାର୍‌କୁ ଦ୍ୱାରଶୁଣି ଘାଟି ମଧ୍ୟରେ ଅଟକାଇ ଥିଲେ। କିନ୍ତୁ ତାହା ନ ଅଟକି ଖସି ଯାଇଥିଲା। ପୁଲିସ କାର୍‌କୁ ପିଛା କରିବାରୁ ଗାଡ଼ି ଚାଳକ ଦ୍ରୁତଗତିରେ ଆସି ଘାଟି ତଳେ ଥିବା ଦୋଳଗୋବିନ୍ଦ ମନ୍ଦିର ନିକଟରେ ଛିଡ଼ାହୋଇଥିବା ଏକ ଟ୍ରକ୍‌କୁ ଧକ୍କା ଦେଇଥିଲା। ପିଛା କରୁଥିବା ପୁଲିସ ଟିମ୍ କାର୍‌କୁ ଅଟକାଇ ଯାଞ୍ଚ କରିବାରୁ ଗାଡ଼ିରୁ ୧କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ କରାଯାଇଛି। ଗଞ୍ଜେଇ ଗାଡ଼ିକୁ ସହଯୋଗ କରୁଥିବା ଅନ୍ୟ ଏକ କାର୍ ଚାଳକ ଓ ସହଯୋଗୀ ଫେରାର ହେବାକୁ ଚେଷ୍ଟା କରୁଥିବା ବେଳେ ପୁଲିସ ଟିମ୍ ମାଡ଼ି ବସିଥିଲେ। ଉକ୍ତ କାର୍ ଦୁଇଟିକୁ ଘଟଣାସ୍ଥଳରୁ ବାଙ୍ଗିରିପୋଷି ଥାନାକୁ ଅଣାଯାଇଥିଲା। ଗିରଫ ଅଭିଯୁକ୍ତମାନେ ଫୁଲବାଣୀ ଜିଲ୍ଲାର ବୋଲି ସୂଚନା ମିଳିଛି।

## ଭିଜିଲାନ୍ସ ଜାଲରେ କାଶୀପୁର ରେଞ୍ଜର

ଭୁବନେଶ୍ୱର, ୧୯।୯
ନ୍ୟୁଜ୍‌ବ୍ୟୁରୋ

ଭିଜିଲାନ୍ସ ଜାଲରେ ରାୟଗଡ଼ା କାଶୀପୁର ରେଞ୍ଜର ଅନ୍ତର୍ଯ୍ୟାମୀ ସାହୁ। ଆୟ ବହିର୍ଭୁତ ସମ୍ପତ୍ତି ଠୁଳ କରିବା ଅଭିଯୋଗରେ ରାୟଗଡା ଜିଲ୍ଲାର ରାୟଗଡା ଫରେଷ୍ଟ ଡିଭିଜନ ଅନ୍ତର୍ଗତ କାଶୀପୁର ଫରେଷ୍ଟ ରେଞ୍ଜର ଫରେଷ୍ଟ ରେଞ୍ଜ ଅଫିସର ଅନ୍ତର୍ଯ୍ୟାମୀ ସାହୁଙ୍କ ଘରେ ଭିଜିଲାନ୍ସ ରେଡ୍ କରିଛି। ଏହି ଚଢ଼ଉରେ ଓଡ଼ିଶା ଭିଜିଲାନ୍ସର ୭ଜଣ ଡିଏସପି, ୭ ଇନସପେକ୍ଟର, ୯ଜଣ ଏଏସଆଇ ଓ ଅନ୍ୟ ଷ୍ଟାଫ୍ ସାମିଲ ହୋଇଛନ୍ତି। ଜୟପୁରର ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତିଙ୍କ ୱାରେଣ୍ଟ ବଳରେ କନ୍ଧମାଳ, ଗଞ୍ଜାବ, ନୟାଗଡ଼ ଓ ରାୟଗଡ଼ା ଜିଲ୍ଲାର ୯ଟି ସ୍ଥାନରେ ରେଡ୍ କରାଯାଇଛି।

## ଅନ୍ତର୍ଜାତୀୟ ବନ୍ୟପ୍ରାଣୀ ମାଗାଜିନରେ ସ୍ଥାନ ପାଇଲା ଶିମିଳିପାଳର କଳା ବାଘ

ବାରିପଦା, ୧୯।୯
ନ୍ୟୁଜ୍‌ବ୍ୟୁରୋ



ଅନ୍ତର୍ଜାତୀୟ ନ୍ୟାସନାଲ ଜିଓଗ୍ରାଫି ମାଗାଜିନରେ ମୟୂରଭଞ୍ଜ ଜିଲ୍ଲାର ବନ୍ୟପ୍ରାଣୀ ସ୍ଥାନ ପାଇଛନ୍ତି। ଶିମିଳିପାଳର କଳା ବାଘକୁ ତାହାର କଭର ପେଜରେ ସ୍ଥାନିତ କରାଯାଇଛି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ପରିଚିତ ଥିବା ବେଳେ କଳା ବାଘ ମଧ୍ୟ ଏଠାରେ ଦେଖିବାକୁ ମିଳିଥାଏ। ଯାହାକୁ ନେଇ ଅନ୍ତର୍ଜାତୀୟ ସ୍ତରରେ ଚର୍ଚ୍ଚା ହେଲାଣି। ଅକ୍ଟୋବର ୨୦୨୫ ମାଗାଜିନରେ ଏହା ସ୍ଥାନ ପାଇଛି। ଯେଉଁ ଫଟୋ କି ଭାରତୀୟ ଫଟୋଗ୍ରାଫର ପ୍ରସନଜିତ ଯାଦବ ଶିମିଳିପାଳ ଅଭୟାରଣ୍ୟ ମଧ୍ୟରେ ଉତ୍ତୋଳନ କରିଥିଲେ। ଏହା ଓଡ଼ିଶା ତଥା ମୟୂରଭଞ୍ଜ ନିମନ୍ତେ ଅନେକ ଗୌରବ କଥା ଅଟେ। ଶିମିଳିପାଳରେ କେବଳ ଏହି ମେଲାନଷ୍ଟିକ ପ୍ରଜାତିର କଳା ବାଘ ଦେଖିବାକୁ ମିଳିଥାଏ। ଏହାର ବିକାଶ ନିମନ୍ତେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାରିପଦାର ମଞ୍ଜାବନ୍ଧାରେ ଦେଶର ପ୍ରଥମ ଏକ କଳା ବାଘ ସଫାରି ପ୍ରତିଷ୍ଠା କରିବା ନିମନ୍ତେ ଗତ ଜାନୁଆରୀ ୨୦୨୪ରେ ଘୋଷଣା କରିଥିଲେ।

# ଏସ୍‌ସି ଏସ୍‌ଟି ବିଭାଗ ଅଧୀନ ବିଦ୍ୟାଳୟରେ ପଢ଼ୁଛନ୍ତି ୪ ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ

ଭୁବନେଶ୍ୱର, ୧୯।୯
ନ୍ୟୁଜ୍‌ବ୍ୟୁରୋ



ଅନୁସୂଚିତ ଜାତି ଏବଂ ଜନଜାତି କଲ୍ୟାଣ ଓ ପଛୁଆବର୍ଗ ବିକାଶ ବିଭାଗ ଅଧୀନରେ ଥିବା ବିଦ୍ୟାଳୟରେ ୪ଲକ୍ଷରୁ ଅଧିକ ଛାତ୍ରଛାତ୍ରୀ ପାଠ ପଢ଼ୁଛନ୍ତି। ବିଭାଗ ଅଧୀନରେ ଥିବା ୧୭୬୫ଟି ବିଭିନ୍ନ କିସମର ବିଦ୍ୟାଳୟରେ ଏହି ଛାତ୍ରଛାତ୍ରୀମାନେ ପଢ଼ୁଥିବା ସୂଚନା ଦେଇଛନ୍ତି ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ।

ଏସ୍‌ସି ଏସ୍‌ଟି ବିଭାଗ ଅଧୀନରେ ଥିବା ବିଦ୍ୟାଳୟରେ ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କ ନିଯୁକ୍ତି ସଂକ୍ରାନ୍ତରେ ବିଜେପି ବିଧାୟକ ଟଙ୍କଧର ତ୍ରିପାଠୀ ପଚାରିଥିବା ଏକ ପ୍ରଶ୍ନର ଉତ୍ତରରେ ବିଭାଗୀୟ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି ଯେ ବିଭାଗ ଅଧୀନରେ ବର୍ତ୍ତମାନ ବିଭିନ୍ନ କିସମର ମୋଟ ୧୭୬୫ ଶିକ୍ଷାନୁଷ୍ଠାନ ରହିଛି। ଏଥି ମଧ୍ୟରେ ୪୩୬ଟି ଆଶ୍ରମ ବିଦ୍ୟାଳୟ, ୭୬୯ଟି ସେବାଶ୍ରମ ବିଦ୍ୟାଳୟ, ୧୮୯ଟି ବାଳିକା ହାଇସ୍କୁଲ ଓ ୨୪୩ଟି ହାଇସ୍କୁଲ ରହିଛି।

ଏହିସବୁ ବିଦ୍ୟାଳୟରେ ୪,୩୮,୨୩୮ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ଏହିସବୁ ବିଦ୍ୟାଳୟ ପାଇଁ ମୋଟ ୧୧,୫୧୪ଟି ମଞ୍ଜୁରୀପ୍ରାପ୍ତ ଶିକ୍ଷକ ଓ ଅଣଶିକ୍ଷକ ପଦବୀ ଥିବାବେଳେ ଏଥିରେ ମାତ୍ର ୩୪୧୩ ଜଣ କାର୍ଯ୍ୟରତ ଅଛନ୍ତି। ବିଦ୍ୟାଳୟ ଗୁଡିକ ପାଇଁ ୨୧୦୮ଟି ମଞ୍ଜୁରୀ ପ୍ରାପ୍ତ ତାଲିମପ୍ରାପ୍ତ ସ୍ନାତକ ଶିକ୍ଷକ ପଦବୀ ଥିବାବେଳେ ଏଥିରେ ୧୪୮ଜଣ ଶିକ୍ଷକ ଅଛନ୍ତି। ସେହିଭଳି ୬୧୭ଟି ସ୍ନାତକୋତ୍ତର ଶିକ୍ଷକ ପଦବୀରେ ୧୪୦ଜଣ କାର୍ଯ୍ୟରତ ଅଛନ୍ତି। ୬୪୮୭ଟି ସେବକ/ସେବିକା ପଦବୀରେ ୨୦୪୩ଜଣ କାର୍ଯ୍ୟରତ ଥିବା ମନ୍ତ୍ରୀ ତାଙ୍କ ଉତ୍ତରରେ ଉଲ୍ଲେଖ କରିଛନ୍ତି।

# ରାଜ୍ୟରେ ନଭେମ୍ବରରୁ ଜାନୁଆରୀ ପର୍ଯ୍ୟନ୍ତ ଆୟୋଜନ ହେବ କୃଷି ଯାନ୍ତ୍ରୀକିକରଣ ମେଳା

ଭୁବନେଶ୍ୱର, ୧୯।୯
ନ୍ୟୁଜ୍‌ବ୍ୟୁରୋ

ରାଜ୍ୟରେ କୃଷି ପଦ୍ଧତିକୁ ଉନ୍ନତ କରିବା, ଉତ୍ପାଦକତା ବୃଦ୍ଧି କରିବା ଏବଂ ଚାଷୀଙ୍କୁ ସଶକ୍ତ କରିବା ପାଇଁ ଓଡ଼ିଶା ସରକାର କୃଷି ଯାନ୍ତ୍ରୀକିକରଣକୁ ସର୍ବାଧିକ ପ୍ରାଥମିକତା ଦେଉଛନ୍ତି। ଉପଲବ୍ଧ ତଥ୍ୟ ଅନୁଯାୟୀ, ୨୦୨୪-୨୫ ମସିହାରେ ଓଡ଼ିଶାରେ କୃଷି ବିଦ୍ୟୁତ୍ ଉପଲବ୍ଧତା ପ୍ରତି ହେକ୍ଟର ୨.୬୧ କିଲୋୱାଟକୁ ବୃଦ୍ଧି ପାଇଛି, ୨୦୩୬ ସୁଦ୍ଧା ଏହା ୩.୫୦ କିଲୋୱାଟ/ହେକ୍ଟର ଏବଂ ୨୦୪୭ ସୁଦ୍ଧା ୪.୫୦ କିଲୋୱାଟ/ହେକ୍ଟର ହେବ ବୋଲି ଆକଳନ କରାଯାଇଛି ଏବଂ ତଦନୁଯାୟୀ ରୋଡ୍‌ମ୍ୟାପ ପ୍ରସ୍ତୁତ ହେଉଛି।

ଚଳିତ ଆର୍ଥିକ ବର୍ଷ ପାଇଁ, ଚାଷୀମାନଙ୍କୁ ୧୨୦୦ କୋଟି ଟଙ୍କାର କୃଷି ଯନ୍ତ୍ରପାତି ବଣ୍ଟନ ପାଇଁ ୫୪୦ କୋଟି ଟଙ୍କାର ସବ୍‌ସିଡି ବଜେଟ୍ ସ୍ଥିର କରାଯାଇଛି। ଏଥିରେ, ସାଧାରଣ ବର୍ଗର ଚାଷୀମାନେ ୪୦% ସବ୍‌ସିଡି ପାଇବେ, ଅନୁସୂଚିତ ଜାତି/ଜନଜାତି, ମହିଳା ଏବଂ କ୍ଷୁଦ୍ର ଚାଷୀମାନେ ୫୦% ସବ୍‌ସିଡି ପାଇବେ। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକ ୭୫% ସବ୍‌ସିଡି ପାଇବାକୁ ହକଦାର ଏବଂ ଏଫଆରଏ ପଟ୍ଟାଧାରୀମାନେ କୃଷି ଯନ୍ତ୍ରପାତି ଉପରେ ୯୦% ସବ୍‌ସିଡି ପାଇବାକୁ ହକଦାର୍ ଅଟନ୍ତି।

ପ୍ରକ୍ରିୟାରେ ସ୍ୱଚ୍ଛତା ସୁନିଶ୍ଚିତ କରିବା ପାଇଁ, ଗୋ ସୁଗମ ମାଧ୍ୟମରେ ଅନଲାଇନ୍ ଆବେଦନ, ସବସିଡିର ପ୍ରତ୍ୟକ୍ଷ ଲାଭ ସ୍ଥାନାନ୍ତର, ଆଗୁଆ ଦେୟ ପାଇଁ ୫୦,୦୦୦ ଟଙ୍କା ପର୍ଯ୍ୟନ୍ତ ଇ-ରୁପି ଭାଉଚର ଓ ଉପକରଣଗୁଡ଼ିକର ଅନନ୍ୟ ଚିହ୍ନଟ ଏବଂ ଟ୍ରାସେବିଲିଟି ପାଇଁ ଏସୟୁଆଇସି କୋଡ୍ ସମେତ ଅନେକ ଡିଜିଟାଲ୍ ପଦକ୍ଷେପ ଆରମ୍ଭ କରାଯାଇଛି। ଏହି ପଦକ୍ଷେପଗୁଡ଼ିକ ବିଳମ୍ବ ରୋକିବା ସହିତ ଚାଷୀମାନଙ୍କୁ ସହଜରେ ଉନ୍ନତ ମେସିନ୍ ପାଇବାରେ ସାହାଯ୍ୟ କରୁଛି।

ବୈଠକରେ ଉଦ୍‌ବୋଧନ ଦେଇ କୃଷି ଓ କୃଷକ ସଶକ୍ତିକରଣ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ କହିଛନ୍ତି ଯେ ସାରା ଓଡ଼ିଶାରେ କୃଷି ଯାନ୍ତ୍ରୀକିକରଣ ମେଳା ଆୟୋଜନ ହେବ। ୪ ଗୋଟି ଆଞ୍ଚଳିକ ମେଳା (ସୋନପୁର, ମୟୂରଭଞ୍ଜ, ଗଜପତି ଓ ନବରଙ୍ଗପୁର), ୨୬ଟି ଜିଲ୍ଲାସ୍ତରୀୟ ମେଳା ଏବଂ ୨୮ଟି ଉପଖଣ୍ଡସ୍ତରରେ ମେଳା ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମଗୁଡ଼ିକ ଚାଷୀମାନଙ୍କୁ ସିଧାସଳଖ ନିର୍ମାତା, ଡିଲର, ସ୍ୱୟଂ ସହାୟକ ଗୋଷ୍ଠୀ, ଆର୍ଥିକ ପ୍ରତିଷ୍ଠାନ ଏବଂ ସରକାରୀ ସଂସ୍ଥା ସହିତ ସଂଯୋଗ କରିବ, ଆଧୁନିକ ଉପକରଣର ସହଜ ଉପଲବ୍ଧତା, ନୂତନ ପ୍ରଯୁକ୍ତିର ପ୍ରଦର୍ଶନ ଏବଂ ବିକ୍ରୟ ପରବର୍ତ୍ତୀ ସେବା ସୁନିଶ୍ଚିତ କରିବ।

# ଶିଳ୍ପୀଙ୍କ ମୁହଁରେ ହସ ଆଣିବ ବାଉଁଶ ମିଶନ୍ : ବିଶ୍ୱ ଦରବାରରେ ପହଞ୍ଚିବ ଓଡ଼ିଶାର ଉତ୍ପାଦ

ଭୁବନେଶ୍ୱର, ୧୯।୯
ନ୍ୟୁଜ୍‌ବ୍ୟୁରୋ

ବାଉଁଶ ଶିଳ୍ପୀଙ୍କ ମୁହଁରେ ହସ ଫୁଟାଇବେ ରାଜ୍ୟ ସରକାର। ସାରା ବିଶ୍ୱରେ ପହଞ୍ଚିବ ଓଡ଼ିଶାର ବାଉଁଶ ଶିଳ୍ପୀଙ୍କ ହସ୍ତଶିଳ୍ପ। ଏଣିକି ସରକାର ସିଧାସଳଖ ଶିଳ୍ପୀଙ୍କ ଦ୍ୱାରା ନିର୍ମିତ ବିଭିନ୍ନ ହସ୍ତଶିଳ୍ପ ସାମଗ୍ରୀ କିଣିବେ। ଏଥିପାଇଁ ଖୁବ୍‌ଶୀଘ୍ର ଇ-କମର୍ସ ପୋର୍ଟାଲ ତିଆରି କରାଯାଇ ଲୋକାର୍ପଣ ହେବ। ସରକାରଙ୍କ ଦ୍ୱାରା ରାଜ୍ୟର ବିଭିନ୍ନ ଶିଳ୍ପୀଙ୍କୁ ମନୋନୀତ କରାଯାଇ ସେମାନଙ୍କ ଉତ୍ପାଦକୁ କିଣାଯାଇ ପୋର୍ଟାଲ ମାଧ୍ୟମରେ ବିକ୍ରି କରାଯିବ। ଏହି ପଦକ୍ଷେପ ଦ୍ୱାରା ଆଉ କୌଣସି ଏନଜିଓ କିମ୍ବା ମଧ୍ୟସ୍ଥିମାନେ ବାଉଁଶ ଶିଳ୍ପୀଙ୍କ ଉତ୍ପାଦକୁ ମନଇଚ୍ଛା କିଣିପାରିବେ ନାହିଁ ବୋଲି ଓଡ଼ିଶା ବାଉଁଶ ବିକାଶ ପରିଷଦ (ଓବିଡିଏ) ପକ୍ଷରୁ କୁହାଯାଇଛି। ରାଜ୍ୟର ସମସ୍ତ ଜିଲ୍ଲାରେ ବାଉଁଶ କାରିଗର ରହିଛନ୍ତି। ଏଥିରେ ସ୍ୱୟଂ ସହାୟକ ମହିଳାଙ୍କ ସହ ବିଭିନ୍ନ ହସ୍ତଶିଳ୍ପୀମାନେ ମଧ୍ୟ ଜଡ଼ିତ ଅଛନ୍ତି। ବାଉଁଶରୁ ଫଟୋ ଫ୍ରେମ୍, ବାମ୍ବୋ ସିପ୍ କ୍ରାଫ୍ଟ, ଫୁଲ ଦାନି, ପଶୁପକ୍ଷୀଙ୍କ କଳାକୃତି, ବିଭିନ୍ନ ଠାକୁରଙ୍କ ପ୍ରତିମୂର୍ତ୍ତି, ହ୍ୟାଙ୍ଗିଂ ଲାଇଟ୍, ମନି ପ୍ଲାଣ୍ଟ ହ୍ୟାଙ୍ଗର ସହ ଚେୟାର, ବେଞ୍ଚ, ଟେବୁଲ ଆଦି ତିଆରି ହେଉଛି। ଏହି ସାମଗ୍ରୀକୁ ବିଭିନ୍ନ ଏନଜିଓମାନେ ଶାଗମାଛ ଦରରେ କିଣିନେଇଯାଆନ୍ତି ଓ ବିଭିନ୍ନ ବେପାରୀଙ୍କୁ ଅଧିକ ଟଙ୍କାରେ ବିକି ଦିଅନ୍ତି। ଫଳରେ ଶିଳ୍ପୀଙ୍କୁ ଠିକ୍ ଦର ମିଳିନଥାଏ। ତେଣୁ ମଧ୍ୟସ୍ଥିଙ୍କୁ ହଟାଇ ସରକାର ଶିଳ୍ପୀଙ୍କ ପାଖରେ ପହଞ୍ଚିବେ। ରାଜ୍ୟ ସରକାରଙ୍କ




'ବାଉଁଶ ମିଶନ୍' ଯୋଜନା ଅନ୍ତର୍ଗତ ଏବେ ଶିଳ୍ପୀଙ୍କ ଉତ୍ପାଦିତ ବାଉଁଶ ତିଆରି ହସ୍ତଶିଳ୍ପ ଅନଲାଇନ୍ ଯୋଗେ ବିକ୍ରି ହେବ। ଏଥିପାଇଁ ଓବିଡିଏ ସ୍ୱତନ୍ତ୍ର ଯୋଜନା ଆଣିଛି। ଓବିଡିଏର ନିଜସ୍ୱ ଅନଲାଇନ୍ ଇ-କର୍ମସ ପୋର୍ଟାଲରେ ହସ୍ତଶିଳ୍ପ ପ୍ରଦର୍ଶିତ ହେବ। ସେଥିରେ ଉକ୍ତ ସାମଗ୍ରୀକୁ ତିଆରି କରିଥିବା କ୍ଲଷ୍ଟର ଓ ଦର ରହିବ। ପ୍ରଥମ ପର୍ଯ୍ୟାୟରେ ଢେଙ୍କାନାଳ, ବାଲେଶ୍ୱର, ମୟୂରଭଞ୍ଜ ଓ କଟକ ଭଳି ୪ଟି ଜିଲ୍ଲାରୁ ବଛା ଯାଇଥିବା ୪ଟି କ୍ଲଷ୍ଟରରୁ ବାଉଁଶ ତିଆରି ହସ୍ତଶିଳ୍ପ କିଣାଯିବ। ପରବର୍ତ୍ତୀ ସମୟରେ ଅନ୍ୟ ଜିଲ୍ଲାରୁ କ୍ଲଷ୍ଟରକୁ ଚୟନ କରାଯିବା ସହ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟସ୍ତରୀୟ ଇ-କର୍ମସ ପୋର୍ଟାଲ ସହ ଯୋଡ଼ାଯିବ। ତେଣୁ ସାରା ବିଶ୍ୱରେ ଓଡ଼ିଶାର ବାଉଁଶ ହସ୍ତଶିଳ୍ପ ପହଞ୍ଚିବ। ଏଥିପାଇଁ ଓବିଡିଏ ସର୍ଭେ ଆରମ୍ଭ କରିଛି। ବାରିପଦାର ସଫଳ ବାଉଁଶ ଚାଷୀ ଗୋବିନ୍ଦ ମହାପାତ୍ର, ବାଲେଶ୍ୱରର ସରୋଜିନୀ ଦାଶ, ବାଙ୍କିର ଏକଦଶୀ ବାରିକ ପ୍ରମୁଖ ସରକାରଙ୍କ ଏଭଳି ପଦକ୍ଷେପକୁ ସ୍ୱାଗତ କରିଛନ୍ତି। ଏହି ଯୋଜନା ଶିଳ୍ପୀଙ୍କ ପାଇଁ ବୁଷ୍ଟରଡୋଜ୍ ହେବ ବୋଲି ସେମାନେ କହିଛନ୍ତି। ଅପରପକ୍ଷେ, ବାଉଁଶ ନର୍ସରୀକୁ ନେଇ ସରକାର ଚିନ୍ତାରେ ଅଛନ୍ତି। ସଂପ୍ରତି ରାଜ୍ୟରେ କୌଣସି ସରକାରୀ ବାଉଁଶ ନର୍ସରୀ ନାହିଁ। ଯାହା ଥିଲା ବନ୍ଦ ହୋଇଯାଇଛି। ତେଣୁ ଅଧିକ ନର୍ସରୀ ସୃଷ୍ଟି ପାଇଁ ଓବିଡିଏ 'ନର୍ସରୀ ଆକ୍ରିଡେସନ୍ କମିଟି' ତିଆରି କରିଛି। ଏହାମାଧ୍ୟମରେ ଘରୋଇ ନର୍ସରୀ ସହ ସରକାର ଯୋଡ଼ିହେବେ। ନର୍ସରୀକୁ ପ୍ରୋତ୍ସାହନ ମିଳିବ। ନିକଟରେ ବ୍ରହ୍ମପୁରରେ ଥିବା ଏକ ନର୍ସରୀକୁ ମାନ୍ୟତା ମିଳିଛି। ଚଳିତବର୍ଷ ସାରା ରାଜ୍ୟରେ ଥିବା ୧୦୦ ହେକ୍ଟର ଜମିରେ ବାଉଁଶ ଚାରା ରୋପଣ ଯୋଜନା ହୋଇଥିଲା। ହେଲେ ଚାରା ଅଭାବରୁ ମାତ୍ର ୫୦ ହେକ୍ଟରରେ ଚାରା ଲାଗିପାରିଛି।

## ରାଜ୍ୟର ୯ଟି ଜିଲ୍ଲାରେ ୩୨ ଛାତ୍ରୀ ନିର୍ଯାତନା ମାମଲା ରୁଜୁ

ଭୁବନେଶ୍ୱର, ୧୯।୯
ନ୍ୟୁଜ୍‌ବ୍ୟୁରୋ



ରାଜ୍ୟର ୯ଟି ଜିଲ୍ଲାରେ ଛାତ୍ରୀ ନିର୍ଯାତନାର ୩୨ ଟି ମାମଲା ରୁଜୁ ହେଇଛି। କନ୍ଧମାଳ ଜିଲ୍ଲାରେ ବାଲିଗୁଡ଼ା ସରକାରୀ ହାଇସ୍କୁଲରେ ସର୍ବାଧିକ ୧୧ଟି ମାମଲା ରହିଛି। ସେହିପରି ସୁନ୍ଦରଗଡ଼ର ଠାକୁରପାଲି ପୁଷ୍ପା ମଞ୍ଜରୀ ସରକାରୀ ହାଇସ୍କୁଲ, ଗୁରୁଣ୍ଡିଆ ବିରୋଧରେ ୨ଟି ଲେଖାଏଁ ମାମଲା ରହିଛି। ସେହିପରି ଅନୁଗୁଳ, ଢେଙ୍କାନାଳ, ଜଗତସିଂହପୁର, କଳାହାଣ୍ଡି, ମାଲକାନଗିରି, ମୟୂରଭଞ୍ଜ ଓ ନବରଙ୍ଗପୁର ଜିଲ୍ଲାରେ ଗୋଟାଏ ଲେଖାଏଁ ମାମଲା ରହିଛି। ଗଞ୍ଜାମ , କେନ୍ଦ୍ରାପଡ଼ା, ବାଲେଶ୍ୱର ଓ କେନ୍ଦୁଝର ଜିଲ୍ଲାରେ ଦୁଇଟି ଲେଖା ମାମଲା ରହିଛି। ଗୃହରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଲିଖିତ ଉତ୍ତର ଦେଇଛନ୍ତି।